

ବାହାହେଲେ ରଶିଦ୍ ଖାନ ପୃଷ୍ଠା ୬

# ସଂଚାର

THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 196 | ଭାଗ ୩୨ | ସଂଖ୍ୟା୧୯୬ | Bhubaneswar | Saturday 05 October 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୫ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ମିଲରଙ୍କୁ ତାଗିଦ

## ରିସାଇକ୍ଲିଂ କଲେ ହେବେ ବ୍ଲାକ୍‌ଲିଷ୍ଟ

- ଧାନ ସଂଗ୍ରହ ପ୍ରକ୍ରିୟାରେ ଆସିବ ସଂସ୍କାର
- ମଣ୍ଡିରେ ହଇରାଣ ହେବେନି ଚାଷୀ

**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ):** ଧାନ କିଣାରେ ସ୍ୱଚ୍ଛତା ପାଇଁ ବିଜେପି ସରକାରଙ୍କ କଡ଼ା ନିୟମ। ମଣ୍ଡିରେ ଆଉ ଚାଷୀ ମାନେ ଯେପରି ଶୋଷଣର ଶିକାର ହେବେ ନାହିଁ, ସେ ନେଇ ପଦକ୍ଷେପ ନିଆଯାଇଛି। ଧାନ ରିସାଇକ୍ଲିଂ କଲେ ସମ୍ପୃକ୍ତ ମିଲରଙ୍କୁ କଳା ତାଲିକାଭୁକ୍ତ କରାଯିବ। ଏ ନେଇ ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ। ଗ୍ରେନ୍ ଆନାଲାଇଜର ସାହାଯ୍ୟରେ



ଧାନର ମାନ ପରୀକ୍ଷା କରାଯିବ। ୪୮ ଘଣ୍ଟା ଭିତରେ ଧାନ କିଣା ପଇସା ଚାଷୀଙ୍କ ଆକାଉଣ୍ଟରେ ପହଞ୍ଚିବ । ୮୦୦ ଟଙ୍କା ବୋନସ୍ ସହ ଚାଷୀଙ୍କୁ ଆନୁସଙ୍ଗିକ ସୁବିଧା ଯୋଗାଇବାକୁ ସରକାର କରୁଛନ୍ତି ପ୍ରସ୍ତୁତି।

ବିଜେପି ରାଜରେ ଧାନ ମଣ୍ଡିରେ ଆଉ ଚାଲିବନି ମିଲଙ୍କ ମନମାନି। କଟନୀ ଛଟନୀ ନାଁରେ ଆଉ ଚାଷୀଙ୍କୁ କରିପାରିବେନି ଶୋଷଣ। କିମ୍ବା ପୋକରା ଚାଉଳକୁ ରିସାଇକ୍ଲିଂ କରି ଆଉ ଚାଷୀଙ୍କ ହକ୍ ମାରିପାରିବେନି ମିଲର। ଏଥିପାଇଁ କଠୋର ହେବାକୁ ଯାଉଛନ୍ତି ବିଜେପି ସରକାର। ଯୋଗାଣ ମନ୍ତ୍ରୀ କହିଛନ୍ତି ରିସାଇକ୍ଲିଂ କରୁଥିବା ଧରାପଡ଼ିଲେ ସଂପୃକ୍ତ ମିଲରଙ୍କୁ କରାଯିବ କଳା ତାଲିକାଭୁକ୍ତ ଏଥିସହ ଗୋଦାମ ➩ପୃଷ୍ଠା-୬

# ମାଓ ଦମନକୁ ଜବରଦସ୍ତ ସଫଳତା

**ରାୟପୁର, ୪।୧୦ (ସଂଚାର ବ୍ୟୁରୋ):** ଦଶହରା ପୂର୍ବରୁ ଛତିଶଗଡ଼ରେ ମାଓ ଦମନ କ୍ଷେତ୍ରରେ ସୁରକ୍ଷାକର୍ମୀଙ୍କୁ ବିପୁଳ ସଫଳତା ମିଳିଛି। ନାରାୟଣପୁର-ଦାନ୍ତେୱାଡା ସୀମା ଅବୁଜମାରରେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୬ ନକ୍ସଲ ପ୍ରାଣ ହରାଇଛନ୍ତି। ସଂଘର୍ଷ ସ୍ଥଳରୁ ୩୬ ମୃତଦେହ ଉଦ୍ଧାର ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଥିବାରୁ ଆହୁରି ଶବ ମିଳିବାର ସମ୍ଭାବନା ରହିଛି। ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବନ୍ଧୁକ ଜବତ କରାଯାଇଛି। ଅପରେସନ୍ ଚଳାଇଥିବା ସୁରକ୍ଷାକର୍ମୀମାନେ ସଂପୂର୍ଣ୍ଣ ନିରାପଦ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣା ପରେ



## ଏନ୍‌କାଉଣ୍ଟରରେ ୩୬ ସଫା

ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ପୋଲିସ ବାହିନୀକୁ ପ୍ରଶଂସା କରିବା ସହିତ ଅପରେସନ୍ ଜାରି ରହିଥିବା ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

ବରସୁର ଓ ଓର୍ଚ୍ଚା ଥାନା ଅଧୀନ ଗୋବେଲ, ନନ୍ଦୁର ଓ ଥୁଲଥୁଲି ଗାଁ ନିକଟସ୍ଥ ଜଙ୍ଗଲରେ ବିପୁଳ ସଂଖ୍ୟକ ମାଓବାଦୀ ଏକାଠି ହୋଇ ବଡ଼ଧରଣର ଆକ୍ରମଣ ଲାଗି ଷଡ଼ଯନ୍ତ୍ର କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ସୂଚନା ପାଇବା ପରେ ଜିଲ୍ଲା ରିଜର୍ଭ ଗାର୍ଡ(ଡିଆରଜି) ଓ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ପକ୍ଷରୁ ନକ୍ସଲ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଶୁକ୍ରବାର ଦିନ ପ୍ରାୟ ୧୨.୩୦ରେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ପକ୍ଷରୁ ମିଳିତ ଭାବେ ଆକ୍ରମଣ କରାଯାଇଥିଲା। ଥୁଲଥୁଲି ନିକଟ ଜଙ୍ଗଲରେ ନକ୍ସଲପନ୍ଥୀମାନେ ପୁଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ। ପୋଲିସ ପକ୍ଷରୁ ମଧ୍ୟ ଜବାବ ଦିଆଯାଇଥିଲା। ପ୍ରାୟ ୩ ଘଣ୍ଟା ଉଭୟ ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଯାଞ୍ଚ ଚାଲିଥିବା ବେଳେ ଜଙ୍ଗଲର ➩ପୃଷ୍ଠା-୬

## ଲେବାନନ୍‌ରେ ଶରଣାର୍ଥୀ ଶିବିର ଭରପୂର

**ମିଳିତ ଜାତିସଂଘ, ୪।୧୦:** ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୟଙ୍କର ରୂପନେବାରେ ଲାଗିଛି। ଲେବାନନ ଓ ଇସ୍ରାଏଲ୍ ପକ୍ଷରୁ ପରସ୍ପର ଉପରେ ରକେଟ୍ ଓ ମିଜାଇଲ ମାଡ଼ ପରେ ଉଭୟ ଦେଶର ବ୍ୟାପକ କ୍ଷତି ଘଟିଛି। ହଜାରହଜାର ଜନତା ବାସହୀନ ହୋଇ ଆଶ୍ରୟ ସ୍ଥଳରେ ରହିଛନ୍ତି। ଲେବାନନ୍‌ରେ ଥିବା ପ୍ରାୟ ୯୦୦ ସରକାରୀ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ଭରପୂର ହୋଇଯାଇଛି। ଏସବୁ ଆଶ୍ରୟସ୍ଥଳୀରେ ହଜାରହଜାର ଲୋକ ପରିବାର ସହିତ ଆଶ୍ରୟ ନେଇଛନ୍ତି। ସ୍ଥାନାଭାବରୁ ଶହଶହ ଲୋକ ଖୋଲା ଆକାଶ ତଳେ ରହୁଥିବା ମିଳିତ ଜାତିସଂଘ ଶରଣାର୍ଥୀ ସଂସ୍ଥାର ରୁଲା ଅମିନ ଜେନେଭାରେ ➩ପୃଷ୍ଠା-୬

## ଡିସେମ୍ବର ୨୮ରୁ ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ) :** ସାତ ବର୍ଷ ପରେ ଫେରିଛି ହକି ଇଣ୍ଡିଆ ଲିଗ୍। ପୁଣି ଥରେ ଆରମ୍ଭ ହେବ ହକିର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ। ଡିସେମ୍ବର ୨୮ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ହକି ଇଣ୍ଡିଆ ଲିଗର ୨୦୨୪-୨୫ ସିଜନ। ଏଥିପାଇଁ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବ ଖେଳାଳି ନିଲାମ। ଏଥର ପୁରୁଷ ସହ ମହିଳା ହକି ଲିଗ ମଧ୍ୟ ଖେଳାଯିବ। ଏଥର ଏଚଆଇଏଲରେ ପୁରୁଷ ବର୍ଗରେ ୮ଟି ଟିମ୍ ସାମିଲ ହୋଇଥିବା ବେଳେ ମହିଳା ବର୍ଗରେ ୬ଟି ଟିମ୍ ଖେଳିବେ। ଓଡ଼ିଶାର ରାଉରକେଲାରେ ପୁରୁଷ ଓ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ ମହିଳା ଲିଗର ସବୁ ମ୍ୟାଚ୍। ପୁରୁଷ ବର୍ଗରେ ୮ଟି ଯାକ ଟିମକୁ ବିଭିନ୍ନ ଫ୍ରାଞ୍ଚାଇଜ କିଣିସାରିଛନ୍ତି। ସେହିପରି ମହିଳା ବର୍ଗରେ ୪ଟି ଟିମ୍ ଘୋଷଣା ହୋଇଛି। ଆଉ ଦୁଇଟି ଦଳ ପରେ ଘୋଷଣା କରାଯିବ। ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଟିମ୍ ରହିବେ। ଓଡ଼ିଶାର ପୁରୁଷ ଟିମକୁ ବେଦାନ୍ତ ଲିମିଟେଡ୍ କିଣିଥିବା ବେଳେ ମହିଳା ଟିମ୍‌କୁ ନାଭୋୟାମ୍ ସ୍ପୋର୍ଟସ କିଣିଛି। ପୁରୁଷ ବର୍ଗରେ ଓଡ଼ିଶା ବ୍ୟତୀତ ଚେନ୍ନାଇ, ଲକ୍ଷ୍ମୌ, ପଞ୍ଜାବ, ହରିୟାଣା, ➩ପୃଷ୍ଠା-୬

## ବଦଳିବ ଭୁବନେଶ୍ୱର ଏୟାରପୋର୍ଟର କାୟା



- ଦୁଇ ଦଶନ୍ଧି ପାଇଁ ଯୋଜନା ପ୍ରସ୍ତୁତ
- ତିଆରି ହେବ ନୂଆ ଟର୍ମିନାଲ୍
- ଜମ୍ମୁ, ଗୁଜରାଟ, ଆନ୍ଧ୍ରକୁ ଉଡ଼ିବ ବିମାନ

**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ବିମାନବନ୍ଦରର କାୟା ବଦଳିବ। ଆଗାମୀ ୨୦ ବର୍ଷ ପାଇଁ ପ୍ରସ୍ତୁତ ହେବ ବ୍ଲୁ ପ୍ରିଣ୍ଟ। ତିଆରି ହେବ ନୂତନ ଟର୍ମିନାଲ । ପୁରୁଣା ଟର୍ମିନାଲକୁ ଲାଗି ୨ ବର୍ଷ ମଧ୍ୟରେ ନିର୍ମାଣ ହେବ ନୂତନ ଟର୍ମିନାଲ। ବର୍ତ୍ତମାନ ଦେଶର ୨୦ଟି ସହର ସହ ବିଦେଶର ଚାରୋଟି ସ୍ଥାନକୁ ସଂଯୋଗ କରୁଛି ଭୁବନେଶ୍ୱର ଏୟାରପୋର୍ଟ। ଭୁବନେଶ୍ୱରରେ ବର୍ତ୍ତମାନ ଥିବା ଟର୍ମିନାଲର କ୍ଷମତା ୪୦ ରୁ ୫୦ ଲକ୍ଷ । ଆସନ୍ତା ବର୍ଷେ ମଧ୍ୟରେ ଏହାକୁ ୮୦ ଲକ୍ଷ କରାଯିବ। ମାସକ ଭିତରେ ଶେଷ ହେବ ରନୱେ କ୍ୟାଟ ଟୁ ଲାଇଟ। ଅନ୍ୟ ଯେଉଁ ଛୋଟ ଛୋଟ କାର୍ଯ୍ୟ ଚାଲିଛି ତାହା ମଧ୍ୟ ଶେଷ ହେବ।

ଆଗାମୀ ୧୦ ରୁ ୨୦ ବର୍ଷ ପାଇଁ ପ୍ରସ୍ତୁତ ହେବ ଯୋଜନା। ନୂଆ ଟର୍ମିନାଲ ନିର୍ମାଣ ସହ ଡୋମେଷ୍ଟିକ, ଇଣ୍ଟରନ୍ୟାସନାଲ ପାସେଞ୍ଜର ଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆଗକୁ ଜମ୍ମୁ, ଗୁଜୁରାଟ, ଆନ୍ଧ୍ର, ଭଳି ଦେଶ ର ଅନ୍ୟସ୍ଥାନ କୁ ସଂଯୋଗ କରିବାକୁ ଡିମାଣ୍ଡ ଆସୁଛି। ମନ୍ତ୍ରାଳୟରେ ଆଲୋଚନା ପରେ ନିଆଯିବ ନିଷ୍ପତି । ଭୁବନେଶ୍ୱର ବିମାନବନ୍ଦର ର ରିଭ୍ୟୁ ପରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ରେ ଯୋଗ ଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ପୁରୀରେ ଏୟାରପୋର୍ଟ ନିର୍ମାଣ ନେଇ ମଧ୍ୟ କେନ୍ଦ୍ର ସରକାର ଗୁରୁତ୍ତର ସହ ବିଚାର କରୁଛନ୍ତି। ଓଡ଼ିଶାର ଆଧ୍ୟାତ୍ମିକ ସହର ପୁରୀ। ଏଣୁ ବିଭିନ୍ନ ସ୍ଥାନରୁ ବିମାନ ଚଳାଚଳ କରିବାକୁ ପ୍ରଚେଷ୍ଟା କରାଯିବ। ପୁରୀ ଏୟାରପୋର୍ଟ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଜମି ରହିଛି। ସାଇଟ କ୍ଲିୟରାଂଶ ମଧ୍ୟ ଦେଇସାରିଛନ୍ତି କେନ୍ଦ୍ର ସରକାର। ଆଗକୁ କିଭଳି ବଢ଼ିବ ସେନେଇ ନିଷ୍ପତ୍ତି ନେବେ ରାଜ୍ୟ ସରକାର। ଏଥିପାଇଁ ସବୁ ପ୍ରକାର ସହଯୋଗ କରିବ ମନ୍ତ୍ରାଳୟ। ଗତ ଦଶବର୍ଷ ମଧ୍ୟରେ ଝାରସୁଗୁଡ଼ା, ଉତ୍କେଳା, ଜୟପୁର, ରାଉରକେଲା ସହରର ରିଜିଓନାଲ କନେକ୍ଟିଭିଟି ମାଧ୍ୟମରେ ଆଗକୁ ବଢ଼ିଛି । ରିଜିଓନାଲ୍ ଏୟାରପୋର୍ଟର କିଭଳି ଉନ୍ନତି କରଣ ହୋଇପାରିବ ସେନେଇ ପ୍ରଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

### ନୂଆ ସରକାରଙ୍କ ବଡ଼ ପଦକ୍ଷେପ

# ନିଯୁକ୍ତି ପାଇବେ ୧୬ ହଜାର କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ) :** ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ (ସ୍କିମାଟିକ)ଙ୍କୁ ଶନିବାର ନିଯୁକ୍ତି ପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ (ସ୍କିମାଟିକ)ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ। କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଶିକ୍ଷାଦାନକୁ ଗୁଣାତ୍ମକ କରିବା ଦିଗରେ ଏହି ନିଯୁକ୍ତି ଏକ ବଡ଼ ପଦକ୍ଷେପ ହେବ। ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ପିଲାଙ୍କ ଭବିଷ୍ୟତ ଗଢ଼ିବା ଦିଗରେ ଏହା ସହାୟକ ହେବ। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରଖିଥିବା ବେଳେ ଏହି ପଦକ୍ଷେପ ଲକ୍ଷ୍ୟ ➩ପୃଷ୍ଠା-୬

## ୬୬୦ ଶିକ୍ଷକଙ୍କ ବଦଳି

**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନ ପ୍ରାଥମିକ ସ୍କୁଲର ୬୬୦ଜଣ ଶିକ୍ଷକଙ୍କୁ ଏକକାଳୀନ ବଦଳି କରିଛନ୍ତି। ଏହି ଶିକ୍ଷକମାନେ ନିଜର ପତି ଅବା ପତ୍ନୀ କାର୍ଯ୍ୟରତ ଥିବା ଜିଲ୍ଲାକୁ ବଦଳି ପାଇଁ କରିଥିବା ଆବେଦନକୁ ବିଚାର କରି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ଶିକ୍ଷକମାନେ ଯେଉଁ ନୂଆ ଜିଲ୍ଲାକୁ ବଦଳି ହୋଇଛନ୍ତି ସେଠାରେ ନିଜ କ୍ୟାଡ଼ରରେ ସବୁଠୁ କନିଷ୍ଠ ଭାବେ ପରିଗଣିତ ହେବେ ➩ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଯୋଗଦେବା ପାଇଁ ବୈଦେଶିକ ମନ୍ତ୍ରୀ ଏସ୍ ଜୟାଙ୍କରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସନ୍ତା ୧୫ରେ ପାକିସ୍ତାନ ଯିବେ।
- ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନି ହିଜ୍‌ବୁଲ୍ଲାର ନୀୟିହତ ନେତା ହସନ ନସ୍ରାଲାଙ୍କ ନିମନ୍ତେ ଧର୍ମ ଉପଦେଶ (ସର୍ମନ) ପ୍ରଦାନ କରି ସାରା ଅଞ୍ଚଳ ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଲେ। ଗତ ୫ ବର୍ଷ ମଧ୍ୟରେ ଏହା ଖାମେନିଙ୍କ ପ୍ରଥମ ଉପଦେଶ ପ୍ରଦାନ।
- ତାମିଲନାଡୁର ତ୍ରିଚିରାପଲ୍ଲୀରେ ଥିବା ସ୍କୁଲଗୁଡ଼ିକୁ କ୍ରମାଗତ ଦ୍ୱିତୀୟ ଥର ଇ-ମେଲ୍‌ରେ ବୋମା ଧମକ। ପୋଲିସ ପକ୍ଷରୁ ସତର୍କ ସୂଚନା ଜାରି।
- ଆପ୍‌ର ଜାତୀୟ ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସରକାରୀ ବାସଭବନ ଖାଲି କରି ଦଳୀୟ ନେତା ଅଶୋକ ମିତ୍ତଲଙ୍କ ମଣ୍ଡିହାଉସ୍ ନିକଟ ୫ ଫିରୋଜଶାହ ରୋଡ୍ ବାସଭବନକୁ ସପରିବାର ଗଲେ।
- ଅନୁଗୁଳ ଜିଲାପାଳଙ୍କୁ ନିର୍ବାଚନ ପ୍ରଚାରରେ ସାମିଲ କଲେ ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲଡ ଟ୍ରମ୍ପ । ଜିଲ୍ଲାପାଳ ଉତ୍ତର ଦେଲେ ଯେ ସେ ଅନୁଗୁଳର ଭୋଟର ।
- ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଠଣଗାଁ ଗାଁ ନିକଟ ସୋନ ନଦୀ ନଦୀ ପଠାରୁ ଶୁକ୍ରବାର ସକାଳେ ଏକ ପରିବା ବ୍ୟାଗ୍‌ରୁ ନବଜାତ ପୁତ୍ରକୁ ଉଦ୍ଧାର।
- ଆମାଜନ ପକ୍ଷରୁ ୨୦୨୫ ସୁଦ୍ଧା ୧୪ ହଜାର ପଦବୀ ଉଚ୍ଛେଦ କରାଯିବ ବୋଲି ମୋର୍‌ଗାନ ଷ୍ଟାନଲି ଆନାଲିସିସ୍ ପକ୍ଷରୁ ସୂଚନା।
- ୫,୬୦୦ କୋଟି ଟଙ୍କାର ଡ୍ରଗ୍ସ କାରବାରରେ କଂଗ୍ରେସ ନେତା ତୁଷାର ଗୋୟଲଙ୍କ ସଂପୃକ୍ତି ଦୁର୍ଭାଗ୍ୟଜନକ ଓ ମାରାତ୍ମକ ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ।

## ଫେରିଲା ଆଳୁ ମିଶନ୍

### ୩ ବର୍ଷ ଚାଲିବ



**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ଚଳିତ ମାସରୁ ପୁଣି ଆଳୁ ମିଶନକୁ କାର୍ଯ୍ୟକାରୀ କରିଛନ୍ତି ମୋହନ ସରକାର। ୨୦୨୪ରୁ ୨୦୨୭ ଯାଏଁ ୩ ବର୍ଷ ପାଇଁ ମିଶନକୁ ପୁଣି ଚଳାଇବାକୁ କୃଷି ବିଭାଗ ନିଷ୍ପତ୍ତି ନେଇଛି। ହେଲେ ଆଶ୍ଚର୍ଯ୍ୟର କଥା ବିଜେଡି ସରକାର ବେଳେ ଫେଲ୍ ମାରିଥିବା ଏ ମିଶନର ନୀତି ଅପରିବର୍ତ୍ତିତ ରହିଛି। ପୂର୍ବଭଳି ଏବେ କାର୍ଯ୍ୟକ୍ଷମ ଶୀତଳଭଣ୍ଡାର ପାଇଁ ୫୦ ପ୍ରତିଶତ ବିଜୁଳି ଦର ଛାଡ ଲାଗି ନିଷ୍ପତ୍ତି ହୋଇଛି। ୫୦୦ ମେଟ୍ରିକ୍ ଟନରୁ ଅଧିକ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାରଗୁଡ଼ିକୁ ଏହି ରିହାତି ଦିଆଯିବ। ତେବେ ଏ ନୂଆ ମିଶନରେ ଚାଷୀଙ୍କୁ ଆଉ କେଉଁ କେଉଁ ସୁବିଧା ➩ପୃଷ୍ଠା-୬

## କ୍ୟାପ୍‌ଟେନ୍‌ଙ୍କୁ ଅଣ୍ଡାମାଡ଼

**ଭବାନୀପାଟଣା, ୪ ।୧୦ (ସଂଚାର ବ୍ୟୁରୋ):** କଳା ପତାକା ଦେଖାଇଲେ। ଅଣ୍ଡା ମାଡ଼ କଲେ ଓ ବିଧାୟକ ଦିବ୍ୟଶଙ୍କର ମିଶ୍ର ଗୋ ବ୍ୟାକ୍ ନାରା ଦେଲେ। କଲେଜ କୋଠା ଉଦ୍‌ଘାଟନ ପାଇଁ ଯାଉଥିବା ବେଳେ ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ଏମିତି ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ତେବେ କିଏ ଓ କାହିଁକି କଳା ପତାକା ଦେଖାଇଲା ଏବଂ ଅଣ୍ଡା ମାଡ଼ କଲା, ତାହା ଜଣାପଡ଼ି ନାହିଁ।

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସର୍ବମଙ୍ଗଳା ମହାବିଦ୍ୟାଳୟର ଆଜି ନୂତନ ଗୃହ ଲୋକାର୍ପିତ ହୋଇଥିଲା। ଏଥିରେ ଅତିଥି ହୋଇଥିଲେ କଳାହାଣ୍ଡି ସାଂସଦ ମାଳବିକା ଦେଓ ଏବଂ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର। ନିର୍ଦ୍ଧାରିତ ସମୟରେ ସାଂସଦ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ହେଲେ ସାଂସଦ ପହଞ୍ଚିବାର ପ୍ରାୟ ଅଧ ଘଣ୍ଟାଏ ପରେ ବିଧାୟକ ମିଶ୍ରଙ୍କ ଗାଡ଼ି ମହାବିଦ୍ୟାଳୟ ଗେଟ୍‌ରେ ପ୍ରବେଶ କରିଥିଲା। ଠିକ୍ ସେତିକି ବେଳେ କିଛି ଯୁବକ ବିଧାୟକ ଶ୍ରୀ ମିଶ୍ରଙ୍କୁ କଳା ପତାକା ଦେଖାଇଥିଲେ। ଦିବ୍ୟଶଙ୍କର ମିଶ୍ର ଗୋ' ବ୍ୟାକ୍ ନାରା ଦେଇଥିଲେ। ତା'ପରେ ଶ୍ରୀ ମିଶ୍ରଙ୍କ ଗାଡ଼ିକୁ ଲକ୍ଷ୍ୟକରି ଅଣ୍ଡା ମାଡ଼ କରିଥିଲେ। ଅଣ୍ଡା ଗାଡ଼ିକ ବିଧାୟକଙ୍କ କାର୍‌ରେ ବାଜିଥିବା ଦେଖିବାକୁ ମିଳିଥିଲା। ➩ପୃଷ୍ଠା-୬

### କଲେଜ କୋଠା ଉଦ୍‌ଘାଟନ ବେଳେ ହଟହଟା





# ଜିଲ୍ଲା ରାଜନୀତିମୁହାଁ ବବି

## ରାଜ୍ୟସ୍ତରୀୟ ନେତା ବୋଲି ଚାଲିଥିଲା ପ୍ରଚାର

## ପତିଆରା ଦେଖାଇବାକୁ ସମ୍ବଲପୁରରୁ ହୋଇଥିଲେ ପ୍ରାର୍ଥୀ

## ବ୍ୟଙ୍ଗ କରୁଛନ୍ତି ବିଜେଡି କର୍ମୀ

**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ):** ନିର୍ବାଚନ ହାରିବାର ଚାରିମାସ ପରେ ନିଜ ଜିଲ୍ଲା ଯାଜପୁର ପାଇଁ ଲଢ଼ିବେ ବୋଲି ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ବଡପାଟିରେ କହିବାପରେ ଏବେ ସିଏ ରାଜ୍ୟସ୍ତରୀୟ ନେତା ନାଁ ଜିଲ୍ଲାସ୍ତରୀୟ ନେତା ତାହାକୁ ନେଇ ଗୁଞ୍ଜରଣ ହେଉଛି । ପୂର୍ବରୁ ନିଜକୁ ରାଜ୍ୟସ୍ତରୀୟ ନେତାମାନେ ପ୍ରତିପାଦନ କରୁଥିବା ବବି ଏବେ କାହିଁକି ଜିଲ୍ଲାସ୍ତରୀୟ ନେତା ହେବାକୁ ଚାହୁଁଛନ୍ତି ତାହାକୁ ନେଇ ଏବେ ପରସ୍ପରକୁ ପ୍ରଶ୍ନ କରୁଛନ୍ତି ବିଜେଡିର ଅନେକ ଆଗଧାଡିର କର୍ମୀ ଓ ନେତା ।

ଯାଜପୁରରୁ ତିନି ତିନି ଥରର ବିଧାୟକ ଓ ଏକାଧିକ ବିଭାଗର ମନ୍ତ୍ରୀ ହୋଇଥିବା ବବି ବିଜେଡିର ସାଂଗଠନିକ ସମ୍ପାଦକ ରହିଥିଲେ । ଦଳର ଅଧିକାଂଶ ନୀତି ନିର୍ଦ୍ଧାରଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ



ଭୂମିକା ରହୁଥିଲା । ନିର୍ବାଚନ ସମୟରେ ଟିକଟ ବଣ୍ଟନ ହେଉ ଅର୍ଥ ବଣ୍ଟନ ଅଧିକାଂଶ କାର୍ଯ୍ୟ ବବିଙ୍କ ନିର୍ଦ୍ଦେଶରେ ହେଉଥିଲା । ତେଣୁ ତାଙ୍କୁ ଅନେକ ରାଜ୍ୟସ୍ତରୀୟ ନେତାବୋଲି ଧରି ନେଇଥିଲେ । କେତେକ ତ ତାଙ୍କୁ ବିଜେଡିର ଦୁଇ ନମ୍ବର ନେତା ଓ ଦଳର ଭବିଷ୍ୟତ ବୋଲି କହିବାକୁ ପଛାଇନଥିଲେ । ଯେତେବେଳେ ବବି ଯାଜପୁର ଛାଡି ସିଧା ସମ୍ବଲପୁରରୁ ପ୍ରାର୍ଥୀ ହେଲେ ନବୀନଙ୍କ ପରେ ବବି ଜଣେ ରାଜ୍ୟସ୍ତରୀୟ ନେତା ବୋଲି ସମସ୍ତଙ୍କର ଧାରଣ ଅଧିକ ଦୃଢ଼ ହୋଇଥିଲା ।

ହେଲେ ବବି ଏବେ ରାଜ୍ୟସ୍ତରୀୟ ନେତା ହୋଇ ଦଳକୁ ସଙ୍କଟରୁ ରକ୍ଷା କରିବା ବଦଳରେ ଯାଜପୁର ପାଇଁ ଲଢ଼ିବେ ବୋଲି ଘୋଷଣା କରିବାରୁ ଯେଉଁମାନେ ତାଙ୍କୁ ରାଜ୍ୟସ୍ତରୀୟ ନେତାବୋଲି ମାନି ନେଇଥିଲେ ସେମାନେ ଏବେ ଚିନ୍ତାରେ ପଡିଛନ୍ତି । ଦଳର କିଛି ବ୍ୟଙ୍ଗ କରି କହୁଛନ୍ତି ଯେ ସେମାନେ ଯାହାକୁ ଭାକୁର ବୋଲି ଧରି ନେଇଥିଲେ ସିଏ ଏବେ କେରାଣ୍ଡି ହୋଇ ବାହାରିଲେଣି । ତେଣୁ ସିଏ ଅସଲରେ ଭାକୁର ଥିଲେ ନା କେରାଣ୍ଡି ଥାଇ ଫୁଲି ଯାଇଥିଲେ ତାହାକୁ ନେଇ ହାସ୍ୟରୋଳ ଚାଲିଛି ।

ତେବେ ଯାଜପୁରକୁ ଫେରିବାପାଇଁ ବବି ଯେଉଁ ବାହାସ୍ଫୋଟ ମାରିଥିଲେ ସେଥିରେ ବିଧାୟିକା ସୁଜାତା ସାହୁ ଏକ ପ୍ରକାର ପାଣି ପୁରାଇ ଦେଇଛନ୍ତି । ସଫା ସଫା କହିଛନ୍ତି ମୁଁ ଇସ୍ତଫା ଦେବିନାହିଁ। ବିନା ବିଧାୟକରେ ନିଜ ମାଟିପାଇଁ ଲଢେଇ କରିବାଟା କେତେ କଷ୍ଟ ତାହା ବବି ଭଲଭାବେ ଜାଣିଛନ୍ତି । ଧର୍ମଶାଳା, ସୁକିନ୍ଦା, କୋରେଇ ଠାରୁ ବଡଚଣା ଓ ବରୀ ପର୍ଯ୍ୟନ୍ତ ସବୁପଟୁ ବିରୋଧି ଘେରି ରହିଛନ୍ତି । ତେଣୁ ଏଠାରେ ମାଟିପାଇଁ ଲଢେଇ କଲେ ଚଟି ଘୋରିଯିବା ଟା ଏକ ପ୍ରକାର ଥୟ । ତେଣୁ ବବି ଏବେ ନିଜ ବାକ୍ୟରେ ଅଟଳ ରହି ଜିଲ୍ଲା ସ୍ତରର ନେତାଭାବେ ଲଢେଇ ➩ପୃଷ୍ଠା-୬

କରିବେ ନା ପୁଣିଥରେ ରାଜଧାନୀରେ ନିଜର ପତିଆରା ବଢାଇବେ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

ଉଲ୍ଲେଖନୀୟ ଯେ ବିଜେଡିର ଏହି ବାହୁବଳି ନେତା କେବଳ ନିଜେ ସମ୍ବଲପୁରରୁ ହାରି ନାହାନ୍ତି ତାଙ୍କ ମା' ସଂଧ୍ୟାରାଣୀ ଦାସ ମଧ୍ୟ ପରିଣତ ବୟସରେ କୋରେଇ ଆସନରୁ ଲଢ଼ି ବିଜେପି ପ୍ରାର୍ଥୀ ଆକାଶ ଦାସ ନାୟକଙ୍କ ଠାରୁ ହାରିଛନ୍ତି । ବବି ନିଜେ ଟିକଟ ବଣ୍ଟନରେ ପ୍ରମୁଖ ଭୂମିକା ନିଭାଇ ଥିବାରୁ ବିଜେଡିର ପରାଜୟ ପାଇଁ ଦଳର ଗୋଟିଏ ଗୋଷ୍ଠି ତାଙ୍କୁ ଦାୟୀ କରିବା ସହିତ ଶଙ୍ଖଭବନ ଭିତରେ ପାଟିତୁଣ୍ଡ କରିବାକୁ ପଛାଉ ନାହାନ୍ତି । ଏଭଳି ସ୍ଥିତିରେ ବବିଙ୍କ ଭବିଷ୍ୟତ କ'ଣ ହେବ ଏବଂ ସିଏ ଆଗାମୀ ଦିନରେ ଜିଲ୍ଲା ସ୍ତର ନା ରାଜ୍ୟ ସ୍ତରର ନେତା ଭୂମିକାରେ ଅବତୀର୍ଣ୍ଣ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ଓଡ଼ିଶାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ନେଇ ସୋଆରେ ସମ୍ମିଳନୀ

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ପ୍ରତିରକ୍ଷା ବିଶେଷଜ୍ଞ, ସରଞ୍ଜାମ ଉତ୍ପାଦନକାରୀ, ନିବେଶକ, ଗବେଷକ ଏବଂ ସେନା ଅଧିକାରୀମାନେ ଓଡ଼ିଶାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନର ସମ୍ଭାବନାକୁ ନେଇ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଶନିବାର ଏକ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। 'ମିଶନ୍: ମେକ୍ ଇନ୍ ଓଡ଼ିଶା ଫର୍ ଡିଫେନ୍ସ ଇଣ୍ଡଷ୍ଟ୍ରୀ-ଅପର୍ଚୁନିଟିଜ୍ ଗାଲୋର' ଶୀର୍ଷକ ଏହି ସମ୍ମିଳନୀ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ୍, ସୋଆ ଏବଂ ସୋଆ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ-ସିଆଇଆଇ)ର ମିଳିତ ସହଯୋଗରେ ଆୟୋଜନ କରାଯାଇଛି। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି 'ଉଦ୍ୟୋଗପତି ଏବଂ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରିବା' ବୋଲି ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓସିଏଫର ଉପଦେଷ୍ଟା ବ୍ରିଗେଡ଼ିୟର ଏଲ୍. ସି. ପଟ୍ଟନାୟକ ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା, ଅର୍ଥନୈତିକ ବିକାଶ ଓ ନିଯୁକ୍ତିର ସୁଯୋଗକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଓଡ଼ିଶାରେ ପର୍ଯ୍ୟାପ୍ତ କଞ୍ଚାମାଲ, ଭିତିଭୂମି, କୁଶଳୀ ମାନବସମ୍ବଳ ଏବଂ ରପ୍ତାନୀର ସମସ୍ତ ସୁଯୋଗ ରହିଥିବା ବେଳେ ରାଜ୍ୟରେ ଅଧିକ ମାତ୍ରାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ହୋଇପାରି ନାହିଁ। ଏହି କ୍ଷେତ୍ରରେ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବ୍ରିଗେଡ଼ିୟର ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀର ପ୍ରମୁଖ ପ୍ରସଙ୍ଗ ରହିଛି ସ୍ଥାନୀୟ ବୁଦ୍ଧିମତାକୁ ନେଇ ସ୍ୱଦେଶୀ ପଦାର୍ଥର ଉତ୍ପାଦନ ଏବଂ ଓଡ଼ିଶାର କୁଶଳୀ ମାନବସମ୍ବଳକୁ ନେଇ ବିଶ୍ୱସ୍ତରୀୟ ପ୍ରତିରକ୍ଷା ଉତ୍ପାଦ, ଅଭିନବ ଉପାୟ ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରି ଓଡ଼ିଶାର ଉନ୍ନତି ସାଧନ କରିବା ବୋଲି ସେ କହିଛନ୍ତି।



# ଭୂମିହୀନମାନଙ୍କୁ ଜାଗା




ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ) : ଭୂମିହୀନମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ଜାଗା ଯୋଗାଇ ଦେବା ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ମଧ୍ୟରେ ଏକ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।
ବୈଠକର ତଥ୍ୟ ଅନୁଯାୟୀ ଭୂମିହୀନ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଗା ଯୋଗାଇଦେବା ପାଇଁ ବିଡ଼ିଓମାନେ ହିତାଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରି ତହସିଲଦାରଙ୍କୁ ପ୍ରଦାନ କରିବେ । ତହସିଲଦାରମାନେ ରେଭିନ୍ୟୁ ଇନ୍ସପେକଟରଙ୍କ ମାଧ୍ୟମରେ ଜାଗା ଚିହ୍ନଟ କରି ଜାଗା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ଶନିବାର ଦିନ ସମ୍ପୃକ୍ତ ବିଡ଼ିଓ ଓ ତହସିଲଦାରଙ୍କ ମାଧ୍ୟମରେ ସମନ୍ୱୟ କମିଟିର ବୈଠକ ଆଗତ ହେବ ଓ ବୈଠକର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବ । ଜିଲ୍ଲାପାଳମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ । ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ହିତାଧିକାରୀ ଜାଗା ଅଭାବରୁ ଘର ନିର୍ମାଣରୁ ବଞ୍ଚିତ ହେବେ ନାହିଁ । ଜିଲ୍ଲାପାଳମାନେ ଏହି ଯୋଜନାର ଅଗ୍ରଗତି ସଂପର୍କରେ ପ୍ରତି ମାସରେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭିଜନ୍ ଡକ୍ୟୁମେଣ୍ଟ



ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ) : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭' ପରିପ୍ରେକ୍ଷୀରେ ପ୍ରସ୍ତୁତ ହେଉଥିବା ଭିଜନ୍ ଡକ୍ୟୁମେଣ୍ଟର ଅଗ୍ରଗତି ସଂପର୍କିତ ଏକ ପରାମର୍ଶ କର୍ମଶାଳା ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍‌ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ରାଜ୍ୟରେ ସ୍ୱାସ୍ଥ୍ୟସେବାର ସାଂପ୍ରତିକ ସ୍ଥିତି, ରାଜ୍ୟ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ କଲ୍ୟାଣ ପାଇଁ ପ୍ରଚଳିତ ହୋଇଥିବା ସଫଳ ଯୋଜନା ଓ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖା ଯାଉଥିବା ବାଧାବିଘ୍ନ ସଂପର୍କରେ ବିଶଦ ସମୀକ୍ଷା କରାଯାଇଥିଲା । ସହରୀକରଣ ଓ ଜଳବାୟୁ ପରିବର୍ତ୍ତନକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭବିତବ୍ୟ ଧାରା ଯଥା- ଜନସଂଖ୍ୟା ଓ ରୋଗ ବୃଦ୍ଧି, ତା'ସହ ସଂକ୍ରାମକ ରୋଗର ବୃଦ୍ଧିର କାରଣ ଓ ନିରାକରଣ ସଂପର୍କରେ ଆଲୋଚନା ହୋଇଥିଲା । ବିଶେଷଜ୍ଞମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ବଳ ଆବଣ୍ଟନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସେବା ବିତରଣ, ଗବେଷଣା ଓ ନବସୃଜନ ଏବଂ ପରିବେଶ ସଂପର୍କିତ ବିଭିନ୍ନ ଆହ୍ୱାନ ସଂପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି କର୍ମଶାଳାରେ ମଧ୍ୟ ଭିଜନ୍ ଡକ୍ୟୁମେଣ୍ଟର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ପ୍ରମୁଖ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ପରିଚାଳନା ନିର୍ଦ୍ଦେଶିକା ଡ. ବୃନ୍ଦା ଡି., ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ନିଗମର ପରିଚାଳନା ନିର୍ଦ୍ଦେଶିକା ଡ. ପୁମା ଟୁଡୁ, ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଯଥା-ଆଇଆଇପିଏଚ୍, ଭୁବନେଶ୍ୱର, ୟୁନିସେଫ୍, ସମ୍ କଲେଜ୍ ଓ ହସ୍‌ପିଟାଲ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଆଞ୍ଚଳିକ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର, ମାକ୍‌ଇନ୍‌ସେର ପ୍ରତିନିଧିମାନେ ଯୋଗଦେଇଥିଲେ।

# କଳିଙ୍ଗ ଲାନ୍ସର୍ସ ଦଳର ସମ୍ପୂର୍ଣ୍ଣ ମାଲିକାନା ହାସଲ କଲା ବେଦାନ୍ତ



**ନୂଆଦିଲ୍ଲୀ, ୪।୧୦:** ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଲିମିଟେଡ୍ ଦୀର୍ଘଦିନର ପ୍ରତିଶ୍ରୁତିକୁ ଦୃଢ଼ କରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସକୁ ଅଧିଗ୍ରହଣ କରିବାକୁ ଘୋଷଣା କରିଛି ।
ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଜାତୀୟ ରାଜଧାନୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅଧିଗ୍ରହଣ ଅତ୍ୟନ୍ତ ଗୁରୁତ୍ୱବହନ କରୁଛି, କାରଣ ଓଡ଼ିଶା ଏପରି ଏକ କ୍ଷେତ୍ର ଭାବେ ଜଣାଶୁଣା, ଯେଉଁଠାରେ ବେଦାନ୍ତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । ଉଲ୍ଲେଖଯୋଗ୍ୟ, ପୂର୍ବତନ ଏଚ୍‌ଆଇଏଲ୍ ଚାମ୍ପିୟନ 'କଳିଙ୍ଗ ଲାନ୍ସର୍ସ' ପୂର୍ବରୁ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଏବଂ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ସହ-ମାଲିକାନାରେ ଥିବା ବେଳେ ବେଦାନ୍ତ ଆଲୁମିନିୟମ୍ ଏବେ ଦଳର ଉତ୍କର୍ଷତାର ପରମ୍ପରାକୁ ଆହୁରି ସୁଦୃଢ଼ କରିବା ଏବଂ ଭବିଷ୍ୟତରେ ଏଚ୍‌ଆଇଏଲ୍ ଋତୁରେ ନିଜର ସ୍ଥିତିକୁ ଉନ୍ନତ କରିବା ଲକ୍ଷ୍ୟରେ ପୂର୍ଣ୍ଣ ମାଲିକାନା ଗ୍ରହଣ କରିଛି। ବେଦାନ୍ତ ଲିମିଟେଡର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ହିନ୍ଦୁସ୍ତାନ ଜିଙ୍କ ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି ଯେ ବେଦାନ୍ତରେ ଆମେ ଭାରତକୁ ଏକ ବିଶ୍ୱ କ୍ରୀଡ଼ା ଶକ୍ତିରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ। ନିକଟରେ ହୋଇଥିବା ଅଲିମ୍ପିକ୍ସ ବିଜୟ ଏହାର ସାମର୍ଥ୍ୟକୁ ଆହୁରି ଉଜ୍ଜ୍ୱଳ କରିବା ସହ ହକି ଭାରତର କ୍ରୀଡ଼ା ସଫଳତାର ଅନ୍ୟତମ ସ୍ତମ୍ଭ ପାଲଟିଛି । କଳିଙ୍ଗ ଲାନ୍ସର୍ସକୁ ଅଧିଗ୍ରହଣ କରିବା ପରେ ଆମେ କେବଳ ଦଳରେ ନୁହେଁ, ଭାରତୀୟ ହକିର ଭବିଷ୍ୟତରେ ମଧ୍ୟ ନିବେଶ କରୁଛୁ । ଉନ୍ନତ ଭିତ୍ତିଭୂମି, ତୃଣମୂଳ ସ୍ତରର ପ୍ରତିଭା ସନ୍ଧାନ ଏବଂ କେନ୍ଦ୍ରୀଭୂତ ପ୍ରଶିକ୍ଷଣ ମାଧ୍ୟମରେ ଆମେ ଏକ ନୂତନ ପିଢ଼ିର ଆଥଲେଟମାନଙ୍କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁମାନେ ବିଶ୍ୱରେ ଗର୍ବର ସହ ଭାରତକୁ ପ୍ରତିନିଧିତ୍ୱ କରିବେ ବୋଲି ହେବର କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ଅଧିଗ୍ରହଣ ବେଦାନ୍ତର ବ୍ୟବସାୟ ଅଭିବୃଦ୍ଧିକୁ ପ୍ରଭାବଶାଳୀ ଗୋଷ୍ଠି ବିକାଶ ସହିତ ମିଶ୍ରଣ କରିବା ମିଶନରେ ଆଉ ଏକ ପଦକ୍ଷେପ ଏବଂ ଓଡ଼ିଶାକୁ ଭାରତରେ କ୍ରୀଡ଼ା ଉତ୍କର୍ଷର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାନିତ କରିଛି । ଏହାବ୍ୟତୀତ ବେଦାନ୍ତର ରଣନୈତିକ ଫୋକସ ଆଗାମୀ ଏଚଆଇଏଲ ଋତୁ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଦଳ ଗଠନ କରିବା ଉପରେ ରହିବ, ଯେଉଁଥିରେ ଭିତ୍ତିଭୂମିକୁ ସୁଦୃଢ଼ କରିବା, ପ୍ରାୟୋଜକତା ହାସଲ କରିବା ଏବଂ ଲିଗ୍ ରେ ଲାନ୍ସର୍ସର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାଗିଦାରୀ ଅନୁସନ୍ଧାନ କରାଯିବ ।

# ତୃତୀୟ ଜୀବ ବିଜ୍ଞାନ ଷ୍ଟାର୍ଟଅପ୍ ଶିଖର ସମ୍ମିଳନୀ ଆରମ୍ଭ



ଭୁବନେଶ୍ୱର, ୪।୧୦:ଭୁବନେଶ୍ୱରସ୍ଥିତ ବିଆରଆଇସି-ଆଇଏଲଏସ ପରିସରରେ ଜୀବ ବିଜ୍ଞାନ ଷ୍ଟାର୍ଟଅପ୍ ଶିଖର ସମ୍ମିଳନୀ ଉଦଘାଟିତ ହୋଇଛି। ଆଜି ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ସଚିବ ଏବଂ ଜୈବ ପ୍ରଯୁକ୍ତି ବିଦ୍ୟା ଗବେଷଣା ଓ ନବସୃଜନ ପରିଷଦ (ବିଆରଆଇସି) ମହାନିର୍ଦ୍ଦେଶକ ପ୍ରଫେସର ଡକ୍ଟର ରାଜେଶ ଏସ. ଗୋଖଲେ ଏହାକୁ ଉଦଘାଟନ କରିଥିଲେ।
ଉଦଘାଟନୀ ବକ୍ତବ୍ୟ ରଖି ପ୍ରଫେସର ଗୋଖଲେ ନିକଟରେ ଅଣାଯାଇଥିବା ବାୟୋ-ଇଥ୍ରୀ ନୀତି (ଅର୍ଥବ୍ୟବସ୍ଥା, ନିଯୁକ୍ତି ଓ ପରିବେଶ ପାଇଁ ଅର୍ଥବ୍ୟବସ୍ଥା) ଏବଂ ବାୟୋ-ରାଇଡର (ଜୈବ ପ୍ରଯୁକ୍ତି ବିଦ୍ୟା ଗବେଷଣା ଉଦ୍ଭାବନ ଓ ଉଦ୍ୟମିତା ବିକାଶ) ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିବା ବିଷୟରେ ଅବତାରଣା କରିଥିଲେ। ଏସବୁ ନୀତି ଓ ଯୋଜନାଗୁଡ଼ିକ ଭାରତରେ ଜୈବ ଉତ୍ପାଦନକୁ ବ୍ୟାପକ ପ୍ରୋତ୍ସାହନ ଦେବ ଏବଂ ୨୦୩୦ ସୁଦ୍ଧା ଜୈବପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଭାରତୀୟ ଅର୍ଥବ୍ୟବସ୍ଥାରେ ୪-୬ ପ୍ରତିଶତ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ। ପ୍ରଫେସର ଗୋଖଲେ ଆହୁରି କହିଥିଲେ, ନୂଆ ବାୟୋ-ଇଥ୍ରୀ ନୀତି ଅଧୀନରେ ୬ଟି ମଧ୍ୟରୁ ୫ଟି ବିଷୟବସ୍ତୁ କ୍ଷେତ୍ରରେ ବିଆରଆଇସି-ଆଇଏଲଏସ ଯୋଗଦାନ କରିବ ବୋଲି ଆଶା କରାଯାଉଛି। ଏଥିରେ ସାମିଲ ରହିଛି: ୧) ଉଚ୍ଚ-ମୂଲ୍ୟଯୁକ୍ତ ଜୈବ-ଆଧାରିତ ରାସାୟନିକ, ବାୟୋପଲିପର୍ସ ଓ ଏଞ୍ଜାଇମ୍ସ; ୨) ସ୍ମାର୍ଟପ୍ରୋଟିନ୍ ଓ ଫଙ୍କସନାଲ୍ ଫୁଡ୍ସ; ୩) ସଠିକ୍ ବାୟୋଥେରାପିକ୍ସ; ୪) ଜଳବାୟୁ ସହନସୀଳ କୃଷି; ଏବଂ ୫) ସାମୁଦ୍ରିକ ଓ ମହାକାଶ ଗବେଷଣା।
ବିଆରଆଇସି-ଆଇଏଲଏସ୍ ଭୂବିଜ୍ଞାନ ମନ୍ତ୍ରଣାଳୟର ପାଣ୍ଠି ସହାୟତାରେ ଗଭୀର ସାଗର ମିଶନ ପ୍ରକଳ୍ପ ଆରମ୍ଭ କରିଛି। ନୂଆ ନୀତିର ଲକ୍ଷ୍ୟ ହାସଲ କରିବା ଲାଗି ବିଆରଆଇସି-ଆଇଏସଲ ବିଭିନ୍ନ ମନ୍ତ୍ରଣାଳୟ ବିଭିନ୍ନ ମନ୍ତ୍ରଣାଳୟ ସହିତ ସହଭାଗିତା ସ୍ଥାପନ କରିଥିବାରୁ ଡକ୍ଟର ଗୋଖଲେ ଖୁସି ବ୍ୟକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ସହଭାଗିତାରେ ଜୈବଉତ୍ପାଦନ ଏବଂ ଜୈବଏଆଇ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସେ ନିଜର ସମର୍ଥନ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଭେଟିସାରିଛନ୍ତି।

# କିସରେ ଐତିହାସିକ ଭଲିବଲ୍ ମହୋତ୍ସବ ଉଦ୍‌ଘାଟିତ




**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ସର୍ବାଧିକ ୫ହଜାର ଖେଳାଳିଙ୍କୁ ନେଇ ବିଶ୍ୱର ସର୍ବ ବୃହତ ଭଲିବଲ୍ ପ୍ରତିଯୋଗିତା 'କିସ୍ ଭଲିବଲ୍ ମହୋତ୍ସବ' ଶୁକ୍ରବାର କିସରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ ମିଳିତ ଆନୁକୂଲ୍ୟରେ ଏହି ଐତିହାସିକ ଭଲିବଲ୍ ମହୋତ୍ସବ ଆୟୋଜନ କରାଯାଇଛି। ଆନ୍ତର୍ଜାତିକ ଭଲିବଲ୍ ସଂଘ 'ଏଫ୍‌ଆଇଭିବି'ର ସଭାପତି ଡ. ଆରି ଗ୍ରାସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍ ଜେନିଫର ଲାର୍ସନ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଏଥିରେ ଅଂଶଗ୍ରହଣ କରିଥିବା ଦେଶର ବିଭିନ୍ନ ରାଜ୍ୟର ୫ହଜାରରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳାଳିଙ୍କୁ ଉଦ୍‌ବୋଧନ ଦେଇ ଡ. ଗ୍ରାସା କହିଲେ, ଭଲିବଲ ଜରିଆରେ ଏଫ୍‌ଆଇଭିବି ସମାଜର ସେବା କରିବା ପାଇଁ ଲକ୍ଷ୍ୟ ରଖିଛି। କିସ୍ ଭଲିବଲ ମହୋତ୍ସବ ଜରିଆରେ ଏଫ୍‌ଆଇଭିବିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କିସ୍ ପରିଦର୍ଶନ କରି ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ କିସ୍ ଭଳି ଅନୁଷ୍ଠାନ ବିରଳ ବୋଲି ସେ କହିଥିଲେ। ଏହା ସହ ଅହିଂସା ଜରିଆରେ ଭଲିବଲ୍ ହିଁ ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଡ. ଗ୍ରାସା କହିଥିଲେ।
କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଥିଲେ ଏହି ମହୋତ୍ସବରେ ୫ହଜାର ଖେଳାଳି ଯୋଗ ଦେଇଥିବା ବେଳେ ୪୦ହଜାର ଦର୍ଶକ ଏହାକୁ ଉପଭୋଗ କରୁଛନ୍ତି। ଡ. ଗ୍ରାସା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ସାମନ୍ତ ତାଙ୍କୁ ଧନ୍ୟବାଦ ଦେବା ସହ ଭାରତକୁ ପ୍ରଥମ ଥର ପାଇଁ ଆସିଛନ୍ତି କେବଳ କିଟ୍ ଓ କିସ୍ ଭଲିବଲ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ନିମନ୍ତେ ସର୍ବାଧିକ ଖେଳାଳିଙ୍କୁ ନେଇ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ତଥା ଭାରତରେ ଭଲିବଲ୍‌ର ବିକାଶ ପାଇଁ କିସ୍ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

# ସାଇବର ଠକେଇର ମୁକାବିଲା କରିବ ଡିଓଟି



**ନୂଆଦିଲ୍ଲୀ, ୪।୧୦:** ସାମ୍ପ୍ରତିକ ସମୟରେ ଭାରତୀୟ ମୋବାଇଲ ନମ୍ବରରୁ ଅନେକ ଜାଲିଆତି କଲ୍ ନାଗରିକଙ୍କ ପାଖକୁ ଆସୁଛି। ବାସ୍ତବରେ ବିଦେଶରୁ କାର୍ଯ୍ୟରତ ସାଇବର ଅପରାଧୀମାନେ ଏହି କଲ୍ ଗୁଡ଼ିକୁ ଜାଲ୍ କରିଥାନ୍ତି। ଏହି ଅପରାଧୀମାନେ କଲିଂ ଲାଇନ୍ ଆଇଡେଣ୍ଟିଟି (ସିଏଲଆଇ)ର ବ୍ୟବହାର କରି କଲ୍ ର ପ୍ରକୃତ ଉତ୍ପତ୍ତିକୁ ଲୁଚାଇବାକୁ ଚାହୁଁଛନ୍ତି, ଯାହା ଫଳରେ ମୋବାଇଲ ନମ୍ବର ବିଚ୍ଛିନ୍ନ ହେବା, ନକଲି ଡିଜିଟାଲ୍ ଗିରଫଦାରି ଏବଂ ଏପରିକି ସରକାରୀ ଅଧିକାରୀ କିମ୍ବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ପରିଚୟ ଦେବା ଭଳି ଅନେକ ଘଟଣା ଘଟୁଛି। ନିକଟରେ ଡ୍ରଗ୍ସ, ନିଶାଦ୍ରବ୍ୟ ଓ ସେକ୍ସ ରାକେଟ୍ ସହ ଜଡ଼ିତ ମିଥ୍ୟା ଅଭିଯୋଗ ଜନସାଧାରଣଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଏହି ବଢୁଥିବା ବିପଦର ମୁକାବିଲା ପାଇଁ ଟେଲିକମ୍ ସେବା ପ୍ରଦାନକାରୀ (ଟିଏସପି) ସହଯୋଗରେ ଟେଲିକମ୍ ବିଭାଗ ଏକ ଉନ୍ନତ ବ୍ୟବସ୍ଥା ପ୍ରଚଳନ କରିଛି, ଯାହା ଭାରତୀୟ ଟେଲିକମ୍ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଆସୁଥିବା ଆନ୍ତର୍ଜାତିକ ନକଲି କଲଗୁଡିକୁ ଚିହ୍ନଟ କରିବା ଏବଂ ଅବରୋଧ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ବ୍ୟବସ୍ଥା ଦୁଇଟି ପର୍ଯ୍ୟାୟରେ ନିୟୋଜିତ ହେଉଛି: ପ୍ରଥମତଃ, ଟିଏସପି ସ୍ତରରେ, ନିଜ ଗ୍ରାହକଙ୍କ ଫୋନ୍ ନମ୍ବର ଥିବା କଲ୍ କୁ ରୋକିବା ପାଇଁ; ଏବଂ ଦ୍ୱିତୀୟତଃ, କେନ୍ଦ୍ରୀୟ ସ୍ତରରେ, ଅନ୍ୟ ଟିଏସପିଙ୍କ ଗ୍ରାହକ ସଂଖ୍ୟା ସହିତ କଲ୍ ବନ୍ଦ କରିବା। ବର୍ତ୍ତମାନ ସୁଦ୍ଧା ୪ଟି ଟିଏସପି ଏହି ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିସାରିଛନ୍ତି। ୪.୫ ନିୟୁତ ନକଲି କଲ୍ ର ପ୍ରାୟ ଏକ ତୃତୀୟାଂଶ ଭାରତୀୟ ଟେଲିକମ୍ ନେଟୱାର୍କରେ ପ୍ରବେଶ କରିବାକୁ ବାରଣ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏକ କେନ୍ଦ୍ରୀଭୂତ ବ୍ୟବସ୍ଥା ସାମିଲ ଅଛି ଯାହା ସମସ୍ତ ଟିଏସପିରେ ଅବଶିଷ୍ଟ ନକଲି କଲ୍ କୁ ଦୂର କରିବ, ଖୁବ୍ ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ତେବେ ଠକମାନେ ଜନସାଧାରଣଙ୍କୁ ଠକିବା ପାଇଁ ନୂଆ ନୂଆ ଉପାୟ ଆପଣାଉଛନ୍ତି। ଟେଲିକମ୍ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ପାଇଁ ଡିଓଟି ଠିକ୍ ସମୟରେ ପଦକ୍ଷେପ ନେଉଛି। ଦ୍ରୁତ ବିକଶିତ ଟେକ୍ନୋଲୋଜି ଯୁଗରେ ଟେଲିକମ୍ ଇକୋ ସିଷ୍ଟମକୁ ସୁରକ୍ଷିତ ଓ ନିରାପଦ କରିବା ପାଇଁ ଟେଲିକମ୍ ବିଭାଗ ଏକାଧିକ ପଦକ୍ଷେପ ନେଇଛି। ଏହା ନାଗରିକମାନଙ୍କୁ ନକଲି, ଶୋଷଣ ଏବଂ ସମ୍ଭାବ୍ୟ ବିପଦ ବିରୋଧରେ ସକ୍ରିୟ କାର୍ଯ୍ୟାନୁଷ୍ଠାନରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିବ।

## ଶ୍ରବଣବାଧିତ ଯୁବବର୍ଗଙ୍କ ପାଇଁ ଆଇଏଚ୍‌ଏମ୍‌ର ପ୍ରୟାସ

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଏବଂ ରକ୍ଷଙ୍କ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରାୟୋଜିତ ୧୫୦ ଜଣ ମୂଁ ବିବା ଧୂତ ଯୁବକଯୁବତୀଙ୍କୁ ଆତିଥ୍ୟ କାର୍ଯ୍ୟର ତାଲିମ ଦେବା ପାଇଁ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍), ଭୁବନେଶ୍ୱର ବିଶେଷ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କର ଦକ୍ଷତା ବୃଦ୍ଧି ସାନ୍ଦ ନିଯୁକ୍ତି ସମ୍ଭାବନା ବୃଦ୍ଧି ନିମନ୍ତେ ଏହି ଅଭୂତପୂର୍ବ କାର୍ଯ୍ୟକ୍ରମ ବେଶ୍ ଫଳପ୍ରଦ ହୋଇଛି । ପ୍ରଥମ ପର୍ଯ୍ୟାୟର ପ୍ରଶିକ୍ଷାର୍ଥୀମାନେ ଅକ୍ଟୋବର ୨୦୨୪ରେ ସେମାନଙ୍କର ପ୍ରଶିକ୍ଷଣ ସମାପ୍ତ କରିବେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ନାମୀ ଦାମୀ ଆତିଥେୟତା ପ୍ରଦାନକାରୀ ସଂସ୍ଥାରୁ ନିଯୁକ୍ତିର ସୁଯୋଗ ପାଇସାରିଛନ୍ତି । ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୩ ଜଣ କାମଦେବପୁରରେ ଅନୁଷ୍ଠିତ ସମ୍ମାନଜନକ ଜାତୀୟ ଆବିଲିମ୍ପିକ୍ ଇଭେଣ୍ଟରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ଶାରୀରିକ ଦକ୍ଷତା ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କୁଶଳୀ କରି ଏକ ସମାବେଶୀ ମାନବସମ୍ବଳ ସୃଷ୍ଟି କରିବା ପାଇଁ ଆଇଏନ୍ ଏମ୍ ତା'ର ପ୍ରୟାସ ଜାରି ରଖିଛି ।

## ଟ୍ୱିନ୍ ସିଟି କ୍ରାଇମ୍

### ଦାଦାବଟି ନ ଦେବାରୁ ଅଟୋ ଜାଳିଦେଲା ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ଦୁର୍ଗାପୂଜା ନିମନ୍ତେ ଦାଦାବଟି ନ ଦେବାରୁ ରାଗରେ ଅଟୋ ଜାଳିଦେବା ସହ ଅଭିଯୁକ୍ତର ହତ୍ୟା ଧମକ। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଏୟାରପୋର୍ଟ ଭିମପୁରର ସୁକାନ୍ତ ନାୟକ। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଏବଂ ଅନ୍ୟ ଅଟୋ ଡ୍ରାଇଭରମାନେ ନିୟମିତ ଭାବେ ଏୟାରପୋର୍ଟ ଗୋଲେଇ ଛକ ନିକଟରେ ନିଜ ନିଜ ଅଟୋ ପାର୍କିଂ କରିଥାନ୍ତି। ଗତ କିଛିଦିନି ହେବ ନିମ୍ନୋକ୍ତ ଅଭିଯୁକ୍ତ ଜଣଙ୍କ ସେମାନଙ୍କୁ ଡରାଇ ଧମକାଇ ସେମାନଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ। ଅଭିଯୁକ୍ତର ଧମକକୁ ଡ଼ରି ଅଭିଯୋଗକାରୀ କାଳୁ ଚରଣ ଦାସ ଗତ ୧ ତାରିଖ ଦିନ ତାଙ୍କୁ ୧୫୦୦ ଟଙ୍କା ଦାଦାବଟି ବାବଦକୁ ଦେଇଥିଲେ। ପୁନର୍ବାର କତ ୨ ତାରିଖ ଦିନ ପୁଣି ଅଭିଯୁକ୍ତ ଜଣକ ସେଠାରେ ପହଞ୍ଚି ଦୁର୍ଗାପୂଜା ପାଇଁ ଦାଦାବଟି ମାଗିଥିଲା। ହେଲେ ସମସ୍ତେ ଦାଦାବଟି ଦେବାକୁ ମନା କରିଥିଲେ। ଏହି ରାଗରେ ଆସନ୍ତା ଦୁର୍ଗାପୂଜା ଭଷାଣୀ ଦିନ ସେ ସେମାନଙ୍କ ଅଟୋ ଗୁଡ଼ିକରେ ନିଆଁ ଲଗାଇ ଦେବା ସହିତ ସମସ୍ତଙ୍କୁ ଜୀବନରେ ମାରିଦେବାର ଧମକ ଦେଇଥିଲା ଓ ଯିବା ପୂର୍ବରୁ ଏ ବର୍ଷ ପୂଜାରେ ଦାଦାବଟି ଦେବାକୁ ଚେତାବନୀ ଦେଇଥିଲା। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଆଜି ଅଭିଯୁକ୍ତକୁ ଗିରଫ କରିଛି।

### ମୋବାଇଲ ଜବତ ; ଲୁଟେରା ଗିରଫ

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ପାର୍କିଂରୁ ଓଲା ଅଟୋରୁ ଡ୍ରାଇଭର ପକେଟରୁ ମୋବାଇଲ ଚୋରି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, କଟକ ସଦର ଅଞ୍ଚଳର ସୁନିଲ କୁମାର ପଣ୍ଡା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ସୁବ୍ରତ ଦାସ ଗତ ୨ ତାରିଖ ସନ୍ଧ୍ୟାରେ ନିଜର ଓଲା ଅଟୋକୁ ଅଶୋକନଗର ସ୍ଥିତ ଶିବ ମନ୍ଦିର ନିକଟରେ ପାର୍କିଂ କରି ଭିତରେ ଶୋଇଥିଲେ। ଏହି ସମୟରେ ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ପକେଟରୁ ମୋବାଇଲ ଫୋନକୁ ଚୋରି କରି ନେଇଯାଇଥିଲା ଓ ମୋବାଇଲ ଟିକୁ ଅଫ୍ କରିଦେଇଥିଲା। ତା ପରଦିନ ଅର୍ଥାତ ୩ ତାରିଖ ଦିନ ସକାଳେ ଅଭିଯୁକ୍ତ ଜଣକ ଉକ୍ତ ଫୋନ ଜରିଆରେ ଅଭିଯୋଗକାରୀଙ୍କ ସମ୍ପର୍କୀୟ ମହିଳାଙ୍କୁ ଫୋନ କରି ତାଙ୍କ ସହିତ ଖରାପ ସମ୍ପର୍କ ସ୍ଥାପନ କରିବା ଲାଗି ପ୍ରବର୍ତ୍ତାଇବା ସହିତ କଟକ ଲିଙ୍କରୋଡ ନିକଟକୁ ଯାଇ ଫୋନ ନେବାକୁ କହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ସେହି ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତକୁ ଗିରଫ କରିଛି।

## ରାଜଧାନୀରେ ଅପରାଧୀ ବେପରୱା

# ଦୁଇ ପୁଲିସଙ୍କୁ ଛୁରା ମାଡ଼

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ଗତକାଲି ରାତିରେ ଜଣେ ଯୁବକଙ୍କ ଛୁରା ମାଡରେ ଜଣେ ପୁଲିସ କନଷ୍ଟେବଳ ଆହତ ହୋଇଛନ୍ତି। ଘଟଣା ଘଟିଛି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ସ୍ଥିତ ଶ୍ରୀରାମନଗରରେ। ଗାଡି ହର୍ଣ୍ଣ ମାରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିବାରୁ ଅଭିଯୁକ୍ତଙ୍କ ଛୁରାମାଡରେ ଦୁଇ ଜଣ ଯୁବକଙ୍କ ସମେତ ଜଣେ ପୁଲିସ ବି ଆହତ ହୋଇଥିଲେ। ୩ ଆହତ ହେଲେଏ ଅନୁପ୍ ସାହୁ, ଅମିତ ଦାସ ଓ ସୁବ୍ରଜିତ୍ ବିହାରି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଶ୍ରୀରାମନଗରର ଦୀପକ ନାୟକ। ତାଠାରୁ ଏକ ଛୁରୀ ଜବତ କରାଯାଇଛି। ସୂଚନା ଯୋଗ୍ୟଯେ, ଗୁରୁବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ଶ୍ରୀରାମନଗର ଠାରେ ୪ ଯୁବକ ବସିଥିଲେ। ଏତିକିବେଳେ ଏକ ବାଇକରେ ଦୁଇ ଯୁବକ ଦ୍ରୁତ ଗତିରେ ଆସି ହର୍ଣ୍ଣ ମାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ପକ୍ଷଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଜଣେ ଯୁବକଙ୍କୁ ବାଇକରେ ଆସିଥିବା ଯୁବକ ଛୁରାମାଡ କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ସେମାନେ ଘରକୁ ଫେରିଥିବା ଜଣାଯାଇଛି। ପୁଲିସ ଏହି ଘଟଣାର ତଦନ୍ତ ଚଳାଇ ରାତାରାତି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା। ଗତକାଲି ରାଜଧାନୀର ଏକ ବ୍ୟାଙ୍କ ସମ୍ମୁଖରୁ ସାଢେ ୩ ଲକ୍ଷ ଲୁଟ ହେବା ସହ ଖାରବେଳନଗରରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଲେ ଲୁଟେରା। ଏହାପରେ ରାତିରେ ହୋଇଥିଲା ପୁଲିସ ଓ ସ୍ଥାନୀୟ ଦୁଇ ଜଣ ଯୁବକଙ୍କୁ ଛୁରା ମାଡ। ପୁଲିସ ପାଟ୍ରୋଲିଂ କଡାକଡି ନକଲେ ଆଗାମୀ ଦିନରେ ଅପରାଧ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

# ବଢୁଛି ଇଭି ବିକ୍ରି, ଚାର୍ଜିଂ ଷ୍ଟେସନର ଅଭାବ




ଭୁବନେଶ୍ୱର, ୪।୧୦: ରାଜ୍ୟରେ ବୈଦ୍ୟୁତିକ ଯାନ ବିକ୍ରି ବଢ଼ିବା ସହିତ ଏ ବାବଦରେ ସରକାର କୋଟି କୋଟି ଟଙ୍କାର ସବସିଡ୍ ଗଣୁଥିବାବେଳେ ଖୋଦ ରାଜଧାନୀରେ ଆବଶ୍ୟକ ମୁତାବକ ଇଭି ଚାର୍ଜିଂ ପଏଣ୍ଟ ସ୍ଥାପନ ହୋଇପାରୁ ନାହିଁ। ଫଳରେ ବୈଦ୍ୟୁତିକ ଯାନ ଖରିଦ କରିଥିବା ଲୋକେ ହୀନସ୍ତା ହେବା ସହିତ ଧିରେ ଧିରେ ଇଭିଯାନରୁ ମୁହଁ ଫେରାଇବାରେ ଲାଗିଛନ୍ତି।
ରାଜ୍ୟରେ ବୈଦ୍ୟୁତିକ ଯାନର ବିକ୍ରି ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ସବସିଡ୍ ବାବଦରେ ୧୫୮ କୋଟି ଟଙ୍କାରୁ ଅଧିକ ଟଙ୍କା ଦେଇ ସାରିଲେଣି। ପୂର୍ବରୁ ଗାଡି ପ୍ରତି ସବସିଡ୍ ଅର୍ଥ ପ୍ରଦାନ କରାଯାଉଥିବାବେଳେ ଏବେ ଗ୍ରାହକଙ୍କୁ ଆକୃଷ୍ଟ କରିବାପାଇଁ ବ୍ୟାଟେରୀ କ୍ଷମତା ଅନୁଯାୟୀ କିଲୋୱାଟ ପିଛା ଅର୍ଥ ପ୍ରଦାନ କରାଯାଉଛି। ତେବେ ଇଭି ଖରିଦ କରିଥିବା ଅଧିକାଂଶ ଲୋକେ ନିଜ ନିଜ ଘରେ ଗାଡି ଚାର୍ଜିଂ କରୁଛନ୍ତି। ରାଜଧାନୀରେ କାଁ ଭାଁ ଇଜି ଚାର୍ଜିଂ ଷ୍ଟେସନକୁ ବାଦ୍ ଦେଲେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ତୈଳ କମ୍ପାନୀ କିମ୍ବା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ମହାନଗର ନିଗମ ଆବଶ୍ୟକ ମୁତାବକ ଚାର୍ଜିଂ ଷ୍ଟେସନ ସ୍ଥାପନ କରିନାହାନ୍ତି। ଯେଉଁ କେତେକ ସ୍ଥାନରେ ଚାର୍ଜିଂ ଷ୍ଟେସନ ରହିଛି ତାହା ସମୁଦ୍ରକୁ ଶଙ୍ଖେଭଳି ହୋଇଥିବାବେଳେ ସେଠାରେ ସଂଖ୍ୟାଧିକ ଚାରି ଚକିଆ ଯାନ ଚାର୍ଜିଂ କରାଯାଉଛି। ରାସ୍ତାଘାଟରେ ଚାର୍ଜିଂଷ୍ଟେସନ ସ୍ଥାପନ ହୋଇପାରି ନଥିବାରୁ ସହର ବାହାରକୁ କିମ୍ବା ଦୂର ସ୍ଥାନକୁ ଯାତାୟତ କରୁଥିବା ଲୋକେ ନିଜ ନିଜର ଇଭିଯାନ ନେଇ ଯିବାକୁ ଭୟ କରୁଛନ୍ତି। କାରଣ ଯଦି କେଉଁଠାରେ ବ୍ୟାଟେରୀ କ୍ଷମତା ସରିବ ସେଠାରୁ ଫେରିବା ମୁସ୍କିଲ ହୋଇଯିବ। ଗାଡିରେ ଚାର୍ଜିଂ ବ୍ୟବସ୍ଥା ଥିଲେ ବି ଅଚିହ୍ନା ଅଜଣା ସ୍ଥାନରେ ଏହାକୁ ଚାର୍ଜ କରିବା ସେତେଟା ସହଜ ନୁହେଁ।
ସେହିଭଳି ନିଜ ନିଜ ଘରେ ଇଭି ଚାର୍ଜିଂ କରୁଥିବାରୁ ଲୋକଙ୍କ ଉପରେ ବିଜୁଳି ବୋଝ ବଢ଼ିବାରେ ଲାଗିଛି। ଯେଉଁମାନେ ଅଧିକ ବିଜୁଳି ବ୍ୟବହାର କରୁଛନ୍ତି ସେମାନଙ୍କୁ ଚାର୍ଜିଂଷ୍ଟେସନ ଅପେକ୍ଷା ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ସେହିଭଳି ଚାର୍ଜିଂଷ୍ଟେସନଗୁଡ଼ିକରେ ବେଗଗାମୀ ଚାର୍ଜିଂ ବ୍ୟବସ୍ଥା ଥିବାବେଳେ ଘରେ ତାହା ହୋଇପାରୁ ନାହିଁ। ରାଜ୍ୟ ସରକାର ଇଭିଯାନ ଉପରେ ସବସିଡ୍ ଦେବା ଆରମ୍ଭ କରିବା ସହିତ ଏହାର ବିକ୍ରି ବୃଦ୍ଧିପାଇଁ ବିଭିନ୍ନ ସ୍ଥାନରେ ଚାର୍ଜିଂ ଷ୍ଟେସନ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଯୋଜନାକୁ ବିଏମ୍‌ସି କାର୍ଯ୍ୟକାରୀ କରିବାର ଥିଲା। ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କ ସହଯୋଗରେ ଏହି ଚାର୍ଜିଂ ଷ୍ଟେସନ ସ୍ଥାପନର ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା ଏକ ପ୍ରକାର ଶୀତଳଭଣ୍ଡାରରେ ରହିଯାଇଛି।
ସେହିଭଳି ରାଜ୍ୟରେ ବର୍ତ୍ତମାନ ଏକାଧିକ ଇଭି କମ୍ପାନୀ ନିଜର କାରବାର କରୁଥିଲେ ମଧ୍ୟ ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଗାଡି ବିକ୍ରି କରିବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହୋଇଥିବାବେଳେ ସରକାର ସବସିଡ୍ ଦେବାରେ ଲାଗିଛନ୍ତି। ହେଲେ ଚାର୍ଜିଂଷ୍ଟେସନ ସ୍ଥାପନ ପାଇଁ କେହିହେଲେ ସେଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ତ୍ୟାଗ-ତ୍ୟାଗର ଆନନ୍ଦ ଭୋଗର
ଆନନ୍ଦଠାରୁ ସହସ୍ର ଗୁଣରେ ଉର୍ଦ୍ଧ୍ୱରେ,
ଏକଥା ଆମକୁ ବାପ ଶିକ୍ଷା ଦିଏ, ନିଜେ
ଜଳି ଅନ୍ୟକୁ ଆଲୋକ ଦେଇ ଯେଉଁ
ଆନନ୍ଦ ପାଏ ତାହାର ତୁଳନା ନାହିଁ।

SANCHAR
ସଞ୍ଚାର



# ଯୁଦ୍ଧରେ ବଜାର ଭୁଶୁଡ଼ିଲା

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଏବଂ ବିଭିନ୍ନ ଦେଶ ମଧ୍ୟରେ ସେପରି ଆଉ ଯୁଦ୍ଧ ଲାଗିବନି ସେଥିଲାଗି ବିଶ୍ୱର ଅଧିକାଂଶ ରାଷ୍ଟ୍ରଙ୍କ ମଧ୍ୟରେ ସହମତି ଭିତ୍ତିରେ ଗଠିତ ହୋଇଥିଲା ମିଳିତ ଜାତିସଂଘ। କିନ୍ତୁ ଏହା ବିଫଳ ହେଲା। ଗତ ୭୫ ବର୍ଷ ଭିତରେ ବିଶ୍ୱରେ ଅନେକ ଯୁଦ୍ଧ ଲାଗିଛି। ଅନେକ ଜୀବନ ହାନି ହୋଇଛି, ବିପୁଳ ସମ୍ପତ୍ତି ନଷ୍ଟ ହୋଇଛି। ବିଶ୍ୱ ସମୁଦାୟର ବିରୋଧ ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। କେତେକ ଯୁଦ୍ଧ ବର୍ଷ ବର୍ଷ ଧରି ଲାଗି ରହୁଛି। ଏହାର ପ୍ରଭାବ କେବଳ ଦୁଇଟି ଦେଶରେ ସୀମିତ ରହୁନି, ଏହାର ପ୍ରଭାବ ସାରା ବିଶ୍ୱରେ ପଡୁଛି। ବିଶ୍ୱ ଅର୍ଥନୀତି ଏହା ଦ୍ୱାରା ଗୁରୁତର ପ୍ରଭାବିତ ହେଉଛି। ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ଋଷିଆ ଆକ୍ରମଣ କଲା। ଅଢ଼େଇ ବର୍ଷ ହେଲାଣି ଏହି ଯୁଦ୍ଧ ଜାରି ରହିଛି। ଜାତିସଂଘର ବାରମ୍ବାର ଅନୁରୋଧ ସତ୍ତ୍ୱେ ଯୁଦ୍ଧ ବିରତି ସମ୍ଭବ ହେଉନି। ଋଷିଆ ଏବଂ ୟୁକ୍ରେନ ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ବଜାର ଉପରେ ପଡ଼ିଥିଲା। ଖାଦ୍ୟ, ଫୁଏଲ ଏବଂ ଫର୍ଟିଲାଇଜର ସପ୍ଲାଇ ଚେନ ଗୁରୁତର ପ୍ରଭାବିତ ହୋଇଥିଲା। ଫଳରେ ଏସବୁର ଦର ବୃଦ୍ଧି ସହିତ ବିଶ୍ୱରେ ମୁଦ୍ରାସ୍ଫୀତି ବଢ଼ିଥିଲା। ଏବେ ବି ଏହାର ପ୍ରଭାବ ପୂରା ହୋଇନି। ଆମେରିକା ଏବଂ ବ୍ରିଟେନ ଭଳି ଦେଶରେ ମଧ୍ୟ ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ସମେତ ଅଧିକାଂଶ ଦେଶର ସେଣ୍ଟ୍ରାଲ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିଛନ୍ତି। ୨୦୨୨ରେ ଭାରତରେ ମୁଦ୍ରାସ୍ଫୀତି ପାଖାପାଖି ୮ ପ୍ରତିଶତ ହୋଇଗଲା। ସେତେବେଳେ ରେପୋରେଟ ଥିଲା ୪ ପ୍ରତିଶତ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ଆରବିଆଇ ରେପୋରେଟ ବୃଦ୍ଧି କଲେ। ସୁଧହାର ୪ରୁ ୬.୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏବେ ବି ଏହା ଅପରିବର୍ତ୍ତିତ ରହିଛି। ଏହି ଯୁଦ୍ଧର ପରିସମାପ୍ତି ହୋଇନଥିବା ବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେଲା। ଗତ ବର୍ଷ ଅକ୍ଟୋବରରେ ଇସ୍ରାଏଲରେ ଅନୁପ୍ରବେଶ କରି ହମାସ ବର୍ବର ଭାବେ ନରସଂହାର କଲା। ଏହାର ପ୍ରତିଶୋଧ ନେବାକୁ ଇସ୍ରାଏଲ ହମାସ ଅଧିନରେ ଥିବା ପାଲେଷ୍ଟାଇନର ଗାଜା ଷ୍ଟ୍ରିପ ଉପରେ ଆକ୍ରମଣ କଲା। ଏବେ ବି ଏହା ଜାରି ରହିଥିବା ବେଳେ ହମାସ ସପକ୍ଷରେ ଲେବାନନ, ଇରାନ, ସିରିଆ, ୟେମେନ ଭଳି ଦେଶ ବାହାରିଛନ୍ତି। ଇରାନ ସମର୍ଥନରେ ଲେବାନନର ହେଜବୁଲ୍ଲା, ୟେମେନର ହୁତି ଭଳି ଆତଙ୍କବାଦୀ ସଙ୍ଗଠନ ଏକାଠି ହୋଇ ଇସ୍ରାଏଲ ଉପରେ ମିଳିତ ଆକ୍ରମଣ କରିଛନ୍ତି। ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲା ସଙ୍ଗଠନ ଭୁଶୁଡ଼ି ପଡ଼ିଥିବା ବେଳେ ଏବଂ ଇସ୍ରାଏଲର ମିସାଇଲ ମାଡ଼ରେ ଲେବାନନ ରାଜଧାନୀ ବିରୁଟରେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ସାଂଘାତିକ ହୋଇଛି। ଗତ ବର୍ଷ ଇସ୍ରାଏଲରେ ହମାସର ଅନୁପ୍ରବେଶ ଏବଂ ନିରୀହ ଲୋକଙ୍କୁ ହତ୍ୟା ପରେ ସୁପ୍ତ ଆଗ୍ନେୟଗିରି ସକ୍ରିୟ ହୋଇଥିଲା। ହମାସର ମୁଖ୍ୟମାନେ କୁହାଯାଉଥିବା ଗାଜା ଉପରେ ଇସ୍ରାଏଲ ଆରମ୍ଭ କରିଥିଲା ରକେଟ ମାଡ଼। ପରେ ଇସ୍ରାଏଲ ସେନା ଗାଜାରେ ପ୍ରବେଶ କରିଥିଲା ଏବଂ ହମାସ ଆତଙ୍କବାଦୀଙ୍କ ଗୁପ୍ତ ଆଶ୍ରୟ ସ୍ଥଳକୁ ଧ୍ୱଂସ କରିଥିଲା। ଏଥିରେ ଅନେକ ଆତଙ୍କବାଦୀଙ୍କ ସହ ବହୁ ସଂଖ୍ୟାରେ ନିରୀହ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଥିଲେ। ଏବେ ବି ଏହି ଯୁଦ୍ଧ ଚାଲିଛି। ହମାସକୁ ସମର୍ଥନ କରି ଲେବାନନ, ସିରିଆ ଓ ଇରାନ ଇସ୍ରାଏଲ ବିରୋଧରେ ଏକ ହୋଇଛନ୍ତି। ଇସ୍ରାଏଲର ମିସାଇଲ ମାଡ଼ରେ ବିରୁଟ ସହର ଏକ ପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ, ତୃତୀୟ ବିଶ୍ୱଯୁଦ୍ଧ ଲାଗିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହାର ପ୍ରଭାବ ବିଶ୍ୱବଜାର ଉପରେ ପଡ଼ିଛି। ଗୁରୁବାର ଭାରତୀୟ ସେୟାର ମାର୍କେଟରେ ବଡ଼ ଧରଣର କ୍ରାସ ହୋଇଛି ଏବଂ ସେନସେକ୍ସ ପ୍ରାୟ ୧୮୦୦ ପଏଣ୍ଟ ହ୍ରାସ ପାଇଛି ଏବଂ ନିବେଶକମାନେ ଗୋଟିଏ ଦିନରେ ପାଖାପାଖି ୧୦ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏହି ଯୁଦ୍ଧ ଜାରି ରହିଲେ ବଜାର ବ୍ୟବସ୍ଥା ଆହୁରି ଗୁରୁତର ପ୍ରଭାବିତ ହୋଇପାରେ। ବିଶ୍ୱବଜାରରେ ଏକ କ୍ରୁଡ୍ ଅଏଲ ପ୍ରାଇସ ବଢ଼ିବା ଆରମ୍ଭ କରିଛି। ପୁଣି ୨୦୨୨ର ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ୧୯୯୦ରେ ଇରାକ ଉପରେ ଆମେରିକାର ଆକ୍ରମଣ ଏବଂ ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଅଲକାଇଦାର ଆକ୍ରମଣ ତଥା ଆମେରିକାର ଆଫଗାନିସ୍ତାନ ଉପରେ ଆକ୍ରମଣ ପରେ ଠିକ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଏହାର ପୁନରାବୃତ୍ତି ଘଟିଛି।

ହମାସର ବଡ଼ ସମର୍ଥକ ହେଲା ଇରାନ। ଇରାନର ସାହାଯ୍ୟ ସହଯୋଗରେ ପ୍ରତିଷ୍ଠିତ ହୋଇଥିବା ଆତଙ୍କବାଦୀ ସଙ୍ଗଠନ ହେଲା ହେଜବୁଲ୍ଲା। ଇସ୍ରାଏଲର ପଡ଼ୋଶୀ ଲେବାନନ ହେଉଛି ଏହାର ମୁଖ୍ୟ କେନ୍ଦ୍ର। ସେଠାରୁ ହେଜବୁଲ୍ଲା ନିଜ ଅପରେସନ ନିୟନ୍ତ୍ରଣ କରିଥାଏ। ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପରେ ହେଜବୁଲ୍ଲା ବିନା କାରଣରେ ଇସ୍ରାଏଲ ଉପରେ ରକେଟ ମାଡ଼ କରି ଚାଲିଥିଲା। ଶେଷରେ ଇସ୍ରାଏଲ ଏହାର ଜବାବ ଦେବାକୁ ନିଷ୍ପତ୍ତି ନେଲା। ଇସ୍ରାଏଲର ଆକ୍ରମଣରେ ଗତ ୭ ଦିନ ଭିତରେ ହେଜବୁଲ୍ଲା ସଙ୍ଗଠନର ମୁଖ୍ୟ ହସନ ନସରଲ୍ଲା ସମେତ ୭ଜଣ ଟପ କମାଣ୍ଡର ନିହତ ହୋଇଛନ୍ତି। ୭୦୦ରୁ ଅଧିକ ଲେବାନନ ନାଗରିକ ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ପାଇଛି। ଏଥିରେ ବ୍ୟଥିତ ହୋଇଛି ଇରାନ। ମଙ୍ଗଳବାର ରାତିରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି। ତେଲଆଭିଭ ଓ ଜେରୁଜେଲମ ଅନ୍ୟ ସହର ଉପରେ ଇରାନ ୨୦୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ସହିତ ତେଲଆଭିଭରେ ଇରାନ ସମର୍ଥିତ ଆତଙ୍କବାଦୀମାନେ ଅଖିବୁଜା ଗୁଳି ଚଳାଇବା ଫଳରେ ୪ଜଣ ଇସ୍ରାଏଲି ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଖୁବ ଶୀଘ୍ର ଇସ୍ରାଏଲ ଲେବାନନରେ ସ୍ଥଳ ପଥରେ ପ୍ରବେଶ କରିବ ବୋଲି ସୂଚନା ଦେଇଛି। ଏହା ସହିତ ଇରାନ ଉପରେ ଇସ୍ରାଏଲ ମଧ୍ୟ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବ। ଲେବାନନରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ କରୁଛି, ଇରାନ ଓ ସିରିଆ ଉପରେ ମଧ୍ୟ ଅନୁରୂପ ଆକ୍ରମଣ କରିପାରେ। ସ୍ଥଳ ପଥରେ ଇରାନ ଉପରେ ଆକ୍ରମଣ ସମ୍ଭବ ନହୋଇପାରେ। କିନ୍ତୁ ଇସ୍ରାଏଲ ନିକଟରେ ବିପୁଳ ପରିମାଣର କ୍ଷେପଣାସ୍ତ୍ର ମହଜୁଦ ରହିଛି। ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ଶ୍ରେଷ୍ଠତ୍ୱ। ଏହାର ଡିଫେନ୍ସ ଟେକ୍ନୋଲୋଜି ମଧ୍ୟ ବେଶ ଉନ୍ନତ। ଏହାର ମୁକାବିଲା କରିବା ଇରାନ ପକ୍ଷରେ ସମ୍ଭବ ନୁହେଁ। ଇରାନ ହେଉଛି ଆମେରିକାର ଶତ୍ରୁ। ତେଣୁ ଇରାନ ବିରୋଧରେ ଆମେରିକା ଇସ୍ରାଏଲକୁ ସମର୍ଥନ ଏବଂ ସାହାଯ୍ୟ କରୁଛି। ଏବେ ଇସ୍ରାଏଲ ମାଧ୍ୟମରେ ଆମେରିକା ଇରାନ ଉପରେ ପ୍ରତିଶୋଧ ନେବାକୁ ଚାହିଁବ। ତେଣୁ ଇସ୍ରାଏଲକୁ ସାମରିକ ଏବଂ ଆର୍ଥିକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଘୋଷଣା କରିଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମସ୍ତେ ପ୍ରତିହିଂସା ଓ ପ୍ରତିଶୋଧର ନିଆଁରେ ଜଳୁଛନ୍ତି। ପରିଣାମ କଣ ହେବ କେହି ଚିନ୍ତା କରୁ ନାହାଁନ୍ତି। ବିନା ଦୋଷରେ ସାଧାରଣ ନାଗରିକ, ନିରୀହ ବ୍ୟକ୍ତି ଦଣ୍ଡ ଭୋଗୁଛନ୍ତି। ଏହାର ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବ ସୁଦୂରପ୍ରସାରୀ ହେବ।

## ସମ୍ପାଦକଙ୍କୁ ପତ୍ର

### କୋଣାର୍କକୁ ରେଳପଥ ନିର୍ମାଣ ହେଉ

**ମହାଶୟ,**

ବହୁ ବର୍ଷ ତଳେ ପର୍ଯ୍ୟଟନ କ୍ଷେତ୍ର କୋଣାର୍କକୁ ରେଳପଥ ନିର୍ମାଣ ଲାଗି ପ୍ରସ୍ତାବ ଆସିଥିଲା। ସୂର୍ଯ୍ୟ କ୍ଷେତ୍ରକୁ ରେଳପଥରେ ସଂଯୁକ୍ତ କରିବା ନିମନ୍ତେ ବାଜପେୟୀ ସରକାରଙ୍କ ଅମଳରେ ଏଭଳି ଏକ ପ୍ରସ୍ତାବ ଆସିଥିଲା ଯାହା ପରବର୍ତ୍ତୀ ସମୟରେ ଶୀତଳ ଭଣ୍ଡାରକୁ ଚାଲିଗଲା। ଏବେ ଅଶ୍ୱିନୀ ବୈଷ୍ଣବ ରେଳବାଇ ମନ୍ତ୍ରୀ ହେବା ପରେ ପୁନର୍ବାର ଏହି ପ୍ରସ୍ତାବ ଉପରେ ବିଚାର ଆଲୋଚନା ଚାଲିଛି। ପ୍ରସ୍ତାବ ଅନୁଯାୟୀ ପୁରୀରୁ କୋଣାର୍କକୁ ନୂତନ ରେଳପଥ ନିର୍ମାଣ ହେବ। ଏହା ସହିତ ପୁରୀରୁ ସାତପାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ହେବା ଉଚିତ। ଏହା କଲେ ବା ଶିଳ୍ପ ସମୃଦ୍ଧ ଅଞ୍ଚଳ ନୁହେଁ। କିନ୍ତୁ ସାତପାଡ଼ାରୁ ପୁରୀ ଦେଇ କୋଣାର୍କ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ହେଲେ ଏହା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବ। ପ୍ରତିଦିନ ଏହି ରୁଟରେ ୨ଲକ୍ଷ ଲୋକ ଟ୍ରେନରେ ଯିବା ଆସିବା କରିବେ। ରାଜ୍ୟର ଡବଲ ଇଞ୍ଜିନ ସରକାର ଏହା ଉପରେ ବିଚାର କରିବେ ବୋଲି ଅନୁରୋଧ।

**ସୁଭାସ ଚନ୍ଦ୍ର ପାତ୍ର, ନିମାପଡ଼ା**

# ମା’



**କାଳି ଦାସ**

ଦୁର୍ଗାପୂଜା ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଉପସ୍ଥାପନା।ନାରୀ ଶକ୍ତି ଓ ମାତୃ ଶକ୍ତିର ବନ୍ଦନା କରିବାପାଇଁ ଯେମିତି ପ୍ରକୃତି ଏବଂ ସୃଷ୍ଟି ଉଭୟ ଆଗେଇ ଆସିଛନ୍ତି। ପରିବେଶ ରେ ଯେମିତି ମାଦକତା ଭରିଯାଇଛି।ବର୍ଷା କମିଯାଇଛି, ଶିତ ଆସିନି, ଗାଁ ଠାରୁ ସହର ସବୁକିଛି ଉତ୍ସବ ମୁଖରିତ। ସକାଳୁ ସକାଳୁ ଦେବୀଙ୍କ ସ୍ତୋତ୍ର କାନ ରେ ପଡେ "ଯା ଦେବୀ ସର୍ବଭତେଷୁ ଶକ୍ତିରୂପେଣ୍ ସଂସ୍ତିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ"। ମନ ରେ ଅଦ୍ଭୁତ ଶିହରଣ ଖେଳି ଯାଏ।ପ୍ରତ୍ୟେକ ସହର ଓ ଗାଁରେ ଦୁର୍ଗା ମେଢ ଦେଖିବାକୁ ମିଳିଥାଏ। ଲୋକମାନେ ବର୍ଷ ସାରା ପ୍ରତୀକ୍ଷା କରିଥାନ୍ତି ଦୁର୍ଗାପୂଜାର ଆଗମନ ପାଇଁ ଘରେ ଘରେ ପିଠାପଣାର ସୁଅ ଛୁଟେ। ନୂଆ ଲୁଗା ପିନ୍ଧିବା, ବନ୍ଧୁ ମିଳନର ପରମ୍ପରା କେଉଁ କାଳ ରୁ ଚାଲି ଆସିଛି।

ଅସତ୍ୟ ଉପରେ ସତ୍ୟର ବିଜୟ, ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ କୁ ଦର୍ଶାଏ ଦୁର୍ଗାପୂଜା। ମା ଦୁର୍ଗା ଅତ୍ୟାଚାରୀ ଅସୁର, ମହିଷାସୁରର ବଦ୍ଧ ମାହାଷ୍ଟମୀ ଦିନ କରିଥିଲେ। ମହିଷାସୁରର ଅତ୍ୟାଚାରରେ ତିନି ଲୋକ ଥର ହର ହେଉଥିଲା। ଦେବତା ମାନେ ମଧ୍ୟ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ ସାହାସ ସଞ୍ଚୟ କରିପାରୁନଥିଲେ। ମା ଦୁର୍ଗା ସେତେବେଳେ ଏକୁଟିଆ ମହିଷାସୁର ସହିତ ଯୁଦ୍ଧ କରି ତାକୁ ମାରିଥିଲେ ଓ ତିନି ଲୋକ ରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ନାରୀ ସହନଶୀଳ ସନ୍ତାନପାଇଁ ମମତାର ପ୍ରତିମୂର୍ତ୍ତି କିନ୍ତୁ ଯେତେବେଳେ ସେହି ନାରୀ ଦେଖେ ସୃଷ୍ଟି ନଷ୍ଟ ହେବା କୁ ଯାଉଛି ସେତେବେଳେ ସିଏ ଅସ୍ତ୍ର ଧରି ଦଶଭୁଜା ହୋଇ ଅତ୍ୟାଚାରୀ ର ଅତ୍ୟାଚାର ଉପରେ ପୂର୍ଣ୍ଣଚ୍ଛେଦ ଲଗାଇ ଥାଏ। ଆମର ପୂର୍ବ ପୁରୁଷମାନେ ନାରୀ ଭିତରେ ଥିବା ମାହାନତା ଠିକ ବୁଝିପାରିଥିଲେ ତେଣୁ ନାରୀ ଶକ୍ତିର ସମ୍ମାନ ରେ ଏହି ପୂଜା ଓ ଆରାଧନା କୁ ନିଜ ଜୀବନ ରେ ସ୍ଥାନ ଦେଇଥିଲେ।



ଦୁର୍ଗାପୂଜା ବର୍ଷ କୁ ଦୁଇ ଥର କରାଯାଇଥାଏ ଗୋଟିଏ ହେଲା ବାସନ୍ତିକ ଦୁର୍ଗାପୂଜା ଆଉଗୋଟିଏ ହେଲା ଶାରଦୀୟ ପୂଜା। ଦୁର୍ଗାପୂଜା ୯ ଦିନ ଯାଏଁ ଚାଲେ ତାକୁ ନବରାତ୍ର କୁହାଯାଏ। ମା ଙ୍କର ୯ ଟି ରୂପ କୁ ଏହି ୯ ଦିନରେ ପୂଜା କରାଯାଏ। ଅନେକ ସ୍ଥାନରେ ଲୋକମାନେ ଉପବାସ ରଖି ସଂଯମ ଜୀବନ ଯାପନ କରି ଶକ୍ତିର ଉପାସନା କରିଥାନ୍ତି। ପ୍ରତେକ ଶକ୍ତିପୀଠ ରେ ଏହି ନବରାତ୍ର ଖୁବ ଧୁମଧାମ ରେ ପାଳନ କରାଯାଏ। ଶକ୍ତିପୀଠ ହେଲା ସେହି ଜାଗା ଯେଉଁଠି ସତୀଙ୍କ ଅଙ୍ଗ ପଡ଼ିଥିଲା। ଓଡିଶାରେ ତାରାତାରିଣୀ ପୀଠ ଏକ ମୁଖ୍ୟ ଶକ୍ତି ପିଠ। କୁହାଯାଏ ସତୀଙ୍କ ମୃତ୍ୟୁ ପରେ ସତୀଙ୍କ ଶରୀରର ଅବଶିଷ୍ଟାଂଶ ଯେଉଁଠି ଯେଉଁଠି ପଡ଼ିଲା ସେଇଠି ଶକ୍ତିପୀଠ ସ୍ଥାପନ କରାଗଲା। ଅଭିଭାଜ୍ୟ ଭାରତରେ ପ୍ରାୟ ସମସ୍ତ ଶକ୍ତିପୀଠ ସ୍ଥାପନ କରାଯାଇଥିଲା। ଭାରତର ବିଭାଜନ ପରେ ଅନେକ ଗୁଡିଏ ଶକ୍ତିପୀଠ ପାକିସ୍ଥାନ ଏବଂ ବାଂଲାଦେଶରେ ରହିଯାଇଛି। ମୁଖ୍ୟତଃ ୫୧ ଟି ଶକ୍ତିପୀଠ ରହିଛି। ସେହି ଭିତରେ ସାରଦା ପିଠ, କାଳୀଘାଟ କାଳୀ ମନ୍ଦିର, ବିମଳା ମନ୍ଦିର, ବିଶାଳାକ୍ଷୀ ମନ୍ଦିର, ଆଲୋପିଦେବୀ ମନ୍ଦିର, ଚାମୁଣ୍ଡେଶ୍ୱରୀ ମନ୍ଦିର ମୁଖ୍ୟ ଶକ୍ତିପୀଠ। ସାରଦା ପୀଠ ପାକିସ୍ଥାନର ଅଧୀନରେ ରହିଥିବା କାଶ୍ମୀରରେ ରହିଯାଇଛି। ସତୀଙ୍କର ଅର୍ଦ୍ଧଦଗ୍ଧ ଶରୀର କୁ ଧରି ଶିବ ଉନ୍ମାଦ ହୋଇ ବୁଲିଲେ। ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ଏହି ଦୁର୍ଦ୍ଦଶା ଦେଖି ସହିପାରିଲେନାହି ସିଏ ନିଜର ସୁଦର୍ଶନ ଚକ୍ରେରେ ସତୀଙ୍କ ଶରୀର କୁ ଖଣ୍ଡଖଣ୍ଡ କରିଦେଲେ ସେହି ଡାହାଣ ହାତ ସେହି ସ୍ଥାନରେ ପଡ଼ିଥିଲା। କାଳୀଘାଟର କାଳୀ ମନ୍ଦିର ପଶ୍ଚିମବଙ୍ଗରେ ରହିଛି କୁହାଯାଏ ଯେ ସତୀଙ୍କର ଡାହାଣ ପାଦର ବୁଢ଼ା ଆଙ୍ଗୁଠି ସେଠାରେ ପଡ଼ିଥିଲା। ସେହି ପରି ପୁରୀରେ ଅବସ୍ଥିତ ବିମଳା ମନ୍ଦିର ଯେଉଁ ଠାରେ ସତୀଙ୍କ ଖାଇବା ଉଚିଷ୍ଟ ପଡ଼ିଥିଲା। ବିଶାଳାକ୍ଷୀ ମନ୍ଦିର, ବାରଣାସୀରେ ଅବସ୍ଥିତ, ସତୀଙ୍କର କାନର ଗହଣା ଓ ଆଖି ସେଠାରେ ପଡ଼ିଥିଲା। ଆଲୋପିଦେବୀ ମନ୍ଦିର, ଯେଉଁଠି ସତୀଙ୍କ ଶରୀରର ଶେଷ ଅଂଶ ପଡ଼ିଥିଲା। ଏହା ପ୍ରୟାଗରାଜରେ ଅବସ୍ଥିତ। ଚାମୁଣ୍ଡେଶ୍ୱରୀ ମନ୍ଦିର ମହିଶୂରରେ ଅବସ୍ଥିତ ଏଠାରେ ସତୀଙ୍କ ବାଳ ପଡ଼ିଥିଲା। ନବରାତ୍ରର ୯ ଦିନ ମାଆଙ୍କର ୯ ଟି ରୂପକୁ ପୂଜା କରାଯାଏ। ହିନ୍ଦୁ ଧର୍ମର ସମସ୍ତ ପୂଜା ଓ ପର୍ବାଣି ମୂଳତଃ ମଣିଷର ମନ ବୁଦ୍ଧି ଓ ଚେତନାର ଅଭିବୃଦ୍ଧି ପାଇଁ କରାଯାଏ। ମାଆଙ୍କର ପ୍ରଥମ ରୂପ ହେଉଛି "ଶୈଳ ପୁତ୍ରୀ"। ନବରାତ୍ରୀର ପ୍ରଥମ ଦିନ ଶୈଳ ପୁତ୍ରୀ କୁ ଉପାସନା କରାଯାଏ। ନାରୀ ତା ଜନ୍ମ ସମୟରେ ତା ପିତା ବା ବାପାଙ୍କ ପରିଚୟରେ ପରିଚିତ ହୋଇଥାଏ। ଦ୍ୱିତୀୟ ଦିନ ମାଆଙ୍କୁ "ବ୍ରହ୍ମଚାରିଣୀ" ରୂପେ ପୂଜା କରାଯାଏ। ପୂଜକ ବା ମାଆଙ୍କୁ ଉପାସନା କରୁଥିବା ଭକ୍ତ ମାନେ ନିଜ ମନକୁ ଏବଂ ଇନ୍ଦ୍ରିୟଙ୍କୁ ସଂଯମ କରି ମା ଙ୍କ ଉପାସନା କରନ୍ତି। ତୃତୀୟ ଦିନ ରୂପ ହେଲା "ଚନ୍ଦ୍ରଘଣ୍ଟା"। ସାଧକ ବା ସାଧିକା ଯିଏ ଏହି ନବରାତ୍ର ପାଳନ କରିଥାନ୍ତି ସେମାନେ ଆଧ୍ୟାତ୍ମିକ ଚେତନା ପାଇବା ପାଇଁ ଧ୍ୟାନ ରତ ହୁଅନ୍ତି। ଚତୁର୍ଥ ଦିନର ରୂପ ହେଲା "କୁଷ୍ମାଣ୍ଡ ଦେବୀ" ସାଧକ ବା ସାଧିକା କୁ ଆଧ୍ୟାତ୍ମିକ ସାଧନାର ଏହି ଦିନ ଫଳ ମିଳେ। ମାଆଙ୍କ ପଞ୍ଚମ ରୂପ ହେଲା "ସ୍କନ୍ଦମାତା"। ସ୍କନ୍ଦ କୁ କୋଳରେ ଧରି ମା ବସିଥାନ୍ତି। ନାରୀର ସଫଳତା ମାତୃତ୍ୱରେ ମିଳିଥାଏ ତାର ଏକ ନିଦର୍ଶନ ହେଲା ସ୍କନ୍ଦମାତା। ଷଷ୍ଠ ଦିନ ମାତାଙ୍କୁ "କାତ୍ୟାୟାନୀ" ରୂପେ ପୂଜା କରାଯାଏ। କାତ୍ୟାୟନୀ କୁ ପୂଜା କରି ସାଧକ ଆଧ୍ୟାତ୍ମିକ ଜ୍ଞାନ ପାଇଥାଏ। ସପ୍ତମ ଦିନ ମାଆଙ୍କୁ "କାଳ ରାତ୍ରୀ" ଭାବେ ପୂଜା କରାଯାଏ। ଅଷ୍ଟମ ଦିନ ମା ଙ୍କୁ "ମହା ଗୌରୀ" ରୂପେ ପୂଜା କରାଯାଏ ଏବଂ ନବମ ଦିନ ମା ଙ୍କୁ "ସିଦ୍ଧିଦାତ୍ରୀ " ରୂପେ ପୂଜା କରା ଯାଏ ଏବଂ ସାଧକ ବା ସାଧିକା ଆଧ୍ୟାତ୍ମିକ ସିଦ୍ଧି ମା ଙ୍କ ଠାରୁ ପାଇଥାନ୍ତି।

ଦଶମ ଦିନ ରାବଣ ଦହନ କରାଯାଏ। ଦଶମ ଦିନ କୁ "ବିଜୟ ଦଶମୀ" ବା ଦଶହରା ମଧ୍ୟ କୁହାଯାଏ। ରାବଣ ଆହଙ୍କାର ଓ ଆତ୍ୟାଚାରର ପ୍ରତୀକ। ନାରୀଙ୍କୁ ଦୁର୍ବଳ ଅସହାୟ ମନେ କରେ ତେଣୁ ଦଶହରା ଦିନ ରାବଣ ବଦ୍ଧ ବା ରାବଣ ଦହନ ନାରୀ ଶକ୍ତିର ଜୟ ଗାନ।

**ବ୍ରହ୍ମପୁର, ଖୋଡାସିଙ୍ଗ କଳିଙ୍ଗନଗର,**
**ମୋବାଇଲ୍: ୭୨୦୫୧୦୦୮୩୯**

# ସ୍ପଷ୍ଟବାଦୀ



**ଶ୍ୱେତା ରାଉତ**

ଆମମାନଙ୍କ ପରିବାରରେ ଅନେକ ସଦସ୍ୟ ରହିଥାନ୍ତି। ସମସ୍ତଙ୍କର ସ୍ୱଭାବ ସମାନ ନଥାଏ।କେହି ନିଜର ଅଭିମାନ,ଅଭିଯୋଗକୁ ଖୋଲାଖୋଲି ପ୍ରକାଶ କରିଥାନ୍ତି।ଜରୁରୀ ନୁହେଁ ଆମ ସହିତ ମିଠା କଥା କହି ଭଲ ସମ୍ପର୍କ ରଖୁଥିବା ସଦସ୍ୟ ଭଲ ହୋଇଥିବେ ଏବଂ ଆମ ପ୍ରତି ସକରାତ୍ମକ ଭାବନା ରଖିଥିବେ କିମ୍ବା ଏହା ବି ଭାବିବା ଭୁଲ୍ ଯେ ମୁହଁ ଉପରେ କହି ଦେଉଥିବା ମଣିଷଟି ଖରାପ ହୋଇଥିବ।ସ୍ପଷ୍ଟବାଦୀ ହେବା ସମ୍ପର୍କ ପାଇଁ ମଧ୍ୟ ଏକ ଅପରିହାର୍ଯ୍ୟ ଗୁଣ ଯାହା କ୍ଷଣିକ ପାଇଁ କଷ୍ଟ ଲାଗିଲେ ମଧ୍ୟ ସମ୍ପର୍କକୁ ସୁନ୍ଦର ରଖିବାକୁ ଦୀର୍ଘସ୍ଥାୟୀ ହୋଇଥାଏ।

କାହା ଉପରେ ଆପଣ ଅତିମାତ୍ରାରେ ରାଗ କ୍ରୋଧ ଅଭିମାନରେ ଅଛନ୍ତି ଏବଂ ପରିବାରର ସଦସ୍ୟ ବୋଲି କିଛି କହିପାରୁନାନ୍ତି କିମ୍ବା ତାର ବ୍ୟବହାର ସହି ପାରୁନାହାନ୍ତି। ଆପଣ ତାର ସ୍ୱଭାବ, ଦାୟିତ୍ୱହୀନତା, ବ୍ୟବହାର ଯୋଗୁଁ ନିଜକୁ ସହଜ ମନେ କରୁନାହାନ୍ତି, ତାକୁ କିଛି ସିଧାସଳଖ କହିନପାରି ଚିଡିଚିଡା ହେଉଛନ୍ତି ଏବଂ ସାଙ୍ଗସାଥି ଓ ଅନ୍ୟମାନଙ୍କ ସମ୍ମୁଖରେ ତା ବିରୁଦ୍ଧରେ କହି ନିଜକୁ ହାଲୁକା କରୁଛନ୍ତି। ସେ ବ୍ୟକ୍ତି ଯେତେବେଳେ ଆପଣ ତା ବିଷୟରେ କହିଥିବା କଥା ବାହାରୁ ଶୁଣୁଛି,ଘରକୁ ଆସି ଆପଣଙ୍କ ସହିତ କଳି କରୁଛି।ଛୋଟ ଛୋଟ କଥାକୁ ନେଇ ପରିବାରରେ ତୁମୁଳ କାଣ୍ଡ ଘଟି ଯାଉଛି। ସେତେବେଳେ ପରସ୍ପର ଭିତରେ ଆରୋପ-ପ୍ରତ୍ୟାରୋପ, କଳି-ତକରାଳ ବଢ଼ି ଚାଲୁଛି ଏବଂ ପଡୋଶୀମାନେ ଏସବୁ ଦେଖି ହସାହସି ହେବା ସ୍ୱାଭାବିକ।

ଥରେ ଏକାନ୍ତରେ ବସି ଚିନ୍ତାକଲେ ଏ ଘରୋଇ କଳିର ମୁଖ୍ୟ ଉପାଦାନଟି କିଏ ? କେମିତି ଆମେ ପରିବାର ଭିତରେ ବିନା ତର୍କ-ବିତର୍କ, ରାଗ-ଅଭିମାନରେ ରହିପାରିବା!!

ଏ ମୁଖ୍ୟ ଉପାଦାନ ହେଉଛି ଆମ "ବିଚାର"। ଆମେ ସବୁବେଳେ ସ୍ପଷ୍ଟବାଦୀ ହେବାକୁ ଡରନ୍ତି। ନିଜର ଅଭିମାନ କି ଅଭିଯୋଗ ପ୍ରକାଶ କରିଦେଲେ କାଳେ କିଏ ଖରାପ ଭାବିବ,କାଳେ ଅଶାନ୍ତି ବଢ଼ିବ ଭାବି ଅନେକ ଅସହ୍ୟ କଥାକୁ ନିଜ ଭିତରେ ରଖି ଗୁଣି ହୁଅନ୍ତି କିନ୍ତୁ ପ୍ରକାଶ କରନ୍ତି ନାହିଁ। ସେଇ ଅପ୍ରକାଶ ଅସନ୍ତୋଷ ଆମ ମସ୍ତିଷ୍କ ଭିତରେ ରହି' ଘା'ସୃଷ୍ଟି କରେ। ସେ ଘା ଧିରେ ଧିରେ ଆମ ବିଚାରକୁ ସଂକ୍ରମିତ କରି କୁପ୍ରଭାବ ପକାଇଥାଏ। ଆମେ ଉପରେ ଉପରେ ଯେତେ ଭଲ ବ୍ୟବହାର କଲେ ବି ମନ ଭିତରର ଘୃଣା ଅସନ୍ତୋଷର ଉର୍ଜା ସେ ବ୍ୟକ୍ତିକୁ ନିଶ୍ଚିତ ଭାବେ ପ୍ରଭାବିତ କରୁଛି ଏକଥା ଆମେ କେବେ ବିଚାର କରି ନାହାନ୍ତି।

କାହିଁକି ଆମେ ଆମର ଅଭିମାନ, ଅଭିଯୋଗକୁ ବିନା କ୍ରୋଧ ବିନା କଳିରେ ସାମନାବାଲାକୁ ସ୍ପଷ୍ଟ ଭାବରେ କହିପାରିବାନି!

କହିଲେ ଅସୁବିଧା କ'ଣ? ସବୁଦିନ ଛୋଟ ଛୋଟ କଥାକୁ ମୁଣ୍ଡରେ ରଖି ତାକୁ ଭାବି ଭାବି ବିଚଳିତ ହୋଇ ଅନ୍ୟ ସବୁ ଦାୟିତ୍ୱକୁ ଅବହେଳା କରିବା ଅପେକ୍ଷା ମନ ଭିତରେ ଯାହା ଅଛି ସ୍ପଷ୍ଟ ଭାବରେ କହିଦେଲେ ଅନ୍ତତଃ ନିଜକୁ ହାଲୁକା ଲାଗିବ। ମୁଣ୍ଡ ଭିତରେ ନକରାତ୍ମକ ଭାବନାର ଘା ସୃଷ୍ଟି ହେବନାହିଁ।ନିଜକୁ ନିଜେ ସହଜ ମନେକଲେ ଆପଣ ଅନ୍ୟ ପାଇଁ ଭଲ ଚିନ୍ତା କରିପାରିବେ।

ପରିବାର ଭିତରେ ସମସ୍ତଙ୍କର କିଛି କିଛି ଦୁଃଖ କଷ୍ଟ,ରାଗ ଅଭିମାନ ଥାଏ। ତାକୁ ନେଇ ମନ ଭିତରେ ଅସନ୍ତୋଷ ରଖିବା ଓ ଛଳନାରେ ଉପରେ ଉପରେ ଭଲ ବ୍ୟବହାର କରିବା ଆମ ଆତ୍ମାର ପରିଚୟ ନୁହେଁ। ଆତ୍ମା ସବୁବେଳେ କପଟବିହୀନ। ତେଣୁ ଯାହା ଆପଣଙ୍କୁ ବିବ୍ରତ କରୁଛି ଆପଣ ସମ୍ମୁଖରେ ସ୍ପଷ୍ଟଭାବରେ ପ୍ରକାଶ କରିଦିଅନ୍ତୁ ଏବଂ ପରସ୍ପର ଭିତରେ ସମସ୍ୟାର ସମାଧାନ ପାଇଁ ବୁଝମଣା କରନ୍ତୁ। କ୍ରୋଧ ଏବଂ ଛଳନା କଳିର ସ୍ୱଭାବ। ଏ ସ୍ୱଭାବରେ ଆମେ ପ୍ରଭାବିତ ନହୋଇ ନିଜର ପ୍ରକୃତ ଦୈବୀଗୁଣର ଉର୍ଜା ନେଇ ସଂସାରର ସବୁ ସମସ୍ୟା ସମାଧାନ କରିପାରିବା। ସତ୍ୟ ସବୁବେଳେ ସ୍ୱଚ୍ଛ ଓ ସ୍ପଷ୍ଟ। ତେଣୁ ସ୍ପଷ୍ଟବାଦୀ ହେବା ଅର୍ଥ ସତ୍ୟପଥ ଅନୁକରଣ କରିବା।

**ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଭୁବନେଶ୍ୱର।**
**ମୋବାଇଲ୍: ୯୪୩୯୭୨୬୦୬୦**



# ଭଦ୍ରକର ଚିନ୍ତାନାୟକ ଲକ୍ଷ୍ମୀ ଭାଇ

ଲକ୍ଷ୍ମୀ ଭାଇ ବୋଲି ଆବାଳ ବୃଦ୍ଧବନିତା ସମ୍ବୋଧନ କରନ୍ତି। ଭଦ୍ରକ ତଥା ଓଡ଼ିଶାର କୋଣ ଅନୁକୋଣରେ ଥିବା ରାଜନୀତି ଓ ସାମ୍ବାଦିକତାରେ ରୁଚି ରଖୁଥିବା ସବୁବର୍ଗର ବ୍ୟକ୍ତି ତାଙ୍କୁ ସମ୍ମାନ କରନ୍ତି। ଲକ୍ଷ୍ମୀ ଭାଇଙ୍କର ଜନ୍ମ ଭଦ୍ରକର କୁଆଁସ ଠାରେ ଏକ ଜମିଦାର ପରିବାରରେ। ଭଦ୍ରକର ଇତିହାସକୁ ଅବଲୋକନ କଲେ ଜଣାଯାଏ ତାଙ୍କର ପରିବାର ପୁରୀ ରାଜା ପ୍ରତାପ ରୁଦ୍ର ଦେବଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଅଞ୍ଚଳରୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଭକ୍ତି ଆନ୍ଦୋଳନ ସମୟରେ ପ୍ରଥମେ କୁଆଁସ ଗ୍ରାମ ରେ ଅବସ୍ଥାନ କରିଥିଲେ। ସେତେବେଳେ ଲକ୍ଷ୍ମୀଭାଇଙ୍କର ପୂର୍ବ ପୁରୁଷମାନେ ଏଠାରେ ଅବସ୍ଥାନ କରି ତାଙ୍କ ସ୍ୱାଗତ ନିମନ୍ତେ ଦାୟିତ୍ୱରେ ଥିଲେ। ପାଞ୍ଚଶହ ବର୍ଷରୁ ଉର୍ଦ୍ଧ୍ୱ ତାଙ୍କର ଭଦ୍ରକର ବାସିନ୍ଦା ବୋଲି ପ୍ରମାଣ ମିଳେ। ଆମ ପରିବାର ଓ ତାଙ୍କ ପରିବାର କୌଣସି ପ୍ରକାର ବନ୍ଧୁ ଘର ବୋଲି ସେ ହିସାବରେ ମୋ ବାପାଙ୍କୁ ଦାଦା ଡାକୁଥିଲେ ବୋଲି ମୁଁ ତାଙ୍କୁ ଲକ୍ଷ୍ମୀ ଭାଇ ବୋଲି ଡାକେ। ମଠସାହି ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢ଼ିବା ସମୟରେ ଦିନେ କଂଗ୍ରେସ ସରକାର ବିରୋଧରେ ବିରୋଧୀ ଦଳ ଜନତା ପାର୍ଟି ବନ୍ଦ ଡକରା ଦେଇଥାଏ। ଆମେ ସ୍କୁଲ ଯିବା ସମୟରେ ରାଜଘାଟ ଛକରେ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ସେତେବେଳେ ଶାସକ ଦଳରେ ଥାଇ ଜୋରଜବରଦସ୍ତ ବନ୍ଦକୁ ବିଫଳ କରୁଥାନ୍ତି। ଏହି ସମୟରେ ଏକୁଟିଆ ଲକ୍ଷ୍ମୀଭାଇ ତାଙ୍କ ସହିତ ଧସ୍ତାଧସ୍ତି ଆରମ୍ଭ କଲେ ଓ ତାଙ୍କ ସାହସରେ ଅନ୍ୟମାନେ ମଧ୍ୟ ଏହି ବନ୍ଦକୁ ସଫଳ କରିବାକୁ ଚେଷ୍ଟା କଲେ। ଜଣେ ଖୁବ ପତଳା ଶରୀରର ମଣିଷ ଦାଢ଼ି ରଖିଛନ୍ତି। କୌଣସି ମାରଣାସ୍ତ୍ରକୁ ଭ୍ରୁକ୍ଷେପ ନ କରି ଯେଉଁଭଳି ଭାବେ ଲଢ଼େଇ କଲେ ସେଦିନ ତାଙ୍କୁ ମୁଁ ପ୍ରଥମେ ଚିହ୍ନିଲି। ସେ ହେଉଛନ୍ତି ଲକ୍ଷ୍ମୀ ମହାପାତ୍ର। ଆମ ଗାଁର ବାସିନ୍ଦା। ମୁଁ ଯେତେବେଳେ ଗୋଟାଏ ଜାତୀୟ ଦଳରେ ସାମିଲ ହୋଇ ରାଜନୀତି କଲି ସେତେବେଳେ ପଦ୍ମପୁର, ବରଗଡ଼, ସୋହେଲା ଅଞ୍ଚଳରେ ଗୋଟାଏ ଗୋଟାଏ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲି, କିଛିଜଣ ରାଜନୈତିକ ଲୋକ ମୋ ସାଙ୍ଗରେ ବାର୍ତ୍ତାଳାପ ସମୟରେ ଭଦ୍ରକ ମୋ ଘର ଜାଣି ଲକ୍ଷ୍ମୀ ଭାଇଙ୍କ କଥା ପଚାରିଲେ। ମୁଁ ଆଶ୍ଚର୍ଯ୍ୟ ହେଲି ଓ ଖୁସି ମଧ୍ୟ ହେଲି। ସାରା ଓଡ଼ିଶାର କୋଣ ଅନୁକୋଣରେ ଆମ ଲକ୍ଷ୍ମୀଭାଇଙ୍କୁ ଜାଣିଛନ୍ତି ବୋଲି ହୃଦୟଙ୍ଗମ କଲି। ସେବେଳରୁ ଏବିଭିପି ସଂଗଠନରେ କାର୍ଯ୍ୟକରି ଭଦ୍ରକ କଲେଜର ସଭାପତି ମଧ୍ୟ ଥିଲେ ଓ ତାଙ୍କ ସମୟରେ ରୌପ୍ୟ ଜୟନ୍ତୀ ଭଦ୍ରକ କଲେଜରେ ପାଳନ କରି **souvenir** ଛାପି ଥିଲେ ଓ ତା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ସଙ୍ଗଠନ ନିର୍ବାଚନରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚନ ଜିତଥିଲେ। ସେଥିପାଇଁ ଓଡ଼ିଶାର ସେତେବେଳ ର ପ୍ରାୟ ସବୁ ତାଙ୍କର ଅଦମ୍ୟ ସାହସ ଓ ସାଲିସ ବିହୀନ କାର୍ଯ୍ୟପନ୍ଥା ଜାଣିଥିଲେ। ୧୯୭୫ ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶାର ସର୍ବ କନିଷ୍ଠ ମିସା ବନ୍ଦୀ ଭାବରେ ଦୀର୍ଘ ଦେଢ଼ ବର୍ଷ କାରାବରଣ କରିଥିଲେ ବୋଲି ମୁଁ ମୋ ବାପା ଓ ସେତେବେଳର ଅନେକ ଅଣକଂଗ୍ରେସ ନେତାଙ୍କ ପାଖରୁ ଜାଣିଛି।୧୯୮୦ ରେ ଭଦ୍ରକରେ ପ୍ରଥମ କରି ଭାରତୀୟ ଜନତା ପାର୍ଟି ଟିକେଟରେ ନିର୍ବାଚନ ଲଢ଼ି ବିଜେପିର ମୂଳଦୁଆ ପକାଇଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ୧୯୮୯ ମସିହା ବେଳକୁ ଜନତା ଦଳରେ ଯୋଗଦେଇ ଟିକେଟ ଆଶାୟୀ ଥିଲେ କିନ୍ତୁ ତାଙ୍କ ଭଳି ଜଣେ ସୁଯଗ୍ୟ ରାଜନେତାଙ୍କୁ ସୁଯୋଗ ମିଳିନାହିଁ। କିନ୍ତୁ ଜନତା ଦଳ ସରକାର ଆସିବା ପରେ ଭଦ୍ରକ ଜିଲ୍ଲା ହେବା ପାଇଁ ଆନ୍ଦୋଳନ ହେଉ କି ବଡ଼ ବଡ଼ କ୍ରିୟାନୁଷ୍ଠାନ ପାଇଁ ହେଉ, କ୍ରୀଡାର ବିକାଶ କରିବା ଦିଗରେ ବିଭିନ୍ନ ଅନୁଷ୍ଠାନ ହେଉ ବା ସାଂସ୍କୃତିକ ମର୍ଯ୍ୟାଦା ବଞ୍ଚାଇବା ପାଇଁ ସଙ୍ଗଠନିକ କାମ ହେଉ ସବୁବେଳେ ସେ ତତ୍ପର ଥିଲେ ଓ ତାକୁ ମଧ୍ୟ କରି ଦେଖାଉଥିଲେ। ମୋ ପ୍ରିୟ ଲକ୍ଷ୍ମୀ ଭାଇଙ୍କର ଗୋଟିଏ କଥା **'What I think today bhadrak think tomorrow'** କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ **water service centre** ହେଉ **Xerox machine** ହେଉ ବା fly ash brick machine ହେଉ ଭଦ୍ରକରେ କ୍ଷୁଦ୍ର ଶିଳ୍ପର ଆରମ୍ଭ ପ୍ରଥମେ ଲକ୍ଷ୍ମୀ ଭାଇ କରୁଥିଲେ, ତାପରେ ଅନ୍ୟମାନେ କରୁଥିଲେ। ଭଦ୍ରକ କଲେଜର ୭୫ ବର୍ଷ ପାଳନ ପାଇଁ ପ୍ରଥମେ ତାଙ୍କ ପାଖକୁ ଗଲି ତାଙ୍କ ପ୍ରେରଣାରେ କାର୍ଯ୍ୟ ଆରମ୍ଭ କରି ପ୍ରଥମେ ସଭବଙ୍କଶଙ୍କକ୍ଷବକ୍ଷ କାର୍ଯ୍ୟକ୍ରମ ଆରମ୍ଭ କଲୁ କିନ୍ତୁ ଦୁଃଖ ଓ ବିଡମ୍ବନାର ବିଷୟ କିଛି କୁଚକ୍ରି ଗୋଷ୍ଠୀଙ୍କ ପାଇଁ ଭଦ୍ରକ କଲେଜ ତାର ୭୫ ବର୍ଷ ବଡ଼ ଆଡମ୍ବରରେ ପାଳି ପାରିଲା ନାହିଁ, ଏଇଟା ଲକ୍ଷ୍ମୀ ଭାଇଙ୍କୁ ଭାରି ବାଧିଥିଲା। ସେ ସେଥିପାଇଁ ମୋତେ ମଧ୍ୟ କିଛି କାଂସରେ ଦାୟୀ କଲେ। ଭଦ୍ରକ ଇତିହାସ ରେ ଲକ୍ଷ୍ମୀ ଭାଇଙ୍କ ନାଁ ରହିବ କାହିଁକିନା ଯେଉଁ କଥାଟା କୁଆଁସ ଓ ପୁରୁଣା ବଜାର ବାସି କେବେବି ଚିନ୍ତା କରିନଥିଲେ କିନ୍ତୁ ସାଳନ୍ଦୀ ନଦୀ ଉପରେ ଅର୍ଜୁନ ବ୍ରିଜ ସେ କରାଇଥିଲେ। ସେ ସବୁବେଳେ ଭଦ୍ରକରେ ଭାଇଚାରା ବଜାୟ ରଖିବା ପାଇଁ ସବୁ ସମ୍ପ୍ରଦାୟର ଲୋକଙ୍କ ସହିତ ସାମାଜିକ ସୌହାଦ୍ୟ ବୃଦ୍ଧି କରିଥିଲେ। ତାଙ୍କର ଅନେକ ସ୍ୱପ୍ନ ଅଧୁରା ରହିଗଲା। ଯଥା ନିର୍ବାଚନ ର ଛଅମାସ ଆଗରୁ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଓଡ଼ିଶା ରେ ବିଜେପି ସରକାର ଗଢିବ ଓ ମନମୋହନ ସାମଲ ଓଡ଼ିଶା ର ମୁଖ୍ୟମନ୍ତ୍ରୀ ହେବେ ଓ ଭଦ୍ରକ ର ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ, ଭଦ୍ରକ ର ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ଏବଂ ଭଦ୍ରକ ର ମେଡିକାଲ କଲେଜ ମଧ୍ୟ୍ୟ ସ୍ଥାପନ ହେବା ସହିତ ଭଦ୍ରକ କଲେଜ କିପରି ତାର ହୃତ ଗୌରବ କୁ ଫେରି ପାଇବ ଓ ଭଦ୍ରକ ରେ କିପରି କ୍ରୀଡା ଓ ଭିତିଭୂମିର ବିକାଶ ହେବ ସେଥିପାଇଁ ସେ ସବର୍ଦା ଚିନ୍ତା କରୁଥିଲେ, ସେ ସର୍ବଦା ବ୍ୟକ୍ତି ବ୍ୟକ୍ତିଗତ ସ୍ତରରୁ ଉର୍ଦ୍ଧ୍ୱରେ ରହି ଭଦ୍ରକ ର ସାମୁହିକ ଉନ୍ନତ୍ତି ପାଇଁ ସବୁବେଳେ ଚିନ୍ତା କରୁଥିଲେ, ବ୍ୟକ୍ତିଗତ ଭାବରେ ବହୁବିଷୟରେ ତାଙ୍କ ଠାରୁ ପୁରୁଣା ତଥ୍ୟ ମୁଁ ଓଡ଼ିଶା ଓ ତଥା ଓଡ଼ିଶା ବାହାରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସହିତ ତାଙ୍କର ପୁରୁଣା ସମ୍ପର୍କ ବିଷୟରେ ହୃଦୟଗମ କରିଛି, ତାଙ୍କର ଅର୍ବତ୍ତମାନରେ ଏତିକି ଯୁବ ସମାଜ କୁ ଆହ୍ୱାନ କରିବି ଲକ୍ଷ୍ମୀ ଭାଇଙ୍କ ଭଳି ନିର୍ଭିକ ସଂଗ୍ରାମୀ ହେବା ଦରକାର, କାହିଁକି ଭଦ୍ରକ ର ସ୍ୱାର୍ଥ ପାଇଁ ଭାରତର ରାଷ୍ଟ୍ରପତି ଙ୍କୁ ମଧ୍ୟ ସେ କଳା ପତକା ଦେଖେଇବାକୁ ପଛାଇ ନଥିଲେ ଏଭଳି ଜଣେ ସାହସୀ ବ୍ୟକ୍ତି ରାଜନୀତି ରେ ନିର୍ବାଚନ ଜିତିପାରି ନାହାନ୍ତି ସତ କିନ୍ତୁ ତାଙ୍କରି ସ୍ଥାନ ଜିତିଥିବା ଲୋକଠାରୁ ବହୁ ଉପରେ ବୋଲି ମୋର ମତ, ଆଜି ତାଙ୍କର ଏକାଦଶାହ ରେ ଅମର ଆତ୍ମା ପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

**ଲକ୍ଷ୍ମୀ ଭାଇ ଅମର ରହେ**



## ଆୟୋତୋଲ୍ଲା ଖାମେନିଙ୍କ ଆହ୍ୱାନ

# ଇସ୍ରାଏଲ ବିରୋଧରେ ମୁସଲିମ ରାଷ୍ଟ୍ର ଏକାଠି ହୁଅନ୍ତୁ

**ତେହରାନ, ୪।୧୦:** ଇସ୍ରାଏଲ ବିରୋଧରେ ବିଶ୍ୱର ସବୁ ମୁସଲିମ ରାଷ୍ଟ୍ର ଏକାଠି ହେବାକୁ ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖାମେନୀ ଆହ୍ୱାନ କରିଛନ୍ତି।ଆଫଗାନିସ୍ତନରୁ ଇରାନ, ୟେମେନରୁ ଲେବାନନ ପର୍ଯ୍ୟନ୍ତ ସମସ୍ତେ ଇସ୍ରା,ଲ ବିରୋଧରେ ହାତ ମିଳାଇବାକୁ ସେ ଆହ୍ୱାନ କରିଛନ୍ତି।

ଶୁକ୍ରବାର ଖାମେନୀ ଇରାନର ନାଗରିକଙ୍କୁ ଉଦବୋଧନ ଦେଇ କହିଛନ୍ତି ଯେ, ଏହି ଧର୍ମ ଯୁଦ୍ଧରେ ଆମର ବିଜୟ ସୁନିଶ୍ଚିତ। ପାଲେଷ୍ଟାଇନ ଏବଂ ଲେବାନନକୁ ସମର୍ଥନ କରି ସେ କହିଛନ୍ତି ଯେ, ଇସ୍ରାଏଲକୁ ଉଚିତ ଶିକ୍ଷା ଦେବା ନିମନ୍ତେ ଇରାନର ମିସାଇଲ ମାଡ଼ ଯଥାର୍ଥ ପଦକ୍ଷେପ ଥିଲା। ଖାମେନୀଙ୍କ ଏହି ବକ୍ତବ୍ୟ ଶୁଣିବାକୁ ୧୦ହଜାରରୁ ଅଧିକ ଲୋକ ଜମା ହୋଇଥିଲେ। ସେମାନେ ମିଳିତ ସ୍ୱରରେ ଆମେ ଆପଣଙ୍କ ସହ ଅଛୁ ବୋଲି ଧ୍ୱନୀ ଦେଇଥିଲେ। ନିଜ ବକ୍ତବ୍ୟରେ କାମେନୀ ହସନ ନସରଲ୍ଲାଙ୍କୁ





ପ୍ରଶଂସା କରିଥିଲେ। ଗତ ସପ୍ତାହରେ ହେଜବୁଲ୍ଲା ନେତା ନସରଲ୍ଲା ଇସ୍ରାଏଲ ମିସାଇଲ ମାଡ଼ରେ ନିହତ ହୋଇଥିଲେ। ଖାମେନୀ କହିଥିଲେ ଯେ ନସରଲ୍ଲା ଏବେ ଆମ ସହିତ ନାହାଁନ୍ତି। କିନ୍ତୁ ତାଙ୍କ ଆତ୍ମା ଓ ନୀତି ଆମକୁ ସବୁ ଦିନ ପାଇଁ ପ୍ରେରଣା ଦେଉଥିବ। ଲେବାନନବାସୀଙ୍କ ସୁରକ୍ଷା ଏବେ ସବୁ ମୁସଲିମ ଲୋକଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି ସେ କହିଥିଲେ। ହମାସକୁ ମଧ୍ୟ ସେ ପ୍ରଶଂସା କରି କହିଥିଲେ ଯେ, ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସର ଆକ୍ରମଣ ସଠିକ ପଦକ୍ଷେପ ଥିଲା। ଲେବାନନ ଓ ପାଲେଷ୍ଟାଇନବାସୀଙ୍କ ନ୍ୟାୟସଙ୍ଗତ ଲଢ଼େଇ ସହ ଇରାନ ରହିଛି ଓ ରହିବ। କୌଣସି ଆଇନ ସେମାନଙ୍କୁ ଏଥିରୁ ରୋକିପାରିବ ନାହିଁ ବୋଲି ସେ କହିଥିଲେ।

ଇତିମଧ୍ୟରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରଗାଛି ବିରୁଟରେ ଯାଇ ପହଞ୍ଚିଛନ୍ତି। ଯୁଦ୍ଧ ପରିସ୍ଥିତି ନେଇ ସେ ଲେବାନନର ନେତୃବର୍ଗଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ଆକ୍ରମଣ ଜାରି ରହିଛି। ସ୍ଥଳ ପଥରେ ମଧ୍ୟ ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନା ଓ ହେଜବୁଲ୍ଲା ମଧ୍ୟରେ ଯୋରଦାର ଲଢ଼େଇ ଚାଲିଛି। ହେଜବୁଲ୍ଲା ପକ୍ଷରୁ କୁହାଯାଇଛି ଯେ, ଏହା ଇସ୍ରାଏଲ ସେନାର ଅଗ୍ରଗତିକୁ ରୋକିବାରେ ସଫଳ ହୋଇଛି। ହେଜବୁଲ୍ଲାର ଆକ୍ରମଣରେ ଦୁଇଦିନ ତଳେ ଇସ୍ରାଏଲର ୮ଜଣ ଯବାନ ନିହତ ହୋଇଥିଲେ।



## ଗୁପ୍ତ ସ୍ଥାନରେ ନସରଲ୍ଲାଙ୍କୁ ଦିଆଗଲା ଅସ୍ଥାୟୀ କବର

**ବିରୁଟ, ୪।୧୦:** ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ହେଜବୁଲ୍ଲା ମୁଖ୍ୟ ହାସନ ନସରଲ୍ଲାଙ୍କୁ ଗୋଟିଏ ଗୁପ୍ତ ସ୍ଥାନରେ ଅସ୍ଥାୟୀ ଭାବେ କବର ଦିଆଯାଇଛି। ପରବର୍ତ୍ତୀ ଅବସ୍ଥାରେ ସର୍ବସମ୍ମୁଖରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ସର୍ବସମ୍ମୁଖରେ ଅନ୍ତିମ ସଂସ୍କାର ପାଇଁ ସମୟ ପରବର୍ତ୍ତୀ ଅବସ୍ଥାରେ ଚୟନ କରାଯିବ। ସେଯାଏ ନସରଲ୍ଲାଙ୍କ ମରଶରୀର ଅସ୍ଥାୟୀ କବରରେ ରହିବ ବୋଲି ଜଣାପଡ଼ିଛି। ସେପ୍ଟେମ୍ବର ୨୭ରେ ଲେବନାନନର ବେରୁଟରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ନସରଲ୍ଲାଙ୍କ ମୃତ୍ୟୁ ହୋଇଥିଲା। ଏହାର ଦିନକ ପରେ ବେରୁଟ ସ୍ଥିତ ହେଜବୁଲ୍ଲାର ଧ୍ୱଂସବିଧ୍ୱଂସ୍ତ ମୁଖ୍ୟାଳୟର ବଙ୍କର ମଧ୍ୟରୁ ନସରଲ୍ଲାଙ୍କ ମୃତଦେହ ମିଳିଥିଲା। ଆଜି ବିଶାଳ ଶୋଭାଯାତ୍ରା ମାଧ୍ୟମରେ ନସରଲ୍ଲାଙ୍କ ଅନ୍ତିମ ସଂସ୍କାର କରାଯିବ। କିନ୍ତୁ ଏବେ ସର୍ବସାଧାରଣରେ ଅନ୍ତିମ ସଂସ୍କାର ପାଇଁ ହେଜବୁଲ୍ଲା ସକ୍ଷମ ନୁହେଁ। ଇସ୍ରାଏଲ ପୁଣି ଆକ୍ରମଣ କରିବାର ଆଶଙ୍କା ଥିବାରୁ ନସରଲ୍ଲାଙ୍କୁ ଏକ ଗୁପ୍ତ ସ୍ଥାନରେ ଅସ୍ଥାୟୀ ଭାବେ ସଂଗଠନ ପକ୍ଷରୁ କବର ଦିଆଯାଇଛି। କୁହାଯାଉଛି ଯେ ଲେବାନନ କିମ୍ବା ଇରାକରେ ନସରଲ୍ଲାଙ୍କୁ କବର ଦିଆଯିବ। କିନ୍ତୁ ଏହାର ସ୍ଥାନ କିମ୍ବା ସମୟ ସମ୍ପର୍କରେ ହେଜବୁଲ୍ଲା ପକ୍ଷରୁ କିଛି ବି କୁହାଯାଇ ନାହିଁ। ଇରାକର ପ୍ରଧାନମନ୍ତ୍ରୀ ମହମ୍ମଦ ଶିଆ ଅଲ ସୁଦାନିଙ୍କ ପରାମର୍ଶଦାତା ଅବଦୁଲ ଆମୀର ଅଲ ତେଇବାନ ଏକ୍ସରେ କହିଛନ୍ତି ଯେ ନସରଲ୍ଲା ଇରାକର କାରବାଲାରେ କବର ନେବେ। ଇମାମ ହୁସେନଙ୍କ କବର ନିକଟରେ ତାଙ୍କୁ ଅନ୍ତିମ ବିଦାୟ ଜଣାଯିବ। ଏହି ସ୍ଥାନଟି ଶିଆ ମୁସଲିମଙ୍କ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ।

ଅନ୍ୟପକ୍ଷରେ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲି ଖାମେନେଇଙ୍କ ନେତୃତ୍ୱରେ ଆଜି ତେହରାନରେ ନସରଲ୍ଲାଙ୍କ ପୋଷ୍ଟର ଧରି ଶତାଧିକ ଲୋକ ଏକାଠି ହୋଇଥିଲେ। ସେଠାରେ ପ୍ରତିକାତ୍ମକ ଭାବେ ନସରଲ୍ଲାଙ୍କ ଅନ୍ତିମ ସଂସ୍କାର ହୋଇଛି। ଖାମେନେଇ ମଧ୍ୟ ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଲୋକଙ୍କୁ ଶୁକ୍ରବାର ଧର୍ମସଭାରେ ସମ୍ବୋଧନ କରିଛନ୍ତି। ସେ ନସରଲ୍ଲାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

## ଆଜି ହରିୟାନା ଭୋଟ

ଚଣ୍ଡିଗଡ଼, ୪।୧୦: ହରିୟାନା ବିଧାନସଭା ନିର୍ବାଚନ ଲାଗି ଆସନ୍ତା କାଲି ଭୋଟ ଗ୍ରହଣ ହେବ। ରାଜ୍ୟର ସମସ୍ତ ୯୦ ବିଧାନସଭା ଆସନରେ ଭେଗାଟିଏ ଦିନରେ ଭୋଟ ଗ୍ରହଣ କରାଯିବ। ଗତ କାଲି ସନ୍ଧ୍ୟାରେ ଏଥିଲା ପ୍ରଚାର ଶେଷ ହୋଇଛି। ଗତ ୧୦ ବର୍ଷ ହେବ ରାଜ୍ୟରେ କ୍ଷମତାରେ ଥିବା ବିଜେପି ଏଥର ହାଟ୍ରିକ କରିବାକୁ ଲକ୍ଷ୍ୟ ରକିଥିବା ବେଳେ କଂଗ୍ରେସ ୧୦ ବର୍ଷ ବ୍ୟବଧାନରେ ପୁଣି କ୍ଷମତାକୁ ଫେରିବା ଲକ୍ଷ୍ୟ ରଖିଛି। କଂଗ୍ରେସ ଓ ବିଜେପି ବ୍ୟତିତ ଆପ ମଧ୍ୟ ରାଜ୍ୟର ସବୁ ଆସନରେ ପ୍ରାର୍ଥୀ ଦେଇ ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଛତି। ସେହିପରି ଦୁଷ୍ୟନ୍ତ ଚୌତାଲଶଙ୍କ ଜନ ନାୟକ ଜନତା ପାର୍ଟୀ (ଜେଜେପି), ଆଇଏନଏଲଡି ମଧ୍ୟ ନିର୍ବାଚନରେ ସେମାନଙ୍କ ପୁରା ଦମ ଲଗାଇ ପ୍ରଚାର କରିଛନ୍ତି। ଆସନ୍ତା ୮ ତାରିଖରେସମସ୍ତ ଆସନର ଭୋଟ ଗଣତି କରାଯିବ।

## କେଜରିୱାଲ ସରକାରୀ ବଙ୍ଗଳା ଖାଲି କଲେ

**ନୂଆଦିଲ୍ଲୀ, ୪।୧୦:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଅରବିନ୍ଦ କେଜରିୱାଲ ଆଜି ତାଙ୍କ ସରକାରୀ ବଙ୍ଗଳା ଛାଡ଼ିଛନ୍ତି। ୬, ଫ୍ଲାଗଷ୍ଟାଫ ରୋଡସ୍ଥିତ ନିଜ ସରକାରୀ ବାସଭବନ ଛାଡ଼ି ସେ ଆପ ସାଂସଦ ଅଶୋକ ମିତ୍ତଲଙ୍କ ସରକାରୀ ବାସଭବନକୁ ସିଫ୍ଟ କରିଛନ୍ତି। ସେଣ୍ଟ୍ରାଲ ଦିଲ୍ଲୀର ମଣ୍ଡି ହାଉସ ନିକଟ ୫ ଫିରୋଜଶାହା ରୋଡ ଏବେ ତାଙ୍କର ନୂଆ ଠିକଣା। ତାଙ୍କ ସହିତ ତାଙ୍କ ପତ୍ନୀ, ବାପା-ମା' ଏବଂ ଦୁଇ ପିଲା ନୂଆ ଗରକୁ ସିଫ୍ଟ କରିଛନ୍ତି। ପଞ୍ଜାବରୁ ରାଜ୍ୟସଭାକୁ ନିର୍ବାଚିତ ଅଶୋକ ମିତ୍ତଲଙ୍କ ନାମରେ ଏହି ସରକାରୀ କ୍ୱାର୍ଟର ଆଲଟମେଣ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ମଧ୍ୟ କେଜରିୱାଲ ଏବେ ବି ଜଣେ ବିଧାୟକ ଅଛନ୍ତି। ତେଣୁ ତାଙ୍କୁ ବିଧାୟକଙ୍କ ପାଇଁ ନିର୍ଦ୍ଧାରିତ ଏକ ସରକାରୀ କ୍ୱାର୍ଟର ମିଳିବା କଥା। କିନ୍ତୁ ଏ ଯାବତ ତାଙ୍କୁ କୌଣସି ସରକାରୀ କ୍ୱାର୍ଟର ମିଳିନି। ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ କେଜରିୱାଲ ଆପ ସାଂସଦଙ୍କ ନାମରେ ଥିବା ସରକାରୀ ଘରେ ରହିବେ।

## ବିମାନରୁ ଧୂଆଁ ବାହାରିବା ପରେ ଜରୁରୀ ଅବତରଣ

ଥିରୁଭାନନ୍ତପୁରମ,୪।୧୦: ଶୁକ୍ରବାର ଥିରୁଭାନନ୍ତପୁରମ ବିମାନବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ (ଆଇଏକ୍ସ ୫୪)ର ଜରୁରୀକାଳୀନ ଅବତରଣ କରାଯାଇଥିଲା। ଉଡ଼ାଣ ପରେ ବିମାନରୁ ଧୂଆଁ ବାହାରିବା ଆରମ୍ଭ କଲା। ଏହି ବିମାନଟି ମସ୍କଟକୁ ଯାଉଥିଲା। ବିମାନରେ ୧୪୮ଜଣ ଯାତ୍ରୀ ଥିଲେ। ସୂଚନା ଅନୁଯାୟୀ, ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ସୂଚନା ପ୍ରଦାନ କରି ଏୟାର ଇଣ୍ଡିଆ ଏକ୍ସପ୍ରେସ ମୁଖପାତ୍ର କହିଛନ୍ତି ଯେ ଯାତ୍ରୀଙ୍କ ଆଗାମୀ ଯାତ୍ରା ପାଇଁ ଏକ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଇଛି। ଏକ୍ସପ୍ରେସ ବିମାନ ଆଇଏକ୍ସ ୫୪୯ ଥିରୁଭାନନ୍ତପୁରମରୁ ମସ୍କଟ ଅଭିମୁଖେ ଯାତ୍ରା ସମୟରେ ରିପୋର୍ଟ କରାଯାଇଥିଲା। ଶୁକ୍ରବାର ସକାଳ ୮ଟା ୩୯ରେ ଥିରୁଭାନନ୍ତପୁରମ ବିମାନବନ୍ଦରରେ ଏହି ଘଟଣା ଘଟିଛି। ରନୱେରେ ଧୂଆଁ ବାହାରିବା ପରେ ଯାତ୍ରୀମାନଙ୍କୁ ଅଣାଯାଇଥିଲା। ସେମାନେ ନିରାପଦରେ ଫେରିଥିବା ବିମାନବନ୍ଦରର ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ଆହୁରି ମଧ୍ୟ ବିମାନରେ ଅଗ୍ନିକାଣ୍ଡ ଘଟି ନାହିଁ କିନ୍ତୁ କିଛି ତ୍ରୁଟି କାରଣରୁ ବିମାନଟି ବିଳମ୍ବ ହୋଇଛି। ସେ ଆହୁରି ମଧ୍ୟ ତାଙ୍କ ବିବୃତ୍ତିରେ କହିଛନ୍ତି, ଆମର ଯାତ୍ରୀଙ୍କ ଆଗାମୀ ଯାତ୍ରା ପାଇଁ ଏକ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଇଛି। ଏହି ଘଟଣାର ଅନୁସନ୍ଧାନ କରାଯିବ। ଆମେ ଆମର ଯାତ୍ରୀଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଯତ୍ନ ନେଉଛୁ।

## ବୃଦ୍ଧଙ୍କୁ ଯୁବକ କରିଦେବେ କହି ୩୫ କୋଟି ଠକିନେଲେ

**ଲକ୍ଷ୍ନୌ, ୪।୧୦:** ଯୁବକତ୍ୱ ଫେରାଇ ଆଣିବୁ, ଅଳ୍ପ କିଛି ମାସ ମଧ୍ୟରେ ବୁଢ଼ା ଲୋକଙ୍କୁ ଟୋକା କରିଦେବୁ କହି ୩୫ କୋଟି ଟଙ୍କା ଠକି ନେଇଛନ୍ତି ଏକ ଦମ୍ପତି। ଉତ୍ତର ପ୍ରଦେଶର ରାଜୀବ କୁମାର ଦୁବେ ଏବଂ ତାଙ୍କ ପତ୍ନୀ ରଶ୍ମୀ ଦୁବେ ଇସ୍ରାଏଲ୍ ନିର୍ମିତ ଟାଇମ୍ ମେସିନ୍ ସହାୟତାରେ ବୟସ୍କ ଲୋକଙ୍କୁ ଯୁବକ କରିଦେବେ କହି କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏମାନେ କାନପୁରରେ ରିଭାଇଭାଲ ୱାର୍ଲ୍ଡ ନାମକ ଏକ ଥେରାପି ସେଣ୍ଟର ଖୋଲିଥିଲେ। ଏଠାରେ ସେମାନେ ଇସ୍ରାଏଲରୁ ଅଣାଯାଇଥିବା ଏକ ମେସିନ ସହାୟତାରେ ୬୦ ବର୍ଷର ଲୋକଙ୍କୁ ୨୫ ବର୍ଷ ବୟସରେ ପରିଣତ କରିଦେବେ ବୋଲି କହିଥିଲେ। ବରିଷ୍ଠ ପୁଲିସ ଅଧିକାରୀ ଅଞ୍ଜଳି ବିଶ୍ୱକର୍ମା କହିଛନ୍ତି, ଏହି ଦମ୍ପତି ଲୋକଙ୍କ ଠାରୁ ବିପୁଳ ଅର୍ଥ ଠକିନେଇଛନ୍ତି।

## ଡାକ୍ତରଙ୍କୁ ଗୁଳିର ରହସ୍ୟ ଖୋଲିଲା

## ବିବାହ ଲାଗି ଡାକ୍ତରଙ୍କୁ ମର୍ଡର ସର୍ତ୍ତ ଥିଲା

**ନୂଆଦିଲ୍ଲୀ, ୪।୧୦:** ଦିଲ୍ଲୀର ନିମା ହସ୍ପିଟାଲରେ ଡାକ୍ତର ଜାବେଦ ଅଖତରଙ୍କୁ ହତ୍ୟା ଘଟଣାର ଆଶ୍ଚର୍ଯ୍ୟକର ସତ ସାମ୍ନାକୁ ଆସିଛି। ପୁଲିସ ଅଟକ ରଖିଥିବା ଜଣେ ସନ୍ଦିଗ୍ଧ ହତ୍ୟା ପଛର କାରଣ ବଖାଣିଛି। ତାଙ୍କ ପ୍ରେମିକାଙ୍କ ବାପା ଡାକ୍ତରଙ୍କୁ ମାରିଲେ ଝିଅ ସହ ବାହାଘର କରାଇବେ କହିଥିବାରୁ ସେ ହତ୍ୟା କରିଥିବା ମାନିଛନ୍ତି। ପୁଲିସ କହିଛି ଯେ, ହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତି ନିମା ହସ୍ପିଟାଲର ଜଣେ ନର୍ସଙ୍କ ସ୍ୱାମୀ। ଡାକ୍ତର ଜାବେଦ ଅଖତର ତାଙ୍କ ପତ୍ନୀଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ସେ ସନ୍ଦେହ କରୁଥିଲେ। ଏଥିପାଇଁ ସେ ତାଙ୍କୁ ଜୀବନରୁ ମାରିବାକୁ ଯୋଜନା କରୁଥିଲେ। ଏହାରି ମଧ୍ୟରେ ସେ ଜାଣିବାକୁ ପାଇଥିଲେ ଯେ, ଜଣେ ନାବାଳକ ତାଙ୍କ ଝିଅକୁ ପ୍ରେମ କରୁଛି। ତେଣୁ ସେ ତାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଯଦି ସେ ଡାକ୍ତରଙ୍କୁ ହତ୍ୟା କରନ୍ତି, ତେବେ ଝିଅ ସହ ବିବାହ ଦେବେ ବୋଲି କହିଥିଲେ। ଏପରି ପ୍ରତିଶୃତି ପାଇ ହତ୍ୟା ପାଇଁ ଯୋଜନା କରିଥିଲା ନାବାଳକ। ଅକ୍ଟୋବର ୨ ରାତିରେ ଜଣେ ସାଙ୍ଗ ସହ ଚିକିତ୍ସା ବାହାନାରେ ନିମା ହସ୍ପିଟାଲକୁ ଯାଇଥିଲା। ସେଠାରେ ଡାକ୍ତର ଅଖତରଙ୍କୁ ଗୁଳି କରି ହତ୍ୟା କରିଥିଲା। ସିସିଟିଭିରେ ହତ୍ୟାକାଣ୍ଡର ଦୃଶ୍ୟ କଏଦ ହୋଇଥିଲା। ପୁଲିସ ଭିଡିଓ ଆଧାରରେ ଅଭିଯୁକ୍ତଙ୍କୁ ଖୋଜୁ ଥିବାବେଳେ ଜଣେ ସନ୍ଦିଗ୍ଧ ନାବାଳକଙ୍କୁ ଅଟକ ରଖି ପଚରା ଉଚରା କରୁଥିଲା।

## ମହାରାଷ୍ଟ୍ର ଉପବାଚସ୍ପତି ତିନି ମହଲାରୁ ଡେଇଁପଡ଼ିଲେ

**ମୁମ୍ବାଇ, ୪।୧୦:** ମୁମ୍ବାଇରେ ଥିବା ମହାରାଷ୍ଟ୍ରର ସଚିବାଳୟରେ ଘଟିଛି ଗୋଟିଏ ଅଦ୍ଭୁତ ଘଟଣା। ସଚିବାଳୟର ତୃତୀୟ ମହଲାରୁ ତଳକୁ ଡେଇଁ ପଡ଼ିଛନ୍ତି ମହାରାଷ୍ଟ୍ର ବିଧାନସଭାର ଉପ ବାଚସ୍ପତି ନରହରି ଜିରୱାଲ। ତାଙ୍କ ସହ ଜଣେ ବିଜେପି ସାଂସଦ ଓ ଆଉ ଦୁଇ ଜଣ ବିଧାୟକ ମଧ୍ୟ ସଚିବାଳୟର ତୃତୀୟ ମହମଲାରୁ ତଳକୁ ଜମ୍ପ କରିଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା ପାଇଁ ଉଦ୍ୟମ ଚାଲିଥିବାରୁ ଏହାର ପ୍ରତିବାଦରେ ସେମାନେ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ଉପ ବାଚସ୍ପତି ଜିରୱାଲ ଓ ୩ ଜନ ପ୍ରତିନିଧି ସଚିବାଳୟର ତୃତୀୟ ମହଲାରୁ ଡେଇଁଥିଲେ ହେଁ ସେମାନଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ। କାରଣ ତଳେ ବନ୍ଧା ଯାଇଥିବା ବିରାଟ ଜାଲରେ ସେମାନେ ପଡ଼ିଛନ୍ତି। ସଚିବାଳୟ ଯାହା ମହାରାଷ୍ଟ୍ରରେ ମନ୍ତ୍ରଣାଳୟ ଭାବେ ଜଣାଶୁଣା ସେଠାରୁ ଡେଇଁ ଯେମିତି କେହି ଆତ୍ମହତ୍ୟା ନ କରନ୍ତି, ସେଥିପାଇଁ ୨୦୧୮ରେ ଏଠାରେ ନେଟ ଲଗା ଯାଇଥିଲା। ତେଣୁ ତୃତୀୟ ମହମଲାରୁ ଡେଇଁ ଥିବା ଜନ ପ୍ରତିନିଧିମାନେ ଉକ୍ତ ନେଟରେ ପଡ଼ିଛନ୍ତି। ଅନୁସୂଚିତ ଜନଜାତି ବର୍ଗରେ ଧାନଗର ସଂପ୍ରଦାୟର ଲୋକଙ୍କୁ ସାମିଲ କରିବା ପାଇଁ ଦାବି ତୀବ୍ର ହେଉଛି। ସରକାର ମଧ୍ୟ ସେମାନଙ୍କୁ ଏସ୍‌ଟି ବର୍ଗରେ ସାମିଲ କରିବା ପାଇଁ ବିଚାର କରୁଛନ୍ତି। କିନ୍ତୁ ଏହାକୁ ଖୋଦ ସରକାରୀ ଦଳରେ ଥିବା ଅଜିତ ପାୱାରଙ୍କ ଏନସିପିର ବିଧାୟକ ଜିରୱାଲ ବିରୋଧ କରିଛନ୍ତି।

## ଟ୍ରାକ୍ଟରକୁ ପିଟିଲା ଟ୍ରକ୍

# ୧୦ ଶ୍ରମିକ ମୃତ, ୩ ଗୁରୁତର

**ଲକ୍ଷ୍ନୌ, ୪।୧୦:** ଉତ୍ତରପ୍ରଦେଶର ମିର୍ଜାପୁରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁତରମାନଙ୍କୁ ଚିକିତ୍ସା ନିମନ୍ତେ ବାରାଣାସୀସ୍ଥିତ ହସ୍ପିଟାଲକୁ ପଠାଯାଇଛି। ଏଥିସହ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି।

ଟ୍ରାକ୍ଟରରେ ସମୁଦାୟ ୧୩ ଜଣ ଥିଲେ। ସେମାନେ ଶ୍ରମିକ ଭାବେ କାମ କରୁଥିବା ବେଳେ ପାଖ ଗାଁରୁ କାମ ସାରି ଘରକୁ ଫେରୁଥିଲେ। ମାତ୍ର ବିପରୀତ ଦିଗରୁ ଆସୁଥିବା ଟ୍ରକ୍‌ଟି ଟ୍ରାକ୍ଟରକୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୩ ଗୁରୁତର ହୋଇଥିଲେ।

ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୁରୁତରମାନଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି





କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁ ସଂଖ୍ୟାରେ ଲୋକ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଜାତୀୟ ରାଜପଥ ଅବରୋଧ କରିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବରିଷ୍ଠ ଅଧିକାରୀ ଓ ପୁଲିସ୍ ଫୋର୍ସ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି ଓ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୀତୀଶଙ୍କ ବଡ଼ ଘୋଷଣା

## ବନ୍ୟା ପୀଡ଼ିତଙ୍କୁ ୭ ହଜାର

ପାଟନା,୪।୧୦: ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ବନ୍ୟା ପୀଡିତଙ୍କୁ ପ୍ରତ୍ୟେକଙ୍କୁ ୭ ହଜାର ଟଙ୍କା ଦିଆଯିବ। ଶୁକ୍ରବାର ଅପରାହ୍ନରେ ସେ ଦରଭଙ୍ଗାସ୍ଥିତ ଇନଡୋର ଷ୍ଟାଡିୟମରେ ବନ୍ୟା ପୀଡିତଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ପ୍ୟାକେଟଗୁଡ଼ିକ ଯାଞ୍ଚ କରିଥିଲେ ଏବଂ ବର୍ତ୍ତମାନର ଜିଲା ମାଜିଷ୍ଟ୍ରେଟଙ୍କ ସମେତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ। ବନ୍ୟା ପୀଡିତଙ୍କୁ ଯଥାଶୀଘ୍ର ରିଲିଫ ସାମଗ୍ରୀ ଯୋଗାଇବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୟା ଦଶମୀ ପୂର୍ବରୁ ବନ୍ୟା ପୀଡିତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସହାୟତା ରାଶି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଇନଡୋର ଷ୍ଟାଡିୟମର ଖାଦ୍ୟ ପ୍ୟାକେଜିଂର ଯାଞ୍ଚ କରିବା ପରେ ମୁଖ୍ୟମନ୍ତ୍ରୀ କିରାଟପୁର କୁଶେଶ୍ୱରସ୍ଥାନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାକୁ ବାହାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିହାର ସାମାଜିକ କଲ୍ୟାଣ ମନ୍ତ୍ରୀ ମଦନ ସାହାନି ମଧ୍ୟ ବନ୍ୟା ପୀଡିତଙ୍କୁ ୭ ହଜାର ଟଙ୍କା ଦେବାକୁ କହିଛନ୍ତି। ଏହି ଟଙ୍କା ଦୁର୍ଗା ପୂଜା ପୂର୍ବରୁ ଅକ୍ଟୋବର ୯ ସୁଦ୍ଧା ପୀଡିତଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯିବ। ପ୍ରାୟ ୫୦ ହଜାର ପୀଡିତଙ୍କୁ ୭ ହଜାର ଟଙ୍କା ପଠାଯିବ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ

# ମୋଦି ଡାକିଲେ ଜରୁରୀ ବୈଠକ

**ନୂଆଦିଲ୍ଲୀ, ୪।୧୦:** ମଧ୍ୟପ୍ରାଚ୍ୟରେ ଗମ୍ଭୀର ହେଉଛି ଯୁଦ୍ଧ ସ୍ଥିତି। ସୁଧୁରିବା ବଦଳରେ ଜଟିଳ ରୂପ ନେଲାଣି ଦୁଇ ମହାଶକ୍ତିଙ୍କ ମଧ୍ୟରେ ଫେସ୍ ଟୁ ଫେସ୍ ୱାର୍। ଇରାନର ଆକ୍ରମଣ ପରେ ଚିହିଁକି ଉଠିଥିବା ଇସ୍ରାଏଲ, ବଡ଼ ଧରଣର ଆଟାକ୍ ପାଇଁ ପ୍ରସ୍ତୁତ କରୁଛି ରଣନୀତି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଲାଣି। ଭାରତରେ ବି ତୈଳ, ସୁନା, ଷ୍ଟକ୍ ମାର୍କେଟ ସହ ଅର୍ଥନୀତି ପ୍ରଭାବିତ ହେଲାଣି। ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ଗତରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ



ମଧ୍ୟ ଯୋଗ ଦେଇଥିଲେ। ଇରାନର ମିଜାଇଲ୍ ମାଡ଼ ପରେ ପ୍ରତିଶୋଧ ନିଆଁରେ ଜଳୁଥିବା ଇସ୍ରାଏଲ, ଲେବାନନ ରାଜଧାନୀ ବେରୁଟର ୭ଟି ସ୍ଥାନରେ କରିଛି ଜୋରଦାର୍ ହମଲା। ତୁହାକୁ ତୁହା ଏୟାର ଷ୍ଟ୍ରାଇକ ସହ କରାଯାଇଛି ରକେଟ୍ ମାଡ଼। ଆଗକୁ ଇରାନ ଉପରେ ବଡ ଧରଣର ଆକ୍ରମଣ ପାଇଁ ଚାଲିଛି ଯୋଜନା। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ବସିଛି ଜି୭ ରାଷ୍ଟ୍ର ସମୂହର ଜରୁରୀ ବୈଠକ। ଯେଉଁଥିରେ ଇରାନ ଉପରେ କଠୋର କଟକଣା ଲଗାଇବା ନେଇ ଆଲୋଚନା ହୋଇଛି। ଏଥିସହ ଇସ୍ରାଏଲକୁ ମଧ୍ୟ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ଏହାରି ଭିତରେ ହମାସର ଜଣେ ପ୍ରମୁଖ ନେତା ରାବି ମୁସ୍ତାହାକୁ ସେନା ନିପାତ କରିଥିବା ଇସ୍ରାଏଲ ଦାବି କରିଛି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଲାଣି।

## ❑ 'ଜନ ସୁରାଜ'ର ଭବିଷ୍ୟବାଣୀ

## ପ୍ରଶାନ୍ତ କିଶୋର ପ୍ରଧାନମନ୍ତ୍ରୀ ହେବେ

**ରୋହତାସ, ୪।୧୦:** ନିର୍ବାଚନ ରାଜନୀତିର ଚାଣକ୍ୟ ଭାବେ ବିବେଚିତ ପ୍ରଶାନ୍ତ କିଶୋର ଜନ ସୁରାଜ ନାମକ ଏକ ଦଳ ଘୋଷଣା କରିଛନ୍ତି। ପିକେଙ୍କ ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ଆଲୋଚନା ହେଉଛି। କିନ୍ତୁ, ପ୍ରକୃତ ଟେନସନ ବିହାରର ରାଜନୈତିକ ଦଳର ନେତାଙ୍କୁ ହେଉଛି। ଅନ୍ୟ ରାଜନୈତିକ ଦଳଙ୍କ ପରି ଜନ ସୁରାଜ ଏବଂ ପ୍ରଶାନ୍ତ କିଶୋର ଜାତି ଭିତ୍ତିକ ରଣନୀତି ଖେଳି ନାହାଁନ୍ତି। ଏଭଳି ସ୍ଥିତିରେ କେବଳ ସମସ୍ତ ଦଳ ନୁହଁନ୍ତି ସାଧାରଣ ଲୋକ ମଧ୍ୟ ଅନୁଭବ କରୁଛନ୍ତି ଯେ ପ୍ରଶାନ୍ତ କିଶୋର ପ୍ରତ୍ୟେକ ଦଳର ଭୋଟ ନିଜ ଆଡକୁ ଟ୍ରାନ୍ସଫର କରିବେ। ଏଭଳି ସ୍ଥିତିରେ ରୋହତସ ଜିଲାର ଶିବସାଗର ବ୍ଲକରେ ଅବସ୍ଥିତ ତାଙ୍କ ଜନ୍ମ ଗ୍ରାମ କୋନାରର ପରିବେଶ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲୁ। ଏକ ବଡ ପ୍ରଶ୍ନ ମଧ୍ୟ ଉଠୁଛି ଯେ ଯଦି ଆଗାମୀ ବିଧାନସଭା ନିର୍ବାଚନରେ ଜନ ସୁରାଜ ସଂଖ୍ୟାଗରିଷ୍ଠତା ପାଆନ୍ତି କିମ୍ବା ଏପରି କୌଣସି ପରିସ୍ଥିତି ଉପୁଜେ ତେବେ ପ୍ରଶାନ୍ତ କିଶୋର ନିଜେ ମୁଖ୍ୟମନ୍ତ୍ରୀ ହେବେ ନା ସେ ଗାନ୍ଧୀଜୀ-ଜେପି ପରି ତ୍ୟାଗ କରିବେ ଏବଂ ଅନ୍ୟମାନଙ୍କୁ ଆଗକୁ ନେଇଯିବେ। ଜଣେ ବରିଷ୍ଠ ନାଗରିକ କେଦାର ପାଣ୍ଡେ କହିଛନ୍ତି ଯେ ପ୍ରଶାନ୍ତ କିଶୋରଙ୍କ ବ୍ୟକ୍ତିତ୍ୱ ପିଲାଦିନରୁ ପ୍ରଭାବଶାଳୀ ଥିଲା। ଦଳ ଗଠନ ନିଷ୍ପତ୍ତି ନେଇ ସେ ବହୁତ ଖୁସି। ଭବିଷ୍ୟତରେ ପ୍ରଶାନ୍ତ ବିହାରର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ସେ ଚାହୁଁଛନ୍ତି।

ଅପେକ୍ଷା କରିବା ପ୍ରଶ୍ନ ଉପରେ କେଦାର କହିଛନ୍ତି ଯେ ଗାଁ ଯାହା କହିବେ ପ୍ରଶାନ୍ତ କିଶୋର ତାହା କରିବେ। ପ୍ରଶାନ୍ତଙ୍କ ପୈତୃକ ଘର ସାମ୍ନାରେ ଏକ ଦୋକାନ ଚଳାଉଥିବା ଗୁରୁ ଶର୍ମାଙ୍କ ଅନୁଯାୟୀ ପ୍ରଶାନ୍ତ କେବଳ ତାଙ୍କ ଗାଁ କିମ୍ବା ବିହାର ବିଷୟରେ ନୁହେଁ, ସମଗ୍ର ଦେଶ ବିଷୟରେ ଭାବନ୍ତି। ସେ ଆଶା କରିଛନ୍ତି ଯେ ପ୍ରଶାନ୍ତ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟର ସମସ୍ତ ଲୋକ ରୋଜଗାର ଏବଂ ଉତ୍ତମ ଶିକ୍ଷା ପାଇବେ।

## ତିରୁପତି ଲଡୁ ବିବାଦ

# ଏସ୍‌ଆଇଟି ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୪।୧୦:** ତିରୁପତି ଲଡୁ ବିବାଦ ମାମଲାର ତଦନ୍ତ କରିବ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି)। ଆଜି ସୁପ୍ରିମକୋର୍ଟ ତଦନ୍ତ ପାଇଁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ)ର ଦୁଇଜଣ ବରିଷ୍ଠ ଅଧିକାରୀ ଏବଂ ସିବିଆଇର ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି ଏସଆଇଟି ଗଠିତ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ପ୍ରସିଦ୍ଧ ତିରୁପତି ମନ୍ଦିର ଲଡୁ ପ୍ରସ୍ତୁତ ହେଉଥିବା ଘିଅରେ ପଶୁ ଚର୍ବି ଅପମିଶ୍ରିତ ହେଉଥିବା ଅଭିଯୋଗ ଆଣିଥିଲେ। ଏହାପରେ ଗୁଜରାଟର ଏକ ଘରୋଇ ସଂସ୍ଥାରେ ତିରୁପତି ମନ୍ଦିରରେ ବ୍ୟବହୃତ ହେଉଥିବା ଘିଅର ମାନକ ପରୀକ୍ଷଣ କରାଯାଇଥିଲା। ଏଥିରେ ମାଛ ତେଲ, ଘୁଷୁରି ଏବଂ ଗୋ-



ଚର୍ବି ମିଶ୍ରିତ ହେଉଥିବା କୁହାଯାଇଥିଲା। ଏହାପରେ ସତ୍ୟତା ଯାଞ୍ଚ ପାଇଁ ଏସଆଇଟିକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଆନ୍ଧ୍ରପ୍ରଦେଶ ସରକାର ନିଜେ ଏହି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଚନ୍ଦ୍ରବାବୁ ନାଇଡୁ ମିଛ କହୁଛନ୍ତି, ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ ଜଗନ ମୋହନ ରେଡ୍ଡୀ। ଏହାପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ନିକଟରେ ସୁପ୍ରିମକୋର୍ଟ ଏ ଉପରେ ଶୁଣାଣି କରି ତଦନ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ତଦନ୍ତ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ କରି ଏପରି ଅଭିଯୋଗ ଆଣିଥିଲେ ବୋଲି ପ୍ରଶ୍ନ କରିଥିଲେ ସୁପ୍ରିମକୋର୍ଟ। ମୁଖ୍ୟମନ୍ତ୍ରୀ ଏକ ସାମ୍ବିଧାନିକ ପୋଷ୍ଟରେ ଥାଇ କିପରି ପ୍ରମାଣ ପୂର୍ବରୁ ଅଭିଯୋଗ ଆଣିପାରିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏପରିକି ଭଗବାନଙ୍କୁ ରାଜନୀତିରୁ ଦୂରେଇ ରଖିବାକୁ ଅପିଲ୍ କରିଥିଲେ ସର୍ବୋଚ୍ଚ ଅଦାଲତ। ଏହାର ଦୁଇ ଦିନ ପରେ ମୁଖ୍ୟମନ୍ତ୍ରୀ ନାଇଡୁ ଏସଆଇଟି ତଦନ୍ତକୁ ସ୍ଥଗିତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ଏସଆଇଟି ଲଡୁ ବିବାଦର ତଦନ୍ତ କରିପାରିବ ନାହିଁ ବୋଲି ଆନ୍ଧ୍ରପ୍ରଦେଶ ସରକାର କହିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଆଜି ଏ ଉପରେ ଶୁଣାଣି କରି ଏସଆଇଟି ତଦନ୍ତକୁ ନିର୍ଦ୍ଦେଶ ଦେଇଛି।

ଏସଆଇଟି ସହ ଏଫ୍‌ଏସ୍‌ଏସ୍‌ଏଆଇ ଏବଂ ସିବିଆଇର ଦୁଇ ଜଣ ଲେଖାଏଁ ବରିଷ୍ଠ ଅଧିକାରୀ ଯାଞ୍ଚ ଦଳରେ ରହିବେ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ କେ.ଭି ବିଶ୍ୱନାଥନ କହିଛନ୍ତି। ଖଣ୍ଡପୀଠ ମାମଲାର ଶୁଣାଣି କରି ଆହୁରି କହିଛନ୍ତି, ଏ ପ୍ରସଙ୍ଗ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଭକ୍ତଙ୍କ ବିଶ୍ୱାସର, ତେଣୁ ଏ ଉପରେ ରାଜନୈତିକ ଡ୍ରାମା ହେଉ ତାହା ଆମେ ଚାହୁଁନା। ତେଣୁ ଅଭିଯୋଗ ଏବଂ ପ୍ରତି-ଅଭିଯୋଗ ଭିତରକୁ ନ ଯାଇ, ନିରପକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଉଛୁ।

# ୭ ବର୍ଷ ପରେ ଫେରିଲା ହକି ଇଣ୍ଡିଆ ଲିଗ୍




**ନୂଆଦିଲ୍ଲୀ, ୪।୧୦:** ୭ ବର୍ଷ ପରେ ଫେରିଛି ହକି ଇଣ୍ଡିଆ ଲିଗ୍। ପୁଣି ଥରେ ଆରମ୍ଭ ହେବ ହକିର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ। ଆସନ୍ତା ଡିସେମ୍ବର ୨୮ ତାରିଖରୁ ଫେବ୍ରୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ହକି ଇଣ୍ଡିଆ ଲିଗର ୨୦୨୪-୨୫ ସିଜନ। ଏଥିପାଇଁ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବ ଖେଳାଳି ନିଲାମ। ଏଥର ଏଚଆଇଏଲରେ ପୁରୁଷ ବର୍ଗରେ ୮ଟି ଟିମ୍ ସାମିଲ ହୋଇଥିବା ବେଳେ ମହିଳା ବର୍ଗରେ ୬ଟି ଟିମ୍ ଖେଳିବେ। ଓଡ଼ିଶାର ରାଉରକେଲାରେ ପୁରୁଷ ଓ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ ମହିଳା ଲିଗର ସବୁ ମ୍ୟାଚ୍। ପୁରୁଷ ବର୍ଗରେ ୮ଟି ଯାକ ଟିମକୁ ବିଭିନ୍ନ ଫ୍ରାଞ୍ଚାଇଜ କିଣିସାରିଛନ୍ତି। ସେହିପରି ମହିଳା ବର୍ଗରେ ୪ଟି ଟିମ୍ ଘୋଷଣା ହୋଇଛି। ଆଉ ଦୁଇଟି ଦଳ ପରେ ଘୋଷଣା କରାଯିବ। ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଟିମ୍ ରହିବେ। ଓଡ଼ିଶାର ପୁରୁଷ ଟିମକୁ ବେଦାନ୍ତ ଲିମିଟେଡ୍ କିଣିଥିବା ବେଳେ ମହିଳା ଟିମ୍‌କୁ ନାଭୋୟାମ୍ ସ୍ପୋର୍ଟସ କିଣିଛି। ପୁରୁଷ ବର୍ଗରେ ଓଡ଼ିଶା ବ୍ୟତୀତ ଚେନ୍ନାଇ, ଲକ୍ଷ୍ନୌ, ପଞ୍ଜାବ, ହରିୟାଣା, ପଶ୍ଚିମ ବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ରାଞ୍ଚି ଦଳ ରହିଛି। ସେହିପରି ମହିଳା ବର୍ଗରେ ହରିଆଣା, ୱେଷ୍ଟ ବେଙ୍ଗଲ, ଦିଲ୍ଲୀ ଓ ଓଡ଼ିଶା ସମେତ ଆଉ ଦୁଇଟି ଦଳ ରହିବେ। ପ୍ରତି ଦଳରେ ରହିବେ ୨୪ ଜଣ ଖେଳାଳି। ସେମାନଙ୍କ ମଧ୍ୟରେ ୧୬ ଜଣ ଭାରତୀୟ ଏବଂ ୮ ଜଣ ବିଦେଶୀ ଖେଳାଳି ରହିବେ।

ଡିସେମ୍ବର ୨୮ ତାରିଖରେ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗର ଆସନ୍ତା ସଂସ୍କରଣର ଉଦଘାଟନୀ ସମାରୋହ ହେବ। ଆଉ ଫେବ୍ରୁଆରୀ ୧ ତାରିଖରେ ଏଠାରେ ପୁରୁଷ ଟିମର ଫାଇନାଲ ଖେଳାଯିବ। ସେହିପରି ମହିଳା ଲିଗର ଫାଇନାଲ ଜାନୁଆରୀ ୨୬ ତାରିଖରେ ରାଞ୍ଚିରେ ଖେଳାଯିବ।




# ୪ ମାସ ହେଲା ପାକିସ୍ତାନ କ୍ରିକେଟର୍‌ଙ୍କୁ ମିଳିନି ଦରମା

**ଇସଲାମାବାଦ୍,୪।୧୦:** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ରେ ବିବାଦ ଶେଷ ହେବାର ନାଁ ଧରୁନି। ପାକିସ୍ତାନର ଅନେକ ତାରକା ଖେଳାଳିଙ୍କୁ ଗତ ଚାରିମାସ ଧରି ଦରମା ଦିଆଯାଇ ନାହିଁ। ଏହି ଆର୍ଥିକ ସଙ୍କଟ ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଦଳରେ ସବୁକିଛି ଠିକ ଚାଲିନାହିଁ। ଗତ ଏକ ବର୍ଷ ଧରି ଆଇସିସି ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ଖରାପ ରହିଛି। ଖେଳାଳିଙ୍କ ଦରମା ବିଳମ୍ବ ହେତୁ ପିସିବିର ଆର୍ଥିକ ପରିଚାଳନା ଏବଂ ସ୍ଥିରତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏହା ଦଳର ମନୋବଳ ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତା ବଢାଇଛି। ବାବର ଆଜମ, ମହମ୍ମଦ ରିଜୱାନ ଏବଂ ଶାହିନ ଆଫ୍ରିଦିଙ୍କ ସମେତ ଦଳର ଖେଳାଳିଙ୍କୁ ଜୁଲାଇରୁ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଇ ନାହିଁ। ଖେଳାଳିମାନେ ବାରମ୍ବାର ପିସିବିକୁ ମନେ ପକାଇ ଦେଇଛନ୍ତି, କିନ୍ତୁ ସେମାନଙ୍କର ବକେୟା ଦରମା କେବେ ଦିଆଯିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଆର୍ଥିକ ଚାପ ଖେଳାଳିଙ୍କୁ ଏକ କଠିନ ପରିସ୍ଥିତିରେ ଛାଡି ଦେଇଛି। ଏହା ସେମାନଙ୍କ ପ୍ରଦର୍ଶନ ଉପରେ ପ୍ରଭାବ ପକାଇଛି। କେବଳ ପୁରୁଷ ଦଳ ନୁହେଁ, ପାକିସ୍ତାନ ମହିଳା କ୍ରିକେଟ ଦଳ ମଧ୍ୟ ଚାରି ମାସର ବେତନ ବକେୟା ରହିଛି। ପାକିସ୍ତାନ ମହିଳା କ୍ରିକେଟ ଦଳ ବର୍ତ୍ତମାନ ମହିଳା ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରୁଛି ଏବଂ ଗୁରୁବାର ଏହା ଶ୍ରୀଲଙ୍କାକୁ ପରାସ୍ତ କରିଛି।

# ପାଣ୍ଡ୍ୟାଙ୍କ ବୋଲିଂରେ ଖୁସି ନାହାନ୍ତି ମୋର୍କେଲ

**ମୁମ୍ବାଇ, ୪।୧୦:** ଟିମ ଇଣ୍ଡିଆର ନୂଆ ବୋଲିଂ କୋଚ ମୋର୍ଣ୍ଣେ ମୋର୍କେଲ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଭାରତୀୟ ବୋଲରଙ୍କୁ ଟ୍ରେନ କରିବାରେ ଲାଗିଛନ୍ତି। ସ୍କ୍ୱାଡରେ ଥିବା ଭାରତୀୟ ଖେଳାଳିମାନେ ମଧ୍ୟ ନେଟ୍ସରେ ଝାଳ ବୁହାଉଛନ୍ତି। ସ୍କ୍ୱାଡରେ ଥିବା ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଂଲାଦେଶ ବିପକ୍ଷ ଟି-୨୦ରେ ବୋଲିଂ କରିବାକୁ ବେଶ ପରିଶ୍ରମ କରିବାରେ ଲାଗିଛନ୍ତି। କିନ୍ତୁ କୁହାଯାଉଛି ଯେ ପାଣ୍ଡ୍ୟାଙ୍କ ବୋଲିଂ ଦେଖି ମୋର୍କେଲ ଖୁସି ନାହାନ୍ତି। ଆବଶ୍ୟକ ସଂଶୋଧନ ପାଇଁ ଉଭୟ ବେଶ କିଛି ସମୟ ନେଟ୍ସ ବେଳେ ଆଲୋଚନା କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଷ୍ଟମ୍ପର ଅତି ନିକଟରୁ ବୋଲିଂ କରୁଛନ୍ତି। ଏହା ମୋର୍କେଲଙ୍କୁ ପସନ୍ଦ ଆସୁନାହିଁ।




ଗ୍ୱାଲିୟରରେ ଆସନ୍ତା ୬ରେ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ସେହି ଗ୍ୱାଲିୟରରେ ଭାରତୀୟ ଟିମ ୩ ତାରିଖରୁ ନେଟ୍ସ ଆରମ୍ଭ କରିଛି। ନେଟ୍ସ ସେସନ୍ସ ବେଳେ ମୋର୍କେଲ ବେଶ ଧ୍ୟାନର ସହ ପାଣ୍ଡ୍ୟାଙ୍କ ରନ ଅପରେ କାମ କରିଛନ୍ତି। ପାଣ୍ଡ୍ୟା ଷ୍ଟମ୍ପର ଅତି ନିକଟରୁ ବୋଲିଂ କରୁଛନ୍ତି। ଏଥିରେ ମୋର୍କେଲ ସନ୍ତୁଷ୍ଟ ହୋଇ ନାହାନ୍ତି ଓ ତାଙ୍କ ସହ ଏ ବିଷୟରେ କଥା ହୋଇଛନ୍ତି। ବେଶୀ କଥା କହୁ ନଥିବା ମୋର୍କେଲଙ୍କୁ ନେଟ୍ସ ବେଳେ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିଥିଲା। ପାଣ୍ଡ୍ୟା ଯେତେଥର ବୋଲିଂ ମାର୍କକୁ ଆସୁଥିଲେ ମୋର୍କେଲ ସେତେଥର ତାଙ୍କୁ ଟିପ୍ସ ଦେଉଥିଲେ। ପାଣ୍ଡ୍ୟାଙ୍କ ରିଲିଜ ପଏଣ୍ଟ ଉପରେ ମଧ୍ୟ ମୋର୍କେଲ କାମ କରିଛନ୍ତି। ପାଣ୍ଡ୍ୟାଙ୍କ ସହ ବେଶ କିଛି ସମୟ ଟ୍ରେନିଂ କରିବା ପରେ ମୋର୍କେଲ ତୁରନ୍ତ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ଯୁବ ତାରକା ମୟଙ୍କ ଯାଦବଙ୍କ ଉପରେ ଫୋକସ କରିଥିଲେ। ସେମାନଙ୍କୁ ବୋଲିଂର କିଛି ସ୍ୱତନ୍ତ୍ର ଟିପ୍ସ ଦେଇଥିଲେ।

# ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୋହଲିଙ୍କ ହୁଙ୍କାର

**ନୂଆଦିଲ୍ଲୀ,୪।୧୦:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ଏହି ଟ୍ରଫି ଅଧୀନରେ ଭାରତ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି। ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଟେଷ୍ଟ ସିରିଜ ନଭେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁୟାରୀ ୩ ପର୍ଯ୍ୟନ୍ତ ଚାଲିବ। ଏହି ସିରିଜ ପୂର୍ବରୁ ବିରାଟ କୋହଲି ଅଷ୍ଟ୍ରେଲିଆ ଦଳ ବିଷୟରେ ଏକ ବଡ଼ କଥା କହିଛନ୍ତି, ଯାହା ଏବେ ଭାଇରାଲ ହେଉଛି। ଭାରତୀୟ ବ୍ୟାଟ୍ସମ୍ୟାନ ବିରାଟ କୋହଲି ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ଏକ ବଡ଼ ବିବୃତ୍ତି ଦେଇ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କେବଳ ଅକ୍ରୋଶ ଏବଂ ମୁକାବିଲା ମଧ୍ୟରେ ସୀମିତ ନୁହେଁ, ବରଂ ବର୍ତ୍ତମାନ ପାରସ୍ପରିକ ସମ୍ମାନ ଏବଂ କ୍ରୀଡ଼ାବିତ୍‌ରେ ପରିଣତ ହୋଇଛି। ଷ୍ଟାର ସ୍ପୋର୍ଟସର ପ୍ରୋମୋ ଭିଡିଓରେ କୋହଲି ଏହି ଐତିହାସିକ ମ୍ୟାଚ ଉପରେ ଆଲୋକପାତ କରିଥିଲେ ଏବଂ ସମୟ ସହିତ ଦୁଇ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କିପରି ବଦଳିଛି ସେ ବିଷୟରେ କହିଥିଲେ। ବିରାଟ କୋହଲି ନିକଟରେ ପ୍ରକାଶ କରିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଅତ୍ୟନ୍ତ ତୀବ୍ର ଥିଲା, କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଏହା ବଦଳିଛି। ୨୦୧୯ ଏବଂ ୨୦୨୧ରେ ଅଷ୍ଟ୍ରେଲିଆରେ ଭାରତ ୨-୧ ସିରିଜ ଜିତିଥିଲା, ଯାହା ଏହି ପ୍ରତିଦ୍ୱନ୍ଦ୍ୱିତାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। କୋହଲିଙ୍କ କହିବାନୁସାରେ, ଏହି ଐତିହାସିକ ବିଜୟ ପରେ ଅଷ୍ଟ୍ରେଲିଆ ଏବେ ଭାରତକୁ ଟେଷ୍ଟ କ୍ରିକେଟରେ ଗମ୍ଭୀର ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ୱୀକୃତି ଦେଇଛି। ପୂର୍ବରୁ ଏହି ସିରିଜ୍ ଅତ୍ୟନ୍ତ ଚାପଗ୍ରସ୍ତ ଥିଲା। କିନ୍ତୁ ଆମେ ଲଗାତାର ଦୁଇଥର ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିଛୁ, ଯାହା ପରେ ଏହି ପ୍ରତିଦ୍ୱନ୍ଦ୍ୱିତା ସମ୍ମାନରେ ପରିଣତ ହୋଇଛି।



# ବିଶ୍ୱ ଚ୍ୟାଲେଞ୍ଜ କପ୍‌ରେ ଭାଗନେବେ ରାକେଶ

**ଭୁବନେଶ୍ୱର, ୪।୧୦:** ହଙ୍ଗେରୀର ସୋମ୍ବାଥେରେ ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ କରିବେ ଓଡ଼ିଆ ପୁଅ ରାକେଶ କୁମାର ପାତ୍ର। ଏଥିପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସଫଳତା କାମନା କରାଯାଇଛି। ରାକେଶ ହେଉଛନ୍ତି ଓଡ଼ିଶାର ଜଣେ ପ୍ରଖ୍ୟାତ ଜିମ୍ନାଷ୍ଟ ଯିଏକି କ୍ରମାଗତ ଭାବରେ ପ୍ରାୟ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ନିଯୁକ୍ତି କେବଳ ଜିମ୍ନାଷ୍ଟିକ୍ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ଏବଂ ଅବଦାନକୁ ଆଲୋକିତ କରେ ନାହିଁ ବରଂ ଓଡିଶା ପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା ହୋଇପାରିଛି। ଏହି ସମ୍ମାନଜନକ ଇଭେଣ୍ଟରେ ପୃଥିବୀର ବିଭିନ୍ନ ସ୍ଥାନରୁ ଆଥଲେଟ୍‌ମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଏହା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି। ସମ୍ପାଦକଙ୍କ ବ୍ୟତୀତ ରାଜ୍ୟ ସଂଘ ସଭାପତି ସମୀର ଦେ, ଓଡ଼ିଶା ଫୁଟ୍‌ବଲ୍ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାକେଶ ବର୍ତ୍ତମାନ ଭାରତୀୟ ନୌସେନାରେ ଚିଫ୍ ପେଟି ଅଫିସର ଭାବେ କାର୍ଯ୍ୟରତ।



# ବାହା ହେଲେ ଆଫଗାନିସ୍ତାନ ଖେଳାଳି ରଶିଦ ଖାନ

**ନୂଆଦିଲ୍ଲୀ, ୪।୧୦:** କ୍ରିକେଟ ଦୁନିଆର ଅନ୍ୟତମ ଷ୍ଟାର ସ୍ପିନର ରାଶିଦ ଖାନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଆଫଗାନିସ୍ତାନର ଏହି କ୍ରିକେଟର ଜଣଙ୍କ ଅକ୍ଟୋବର ୩ ତାରିଖରେ ବିବାହ କରିଛନ୍ତି। ଆଫଗାନିସ୍ତାନର କାବୁଲ ଠାରେ ଥିବା ଗୋଟିଏ ହୋଟେଲରେ ତାଙ୍କ ବିବାହ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବାହାଘର ଭେନ୍ୟୁର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜ ସ୍ପିନ ଯାଦୁ ବଳରେ ସମସ୍ତଙ୍କୁ ଜଳକା କରୁଥିବା ରାଶିଦ ପଶତୁନ ପରମ୍ପରା ଅନୁସାରେ ବିବାହ କରିଛନ୍ତି। ତାଙ୍କ ବାହାଘରରେ ଆଫଗାନ କ୍ରିକେଟ ସହ ଜଡ଼ିତ ଅନେକ ଖେଳାଳି ଉପସ୍ଥିତ ରହିଥିଲେ। ସେମାନେ ରାଶିଦ ଖାନଙ୍କ ସହ ବିବାହ ମଣ୍ଡପରେ ଉଠାଇଥିବା ଫଟୋ ସାମ୍ନାକୁ ଆସିଛି। ଯେଉଁ ହୋଟେଲରେ ରାଶିଦଙ୍କ ବିବାହ ହେଉଥିଲା, ତାହା ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡ଼ାକଡ଼ି କରାଯାଇଥିଲେ। ସମ୍ଭବତଃ ଦେଶରେ ଶାସନ କରୁଥିବା ତାଲିବାନର ସଦସ୍ୟମାନେ ବନ୍ଧୁକ ଧରି ବାହାରେ ପ୍ରହାର ଦେଉଥିଲେ। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଅନେକ ଆଫଗାନିସ୍ତାନୀ କ୍ରିକେଟର ସୋଶାଲ ମିଡିଆରେ ରାଶିଦ ଖାନଙ୍କୁ ଜୀବନର ନୂଆ ଇନିଂସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ସାଥୀ ଖେଳାଳି ମହମ୍ମଦ ନବି ମଧ୍ୟ ରହିଛନ୍ତି। ରାଶିଦ ହେଉଛନ୍ତି ବର୍ତ୍ତମାନ ପିଢ଼ିର ଅନ୍ୟତମ ଶ୍ରେଷ୍ଠ ଖେଳାଳି। ବିଶେଷ କରି ଟି-୨୦ରେ ତାଙ୍କର ବେଶୀ ଦବଦବା ରହିଛି। ସେ ଟି-୨୦ରେ ବିଶ୍ୱର ଦ୍ରୁତତମ ବୋଲର ଭାବେ ୫୦ ଓ ୧୦୦ ୱିକେଟ ନେବାର ରେକର୍ଡ କରିଛନ୍ତି। ଏକଦା ସେ ଆଇସିସି ଟି-୨୦ ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ମଧ୍ୟ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରିସାଇକ୍ଲିଂ କଲେ...

କରାଯିବ ସିଲ। ସେହିପରି ଯେଉଁ ଅଧିକାରୀ ଏଥିରେ ମିଲରଙ୍କୁ ସହଯୋଗ କରିବେ ସେମାନେ ବି ହାରାଇବେ ଚାକିରି। ସେହପରି ମଣ୍ଡିରେ ଧାନର ମାନ ମନଇଚ୍ଛା ନିର୍ଦ୍ଧାରଣ କରି ଆଉ କଟନୀ ଛଟନୀ କରିପାରିବେନି ମିଲର। ଗ୍ରେନ୍ ଆନାଲାଇଜର ମେସିନ ମାଧ୍ୟମରେ ଏଣିକି କରାଯିବ ଧାନର ମାନ ପରୀକ୍ଷା। ସେହିପରି ମଣ୍ଡିରୁ ମିଲକୁ ଆଉ ମିଲରଙ୍କ ଗାଡ଼ିରେ ଯିବନି ଧାନ। ଧାନ ପରିବହନ ବ୍ୟବସ୍ଥା ନିଜେ କରିବେ ସରକାର କରିବେ ବୋଲି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ। ସେ କହିଛନ୍ତି ଧାନ କିଣାର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ପହଞ୍ଚିବ ଟଙ୍କା। ନିର୍ବାଚନ ପ୍ରତିଶ୍ରୁତି ରକ୍ଷାକରି ବିଜେପି ସରକାର ଚଳିତ ଖରିଫ ଋତୁରୁ ଚାଷୀଙ୍କୁଠାରୁ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣିବାକୁ କରିସାରିଛନ୍ତି ଘୋଷଣା। ଏହାକୁ ଯେପରି ସ୍ୱଚ୍ଛତାର ସହ ଲାଗୁକରାଯିବ ଏବଂ କେହି ଯୋଗ୍ୟ ଚାଷୀ ବଞ୍ଚିତ ନହେବେ ସେଥିପାଇଁ ତତ୍ପର ରାଜ୍ୟ ସରକାର। ପୂର୍ବରୁ ଛତିଶଗଡ଼ ବିଜେପି ସରକାର ଏହାକୁ ସଫଳତାର ସହ ଲାଗୁ କରିସାରିଥିବା ବେଳେ ସେଠାକାର ଧନ କିଣା ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଛତିଶଗଡ଼ ଯାଇଥିଲେ ଯୋଗାଣ ବିଭାଗର ଉଚ୍ଚସ୍ତରୀୟ ଟିମ୍। ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଯାଇଥିବା ଏହି ୭ ଜଣିଆ ଟିମ୍ ସେଠାରେ କ୍ଷେତ୍ର ପରିଦର୍ଶନ ସହ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ଧାନ ସଂରକ୍ଷଣ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ବାବଦରେ ଅବଗତ ହୋଇଥିଲେ । ଛତିଶଗଡ଼ର ଖାଦ୍ୟଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ ଦୟାଲ୍ ଦାସ ବାଘେଲ୍ ଏବଂ ସମବାୟ ମନ୍ତ୍ରୀ କେଦାର କାଶ୍ୟପଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଗୁରୁବାର ଯୋଗଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୌଦ୍ଧ ଜିଲା ପୁରଣାକଟକ ସ୍ଥିତ ପିଇଜି ଗୋଦାମରେ ଅଚାନକ ପରିଦର୍ଶନ କରି ନିମ୍ନମାନର ଚାଉଳ ଯୋଗାଣ ଏବଂ ଓଜନରେ ଠକେଇ ହେଉଥିବା ଜାଣିବାକୁ ପାଇଥିଲେ। ମିଲର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଦେଇଥିଲେ ନିର୍ଦ୍ଦେଶ। ଏଥିସହ ଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବା ଲାଗି ଅଧିକାରୀଙ୍କୁ ତାଗିଦ କରିଥିଲେ ମନ୍ତ୍ରୀ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଭିନ୍ନ ସ୍ଥାନରେ ମିଲ ଉପରେ ଆରମ୍ଭ ହୋଇଛି ଧରପଗଡ଼। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଂଚଳର ୩ଟି ରାଇସ ମିଲ୍ କୁ ଗତ କାଲି ରାତିରେ ସିଲ କରିଛି ଜିଲ୍ଲା ପ୍ରଶାସନ।

### ମାଓ ଦମନକୁ...

ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ଶବ ପଡ଼ିଥିବା ଦେଖାଯାଇଥିଲା। ମୃତ ମାଓବାଦୀଙ୍କ ନିକଟରୁ ଏକେ ୪୭, ଏସ୍‌ଏଲ୍‌ଆର୍, ବିସ୍ଫୋରକ ଦ୍ରବ୍ୟ ଆଦି ଜବତ କରାଯାଇଛି।

ବସ୍ତର ଆଇଜି ସୁନ୍ଦରରାଜ ପି କହିଛନ୍ତି, ନାରାୟଣପୁର-ଦାନ୍ତେୱାଡ଼ା ସୀମାରେ ସଂଖ୍ୟାଧିକ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ଓରଚା ଓ ବାରସୁର ପୁଲିସ ଷ୍ଟେସନ ଅଧୀନରେ ଥିବା ଗୋଭେଲ, ନେନ୍ଦୁ ଓ ଥୁଲଥୁଲି ଗାଁରେ ଅପରେସନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ନେନ୍ଦୁ-ଥୁଲୁଥୁଲି ଗାଁ ନିକଟରେ ଥିବା ଜଙ୍ଗଲରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ସର୍ଚ୍ଚ ଅପରେସନ୍ ଶେଷ ହୋଇ ନ ଥିବାରୁ ଆହୁରି ଶବ ମିଳିବା ସମ୍ଭାବନା ଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଓବାଦୀଙ୍କୁ ମୂଳପୋଛ କରାଯିବ। ଏଥିପାଇଁ ପୋଲିସକୁ ସର୍ବାଧିକ ସଜାଗ ରଖାଯିବ ବୋଲି ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଥିଲେ। ଏହିକ୍ରମରେ ମାଓ ଅଧ୍ୟୁଷିତ ଛତିଶଗଡ଼ରେ ପୋଲିସ ଅପରେସନ୍ ଜୋରଦାର କରାଯାଉଛି। ଏନ୍‌କାଉଣ୍ଟର୍‌ରେ ଏପର୍ଯ୍ୟନ୍ତ ବସ୍ତର ଅଞ୍ଚଳରେ ପ୍ରାୟ ୧୮୦ ନକ୍ସଲପନ୍ଥୀ ନିହତ ହୋଇଛନ୍ତି।

### ୬୬୦ ଶିକ୍ଷକଙ୍କ...

ତଥା ବରିଷ୍ଠତା ହରାଇବେ ବୋଲି ଗଣଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ରାଜ୍ୟସ୍ତରୀୟ ବଦଳି କମିଟିର ସୁପାରିଶ ଆଧାରରେ ବିଭିନ୍ନ ଜିଲ୍ଲାରେ ପ୍ରଧାନଶିକ୍ଷକ, ଆସିଷ୍ଟାଣ୍ଟ ଶିକ୍ଷକ, କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ (ସ୍କିମେଟିକ୍) ବର୍ଗର ୬୬୦ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏହି ବଦଳି ପାଇଁ ସମ୍ପୃକ୍ତ ଶିକ୍ଷକମାନେ ଲିଖିତ ଅନୁରୋଧ କରିଥିଲେ।

ତେବେ ରାଜ୍ୟ ସରକାର ଏହି ଶିକ୍ଷକମାନଙ୍କୁ ସେମାନଙ୍କ ପସନ୍ଦର ଜିଲ୍ଲାକୁ ବଦଳି କରିବାବେଳେ କେତେକ ସର୍ତ୍ତ ନିର୍ଦ୍ଧାରଣ କରିଛନ୍ତି। ନିଜ ପତି ଅବା ପତ୍ନୀ କାର୍ଯ୍ୟରତ ଥିବା ଜିଲ୍ଲାକୁ ବଦଳି ପାଇଁ କରିଥିବା ଆବେଦନ ଆଧାରରେ ଏହି ୬୬୦ଜଣ ଶିକ୍ଷକଙ୍କ ବଦଳି ହୋଇଥିବା ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ବଦଳି ହେବାପରେ ନୂଆ ଜିଲ୍ଲାରେ ଗ୍ରେଡେସନ୍ ତାଲିକାର ସର୍ବନିମ୍ନରେ ରହିବାକୁ ପଡ଼ିବ । ଉଭୟ ଆସିଷ୍ଟାଣ୍ଟ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ସର୍ଭିସ ରେକର୍ଡକୁ ସେମାନେ ଯୋଗ ଦେବା ପରେ ତୁରନ୍ତ ନୂଆ ଜିଲ୍ଲାକୁ ପଠାଯିବ।

କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକ(ସ୍କିମେଟିକ) ନିଜର ଚାକିରି କାଳ ମଧ୍ୟରେ ଥରେ 'ଦମ୍ପତି ଟ୍ରାନ୍ସଫର' ପାଇଁ ଯୋଗ୍ୟ ହେବେ। ଯଦି କୌଣସି କନିଷ୍ଠ ଶିକ୍ଷକ(ସ୍କିମେଟିକ)ଙ୍କ ବଦଳି ହୋଇଥିବ ତା'ହେଲେ ସେ ପ୍ରାଥମିକ ସ୍କୁଲର ଶିକ୍ଷକ ଭାବେ ଲେବଲ-୫ କ୍ୟାଡ଼ରରେ ନିୟମିତ ଶିକ୍ଷକ ହେବାପରେ ସେହି ବଦଳି ସଂକ୍ରାନ୍ତ ତଥ୍ୟ ତାଙ୍କ ସର୍ଭିସ ବୁକରେ ଉଲ୍ଲେଖ ରହିବ। ବଦଳି ପାଇଁ ସମ୍ପୃକ୍ତ ଶିକ୍ଷକମାନଙ୍କୁ କୌଣସି ଟିଏ ଅବା ଡିଏ ମିଳିବ ନାହିଁ ।

ବଦଳି ପରେ ଅବସର ପର୍ଯ୍ୟନ୍ତ ଦୀର୍ଘକାଳୀନ ଛୁଟି କୌଣସି ପରିସ୍ଥିତିରେ ବି ଗ୍ରହଣୀୟ ହେବ ନାହିଁ। ନୂଆ ଜିଲ୍ଲାରେ ସେମାନେ କେଉଁଠି ନିଯୁକ୍ତି ପାଇବେ ତାହା ସମ୍ପୃକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପ୍ରାବଧାନ ଆଧାରରେ ସ୍ଥିରୀକୃତ ହେବ ।

### ଫେରିଲା...

ଦିଆଯିବ ତାହା ସ୍ପଷ୍ଟ କରାଯାଇ ନାହିଁ। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। କହିଛି, ନୀତି ସମାନ ଥିବାରୁ ଯୋଜନା ବି ବିଫଳ ହେବାର ଆଶଙ୍କା ରହିଛି।

ବିଜେପି କହିଛି, ପୂର୍ବ ସରକାରରେ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଆଳୁ ମିଶନ ଫେଲ ମାରିଛି। ନୂଆ ସରକାର ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇବା ସହ ପ୍ରତି ସବ୍ ଡିଭିଜିନରେ ଶୀତଳଭଣ୍ଡାର ପାଇଁ ନିଷ୍ପତ୍ତି ନେଇଛି। ତେଣୁ ନୂଆ ସରକାରରେ ମିଶନସଫଳ ହେବା ନିଶ୍ଚିତ

### ନିଯୁକ୍ତି ପାଇବେ...

ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚୟନ ହୋଇଥିବା ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟରୁ ଅନୁଗୋଳ ଜିଲ୍ଲାରେ ୪୨୪ ଜଣ, ବାଲେଶ୍ୱର ଜିଲ୍ଲାରେ ୬୦୦ଜଣ, ବରଗଡ଼ ଜିଲ୍ଲାରେ ୪୭୯ଜଣ, ଭଦ୍ରକ ଜିଲ୍ଲାରେ ୨୬୦ଜଣ, ବଲାଙ୍ଗିର ଜିଲ୍ଲାରେ ୧୦୮୦ଜଣ, ବୌଦ୍ଧ ଜିଲ୍ଲାରେ ୬୫ଜଣ, କଟକ ଜିଲ୍ଲାରେ ୮୯୩ଜଣ, ଦେବଗଡ଼ ଜିଲ୍ଲାରେ ୨୧ଜଣ, ଢେଙ୍କାନାଳ ଜିଲ୍ଲାରେ ୫୮୩ଜଣ, ଗଜପତି ଜିଲ୍ଲାରେ ୧୩ଜଣ, ଗଞ୍ଜାମ ଜିଲ୍ଲାରେ ୧୨୬୪ଜଣ, ଜଗତସିଂହପୁର ଜିଲ୍ଲାରେ ୮୮ଜଣ, ଯାଜପୁର ଜିଲ୍ଲାରେ ୮୭୨ଜଣ, ଝାରସୁଗୁଡ଼ା ଜିଲ୍ଲାରେ ୩୮ଜଣ, କଳାହାଣ୍ଡି ଜିଲ୍ଲାରେ ୮୧୧ ଜଣ, କନ୍ଧମାଳ ଜିଲ୍ଲାରେ ୧୫୧ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୧୦୩୮ଜଣ, କେନ୍ଦୁଝର ଜିଲ୍ଲାରେ ୧୩୨୯ ଜଣ, ଖୋର୍ଦ୍ଧା ଜିଲ୍ଲାରେ ୭୫୩ ଜଣ, କୋରାପୁଟ ଜିଲ୍ଲାରେ ୯୨୨ଜଣ, ମାଲକାନଗିରି ଜିଲ୍ଲାରେ ୫୫୫ଜଣ, ମୟୂରଭଞ୍ଜ ଜିଲ୍ଲାରେ ୮୨୭ ଜଣ, ନବରଙ୍ଗପୁର ଜିଲ୍ଲାରେ ୮୬୦ ଜଣ, ନୟାଗଡ଼ ଜିଲ୍ଲାରେ ୮୩ ଜଣ, ନୂଆପଡ଼ା ଜିଲ୍ଲାରେ ୨୨୧ ଜଣ, ପୁରୀ ଜିଲ୍ଲାରେ ୭୩୩ଜଣ, ରାୟଗଡ଼ା ଜିଲ୍ଲାରେ ୫୧୧ ଜଣ, ସମ୍ବଲପୁର ଜିଲ୍ଲାରେ ୨୧୮ ଜଣ, ସୁବର୍ଣ୍ଣପୁର ଜିଲ୍ଲାରେ ୧୫୭ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୧୬୦ ଜଣ ନିଯୁକ୍ତି ପାଇବାକୁ ଯାଉଛନ୍ତି ।

ରାଜ୍ୟ ବଜାରରେ ଆଳୁ ଦର ଏବେ ୩୦ରୁ ୩୫ ଟଙ୍କା ରହିଛି। ବ୍ୟବସାୟୀଙ୍କ ମତରେ ପଶ୍ଚିମବଙ୍ଗ ଉପରେ ଆମ ନିର୍ଭରଶୀଳତାରୁ ଏ ସ୍ଥିତି। ସେଠି ଦର କମୁ ନ ଥିବାରୁ ଏଠି ବି କମୁନି। ତେଣୁ ରାଜ୍ୟରେ ଉତ୍ପାଦନ ବଢ଼ିଲେ ହିଁ ଦର କମିବ।

ତେଣୁ ଆଳୁ ମିଶନକୁ କାର୍ଯ୍ୟକାରୀ କରିବାକୁ ହେଲେ ସରକାର କ୍ଷେତ୍ରକୁ ଯିବା ଦରକାର। ଅନ୍ୟପଟେ ଚାଷୀଙ୍କ କହିବା କଥା- ଖାଲି କହିଦେଲେ ହେବନି, ଉତ୍ପାଦନ ବୃଦ୍ଧି ପାଇଁ ଉନ୍ନତମାନର ବିହନ, ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ଏବଂ ମାର୍କେଟିଂର ଆବଶ୍ୟକତା ରହିଛି। ପୂର୍ବ ସରକାରରେ ଯୋଜନା ଥିଲା ବୋଲି ଆମେ ଜାଣି ପାରୁନଥିଲୁ।

ନୂଆ ସରକାର ଏଥିପାଇଁ ସହଯୋଗ ଓ ସହାୟତାକୁ ବଢ଼ାଇବା ଆବଶ୍ୟକ।

୨୦୧୫ରେ ୩ ବର୍ଷ ପାଇଁ ଆଳୁମିଶନ ଆରମ୍ଭ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ। ଏଥିପାଇଁ ୫୦ କୋଟି ଟଙ୍କା ଅତିରିକ୍ତ ବ୍ୟୟବରାଦ କରାଗଲା। ରାଜ୍ୟରେ ଆଳୁ ଚାଷ ୧୫ ହଜାର ହେକ୍ଟରରୁ ବଢାଇ ୬୦ ହଜାର ହେକ୍ଟରରେ ପହଞ୍ଚାଇବା ସହ ୧୧୨ଟି ଶୀତଳଭଣ୍ଡାର ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା।

୨୦୨୪ ଯାଏଁ ୩ ଥର ଏହି ମିଶନର ଅବଧିକୁ ବଢ଼ାଯାଇଥିଲେ ବି ମାତ୍ର ୨୬ ହଜାର ହେକ୍ଟର ଜମିରେ ଆଳୁ ଚାଷ ହେବା ସହ, କେବଳ ୨୪ଟି ଶୀତଳଭଣ୍ଡାର ନିର୍ମାଣ ସମ୍ଭବ ହୋଇପାରିଥିଲା। ଏବେ ରାଜ୍ୟରେ ବାର୍ଷିକ ୧୨ ଲକ୍ଷ ମେଟ୍ରିକ ଟନର ଆଳୁର ଆବଶ୍ୟକତା ଥିବା ବେଳେ, ଉତ୍ପାଦନ ହେଉଛି ମାତ୍ର ୩ ଲକ୍ଷ ମେଟ୍ରକ ଟନ୍।

### ଲେବାନନ୍‌ରେ...

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶୁକ୍ରବାର ସିରିଆକୁ ଲାଗିଥିବା ଲୋବାନନର ମୁଖ୍ୟ ସୀମା ଉପରେ ଇସ୍ରାଏଲ୍ ସେନା ଆକ୍ରମର କରିଛି। ଫଳରେ ରାସ୍ତା ଅବରୋଧ ହେବା ସହିତ ଶହଶହ ଯାନବାହନ ଅଟକି ରହିଛି ବୋଲି ଅମିନ କହିଛନ୍ତି।

ଅନ୍ୟପକ୍ଷରେ ଲେବାନନ୍ ପକ୍ଷରୁ କୁହାଯାଇଛି, ଇସ୍ରାଏଲ୍ ଆକ୍ରମଣ ଯୋଗୁ ପ୍ରାୟ ୧.୨ ନିୟୁତ ଲୋକ ଶରଣାର୍ଥୀ ଭାବେ ଜୀବନ ବିତାଉଛନ୍ତି। ଏମାନଙ୍କ ମଧ୍ୟରେ ଶହଶହ ଶିଶୁ ଅଛନ୍ତି। ଆହୁରି ମଧ୍ୟ ୨ହଜାର ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

### ଡିସେମ୍ବର ୨୮ରୁ ...

ପଶ୍ଚିମ ବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ରାଞ୍ଚି ଦଳ ରହିଛି । ସେହିପରି ମହିଳା ବର୍ଗରେ ହରିଆଣା, ୱେଷ୍ଟ ବେଙ୍ଗଲ, ଦିଲ୍ଲୀ ଓ ଓଡ଼ିଶା ସମେତ ଆଉ ଦୁଇଟି ଦଳ ରହିବେ। ପ୍ରତି ଦଳରେ ରହିବେ ୨୪ ଜଣ ଖେଳାଳି। ସେମାନଙ୍କ ମଧ୍ୟରେ ୧୬ ଜଣ ଭାରତୀୟ ଏବଂ ୮ ଜଣ ବିଦେଶୀ ଖେଳାଳି ରହିବେ।

ଡିସେମ୍ବର ୨୮ ତାରିଖରେ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗର ଆସନ୍ତା ସଂସ୍କରଣର ଉଦଘାଟନୀ ସମାରୋହ ହେବ । ଆଉ ଫେବ୍ରୁଆରୀ ୧ ତାରିଖରେ ଏଠାରେ ପୁରୁଷ ଟିମର ଫାଇନାଲ ଖେଳାଯିବ। ସେହିପରି ମହିଳା ଲିଗର ଫାଇନାଲ ଜାନୁଆରୀ ୨୬ ତାରିଖରେ ରାଞ୍ଚିରେ ଖେଳାଯିବ।

### କ୍ୟାପଟେନଙ୍କୁ ...

ଅଣ୍ଡା ମାଡ଼ ପରେ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ତେବେ କିଏ କଳା ପତାକା ଦେଖାଇଥିଲେ ଓ ଅଣ୍ଡା ମାଡ଼ କରିଥିଲେ ତାହା ଜଣାପଡ଼ି ନାହିଁ। ଏନେଇ କିନ୍ତୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ସେପଟେ ନିର୍ଦ୍ଧାରିତ ସମୟରେ ମହାବିଦ୍ୟାଳୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଉ ସଭାରେ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ନିଜ ସମର୍ଥକଙ୍କ ଗହଣରେ ଫେରି ଯାଇଥିବା ଜଣାପଡ଼ିଛି।

# ମିଳୁନି ଉଚିତ୍ ମୂଲ୍ୟ, ଚିନ୍ତାରେ ଚାଷୀ

- ଚାଷୀଙ୍କୁ ଠକୁଛନ୍ତି ଦଲାଲ୍, କ୍ୱିଣ୍ଟାଲ୍ ପ୍ରତି ଦେଉଛନ୍ତି ୧୫୦୦ ଟଙ୍କା
- ଓଡିଶାରୁ ଆନ୍ଧ୍ର ଯାଉଛି ଟ୍ରକ୍ ଟ୍ରକ୍ ଧାନ, ନଜର ଦେଉନି ପ୍ରଶାସନ

**କେନ୍ଦ୍ରାପଡ଼ା, ୪।୧୦ (ସଂଚାର ବ୍ୟୁରୋ):** ମୁଣ୍ଡଝାଳ ତୁଣ୍ଡରେ ମାରି ମାସ ମାସ ଧରି ପରିଶ୍ରମ କରିଥିବା କେନ୍ଦ୍ରାପଡ଼ାର ଚାଷୀ ଏବେ ଚିନ୍ତାରେ। କାରଣ ଚାଷୀ ତାର ଉଚିତ୍ ମୂଲ୍ୟ ନପାଇ ଏବେ ଶାଗ ମାଛ ଦରରେ ବର୍ତ୍ତମାନ ଅମଳ କରୁଥିବା ବିଅଳି ଧାନ ଦଲାଲ୍ ମାନଙ୍କୁ ବାଧ୍ୟ ହୋଇ ବିକ୍ରି କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଞ୍ଚଳରେ ହୋଇଥିବା ସହ ସହ ହେକ୍ଟର ଜମିରେ ବିଅଳି ଧାନ ଏବେ ଚାଷୀ ମାନେ ଅମଳ କରୁଛନ୍ତି। ଅମଳ ହେଉଥିବା ଧାନକୁ ବର୍ତ୍ତମାନ ସରକାରୀ ସ୍ତରରେ ବିକ୍ରି ପାଇଁ କୌଣସି ବ୍ୟବସ୍ଥା ନଥିବା ହେତୁ ଚାଷୀ ଭାଇ ମାନେ ଚିନ୍ତାରେ ପଡିଯାଇଛନ୍ତି। ଯାହାର ଫାଇଦା ଉଠାଉଛନ୍ତି ଦଲାଲ୍। ଧାନର ସରକାରୀ ମୂଲ୍ୟ ତ ଦୂରର କଥା ନିଜ ମନମୁଖୀ ଦର କରି ଚାଷୀଙ୍କଠୁ କୁଇଣ୍ଟାଲ ପ୍ରତି ମାତ୍ର ୧୫୦୦ ଟଙ୍କା ଦେଉଛନ୍ତି । ଦଲାଲ୍ ମାନେ ଚାଷୀଙ୍କ ଠୁ ଧାନ କିଣିବା ପରେ ଟ୍ରକ୍ ଯୋଗେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରକୁ ପଠାଇ ନିଜେ ମାଲେ ମାଲ୍ ହେଉଥିବା ଦେଖିବାକୁ ମିଳୁଛି ।



ପ୍ରତିଦିନ ହଜାର ହଜାର କୁଇଣ୍ଟାଲ ଧାନ ରାଜ୍ୟ ବାହାରକୁ ରପ୍ତାନି ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏଥିରୁ ନଜର ହଟାଇବା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଗୋଟେ ପଟେ ରାଜ୍ୟର ନୂତନ ସରକାର ଧାନର ମୂଲ୍ୟ ବୃଦ୍ଧି କରାଇ ଚାଷୀଙ୍କୁ କିଭଳି ତାର ପ୍ରାପ୍ୟ ପାଇବ ସେନେଇ ଆଗେଇ ଆସିଛନ୍ତି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଷୀ ଏବେ ଶୋଷଣର ଶିକାର ହେଉଛନ୍ତି ଯାହାକୁ ନେଇ ଗରଦପୁର ଅଞ୍ଚଳର ସହ ସହ ଚାଷୀ ଜିଲ୍ଲା ପ୍ରଶାସନ କୁ ଦାଇ କରିଛନ୍ତି । କାରଣ ହଲର୍ ମାଲିକ ଏବଂ ଦଲାଲ୍ ମାନେ ନିଜ ନିଜ ଭିତରେ ଧାନ ଦର କମାଇ ଧାନ କିଣୁଛନ୍ତି । କିନ୍ତୁ ହଲର ମାନଙ୍କ ପାଇଁ ସରକାର କରିଥିବା ଦରଠୁ ଏହା ଢେର୍ କମ୍ ହୋଇଥିଲେ ମଧ୍ୟ ତାଙ୍କ ପ୍ରତି ଦୃଷ୍ଟି ନଦେବା ପ୍ରଶାସନର ଦଲାଲ୍ଙ୍କ ପ୍ରତି ଅହେତୁକ ଅନୁକମ୍ପା ବୋଲି ସବୁଠି ଆଲୋଚନା ହେଉଛି । ଯାହାକୁ ନେଇ ଚାଷୀ ଲକ୍ଷ୍ମୀଧର ପରିଡ଼ା, ଶରତ ସୂତାର,ଅଲେଖ ସ୍ୱାଇଁ ,ଭାଗିରଥି ଜେନା,ଗୋଲେଖ ପରିଡ଼ା,ତପନ ନାୟକ , ଅନାମ ଦାଶ , ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ତାଙ୍କ ଧାନର ଉଚିତ୍ ମୂଲ୍ୟ ପାଇଁ ସରକାର ନିକଟରେ ଦାବି କରିଛନ୍ତି ।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ବୈଶିଙ୍ଗା, ୪।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ - ବୈଶିଙ୍ଗା ଏମଡିଆର-୭୦ ରାସ୍ତା ଉପରେ ଶୁକ୍ରବାର ଅପରାହ୍ନ ସମୟରେ ଦୁଇ ବାଇକ ଦୁର୍ଘଟଣାରେ ତିନିଜଣ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ ମାଣତ୍ରୀ କଲେଜର ଗଣିତ ଅଧ୍ୟାପକ ନିର୍ମଳେନ୍ଦୁ ପାଢ଼ୀ କଲେଜ କାର୍ଯ୍ୟ ସାରି ନିଜ ବ୍ୟାଟେରୀ ବାଇକ ଯୋଗେ ଘରକୁ ଫେରି ଯାଉଥିବା ବେଳେ ଏକ କଳା ରଙ୍ଗର ପଲସର ବାଇକରେ ତିନିଜଣ ଆସି ତାଙ୍କୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ଦୁଇ ବାଇକରେ ଥିବା ଚାରିଜଣ ଯାକ ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ପଡି ରହିଥଲେ । ସ୍ଥାନୀୟ ଲୋକ ଗୁରୁତରଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିବା ବେଳେ ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ । ଏନେଇ ବୈଶିଙ୍ଗା ପୁଲିସ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ଜଣାଯାଇଛି। ପଲସର ବାଇକରେ ଥିବା ତିନିଜଣ ଆରୋହୀ ହେଲେ ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତର ଲକ୍ଷ୍ମୀଧର ଦାସ, ଶିବ ମାଝୀ ଏବଂ ଲକ୍ଷ୍ମୀଧର ମାଝୀ ଥିବା ଜଣାଯାଇଛି ।

## ୧୦ କିଲୋ ରୁପା ସ୍ଲାବ ଓ ଅଳଙ୍କାର ଜବତ:୯ ଗିରଫ



**ବ୍ରହ୍ମପୁର,୪।୧୦(ସଂଚାର ବ୍ୟୁରୋ):**ବୈଦ୍ୟନାଥପୁର ଥାନ ଅଞ୍ଚଳ ଟାଟାବେଞ୍ଚ ଛକ ରାସ୍ତାରେ ଥିବା ଅଳଙ୍କାର ଦୋକାନରୁ ଗତ ମାସ ୪ ତାରିଖରେ ଲୁଟ ଘଟଣା ଘଟିଥିଲା । ପୋଲିସ ଏହି ଘଟଣାରେ ଦଶ କିଲୋ ରୁପା ଅଳଙ୍କାର ଓ ସ୍ଲାବ୍ ସହ ନଅ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ପୂର୍ବରୁ ଛଅ ଜଣ ଗିରଫ ହୋଇଥିବା ବେଳେ ଆଜି ତିନି ପୋଲିସ ଜାଲରେ ପଡିଛନ୍ତି । ଏକ ଲକ୍ଷ ୫୭ ହଜାର ନଗଦ ଟଙ୍କା ଜବତ ହୋଇଛି। ବାଇକ, ମୋବାଇଲ ଫୋନ ମଧ୍ୟ ଜବତ କରା ଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ଡ.ଏସ ବିବେକ ଏମ୍ କହିଛନ୍ତି। ବାହାର ରାଜ୍ୟର ଚୋର ଟିମ୍ ପୋଲିସ ଜାଲରେ ଛନ୍ଦି ହୋଇଛି । ଏଠାକାର ଚୋର ଟିମ୍ ସହ ଏମାନଙ୍କର ଲିଙ୍କ ରହିଛି । ପୋଲିସ ହିଂଜିଳିର ମାୟାଧର ବେହେରା, ହରିୟାଣାର ମଞ୍ଜିତ,ଉତ୍ତର ପ୍ରଦେଶର ସୁରଜ,ବିପିନ କୁମାର, ହିମାଂଶୁ ବର୍ମା, ୱାହାଯୁଦ୍ଦିନ,ଉତ୍ତରା ଖଣ୍ଡ ର ସଞ୍ଜୟ ଘିଲଦ୍ୟାଲ, ବିକାଶ କୁମାର ପଞ୍ଜାବର ଗୁରୁପ୍ରୀତ ସିଂକୁ ଗିରଫ କରିଛି। ଏଥିରେ ସଂପୃକ୍ତି ରହିଥିବା ଅନ୍ୟ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଏସପି ଶ୍ରୀ ବିବେକ କହିଛନ୍ତି।

## ୮ ବାଇକ୍ ଉଦ୍ଧାର



**ବ୍ରହ୍ମପୁର, ୪।୧୦ (ସଂଚାର ବ୍ୟୁରୋ):** ମେଡିକାଲ ଆଉଟ୍ ପୋଷ୍ଟରେ ବାଇକ ଚୋରି ନେଇ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ପୋଲିସ ୮ଟି ବାଇକ ଉଦ୍ଧାର କରିଛି। ପୁରୀ କୃଷ୍ଣ ପ୍ରସାଦ ଥାନା ଅଞ୍ଚଳର ଦେବ ନାୟକ ଓ ସ୍ଥାନୀୟ ବୈଦ୍ୟନାଥ ପୁର ଥାନ ଅଞ୍ଚଳର ପ୍ରଭାକର ମହାରଣକୁ ପୋଲିସ ଗିରଫ କରିଛି । ତଦନ୍ତ ଚାଲିଛି ଆଗକୁ ଅନ୍ୟମାନେ ଗିରଫ ହେବେ । ଏସପି ଡ.ଏସ ବିବେକ ଏମ କହିଛନ୍ତି ।



## ଖୋର୍ଦ୍ଧା ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କଲେ ସାଗରିକା ନାଥ

**ଖୋର୍ଦ୍ଧା, ୪।୧୦ (ସଂଚାର ବ୍ୟୁରୋ):** ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ବରିଷ୍ଠ ଆଇ ପି ଏସ ଅଧିକାରୀ ସାଗରିକା ନାଥ। ଯୋଗଦେଇ ଖୋର୍ଦ୍ଧାର ସାମୟିକ ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ଖଣି ଖାଦାନ ଲୁଟ୍‌କୁ ରୋକିବା, ଟ୍ରାଫିକ ସମ୍ୟାର ସମାଧାନ, ଧଳା ଜହରକୁ ରୋକିବା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କହିଥିଲେ। ସେହିପରି ଆଗକୁ ଥିବା ପାର୍ବଣ ଋତୁ ପୁଜା ଶାନ୍ତି ଶୃଙ୍ଖଳା ସହିତ କରାଯିବ ତା ପ୍ରତି ଦୃଷ୍ଟି ଦିଆଯିବ। ଖୋର୍ଦ୍ଧାକୁ ଅପରାଧ ମୁକ୍ତ ତଥା ସରସ ସୁନ୍ଦର କରାଯିବ ବୋଲି ନୂତନ ଏସ୍‌ପି ସାଗରିକା ନାଥ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ ।



## କାର୍ଯ୍ୟରେ ଯୋଗଦେଲେ ନୟାଗଡ଼ର ନୂତନ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ

**ନୟାଗଡ଼, ୪।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ନିକଟରେ ଆଇପିଏସ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଥିଲେ । ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଥିବା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କର ଅନୁଗୁଳ ଜିଲ୍ଲାକୁ ବଦଳୀ ହୋଇଥିବା ବେଳେ ମୟୁରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀଙ୍କର ନୟାଗଡ଼କୁ ବଦଳି ହୋଇଥିଲା । ଗତ କାଲି ରାହୁଲ ଜୈନ ନୟାଗଡ଼ରୁ ରିଲିଭ ହୋଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ଆଜି ନୟାଗଡ଼ର ନୂତନ ଏସପି ଏସ ସୁଶ୍ରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ନୂତନ ଏସପିଙ୍କୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ସନାତନ କାଲୋ, ଏସଡିପିଓ ଡିଏସପି, ସମସ୍ତ ଥାନାର ଇନିସପେକ୍ଟର, ସବ୍ ଇନିସ୍‌ପେକ୍ଟର ପ୍ରମୁଖ ଉପସ୍ଥିତ ରହି ନୂତନ ଆରକ୍ଷୀ ଅଧୀକ୍ଷକଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ନୂତନ ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ ସମସ୍ତଙ୍କ ସହ କରମର୍ଦ୍ଦନ କରି ପରିଚୟ ସଂପର୍କରେ ପଚାରି ବୁଝିଥିଲେ । ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁରକ୍ଷା ରକ୍ଷା କରିବା ପାଇଁ ଯାହା ପଦକ୍ଷେପ ନିଆଯିବା କଥା ତାହା ପଦକ୍ଷେପ ନିଆଯିବ । ଆଗକୁ ପାର୍ବଣ ଋତୁ ଆସୁଥିବା ଜିଲ୍ଲାର କୋଣ ଅନୁକୋଣରେ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ଅଣାଯିବ । ଯାହା ଅସୁବିଧା ହେଲେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଖୋଲା ରହିଛି । ନୟାଗଡ଼ ପୋଲିସ ଆପଣ ମାନଙ୍କ ସେବା କାର୍ଯ୍ୟ କରିଆସୁଛନ୍ତି ବୋଲି ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ପ୍ରକାଶ କରିଛନ୍ତି ।

### ଜାଲ କାଗଜପତ୍ର ଦାଖଲ

## ଘରୋଇ ନର୍ସିଂହୋମ ନାମରେ ଥାନାରେ ଏତଲା

**କେନ୍ଦ୍ରାପଡା, ୪।୧୦ (ସଂଚାର ବ୍ୟୁରୋ):** ପୌର ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଓ ପୌରସଂସ୍ଥାର ସିଲ ଜାଲ କରି କାଗଜପତ୍ର ଦାଖଲ କରାଯାଇ ଥିବା ଏକ ସଙ୍ଗୀନ ଅଭିଯୋଗ ଟାଉନ ଥାନାରେ ହୋଇଛି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ପୌରାଂଚଳ ର ବଳଗଣ୍ଡି ରେ ଥିବା ଏକ ଘରୋଇ ନର୍ସିଂ ହୋମର ନୂତନ ନିର୍ମାଣର ଅଗ୍ନି ନିରୋଧକ ପ୍ରମାଣପତ୍ର ହାସଲ ପାଇଁ କଟକ ମଣ୍ଡଳ ଅଗ୍ନିଶମ ବିଭାଗରେ ଆବେଦନ କରାଯାଇ ଥିଲା । ବିଭାଗ ପକ୍ଷରୁ ଏହାର ସତ୍ୟତା ତଦନ୍ତ ପାଇଁ ଅତିରିକ୍ତ ଅଗ୍ନିଶମ ଅଧିକାରୀ କେନ୍ଦ୍ରାପଡା ପୌରସଂସ୍ଥାରେ ପହଁଚି କାଗଜପତ୍ର ଯାଂଚ କଲାବେଳେ ପୌର ଅଧିକାରୀ ଆସୁତୋଷ ଗୌରବ କରଙ୍କ ଜାଲ ଦସ୍ତଖତ ଓ ପୌରସଂସ୍ଥାର ଜାଲ ସିଲ୍ ବ୍ୟବହାର କରାଯାଇ ଥିବା ଜଣାପଡିଥିଲା। ଅପରପକ୍ଷରେ ଏ ସମ୍ବନ୍ଧରେ ପୌରସଂସ୍ଥାରୁ କୌଣସି ସରକାରୀ ଚିଠି ଅଗ୍ନିଶମ ବିଭାଗକୁ ଦିଆଯାଇ ନଥିବା ଜଣାପଡି ଥିଲା । ଏଭଳି ଘଟଣା ଜଣାପଡିବା ପରେ ପୌରସଂସ୍ଥା ପକ୍ଷରୁ ସଂପୃକ୍ତ ନର୍ସିଂହୋର୍ମ ର ମାଲିକ ଙ୍କ ନାମରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଏନେଇ ଟାଉନ ଥାନା ଅଧିକାରୀ ଦିଲିପ ସାହୁ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି ।

## ଜଗତସିଂହପୁର ଜିଲ୍ଲା ଦାୟିତ୍ୱ ନେଲେ ଏସ୍‌ପି ଭବାନୀ ଶଙ୍କର

**ଜଗତସିଂହପୁର, ୪।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଦାୟିତ୍ୱ ନେଲେ ନୂଆ ଏସପି ଭାବେ ଭବାନୀ ଶଙ୍କର ଉଦଗାତା କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବତନ ଏସପି ରାହୁଲ ପିଆରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଢେଙ୍କାନାଳରେ



କାର୍ଯ୍ୟରତ ଥିଲେ। ଦାୟିତ୍ୱ ନେଲା ପରେ ନୂଆ ଏସପିଙ୍କୁ ସାକ୍ଷାତ କରିଥିଲେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ପୋଲିସ ଅଧିକାରୀ। ଶୁଭେଚ୍ଛା ଅଭିନନ୍ଦନ ଜଣାଇଥିଲେ । ଏଥିସହ ଜିଲ୍ଲା ଆଇନଶୃଙ୍ଖଳା ଓ ଅନ୍ୟ ଦିଗ ଉପରେ ଧ୍ୟାନ ଦିଆଯିବା ସହ ବ୍ରାଉନସୁଗାର, ଗଞ୍ଜେଇ, ମଦ ଚୋରା କାରବାର ଓ ଚୋରା ବାଲି ମାଫିଆଙ୍କ ଉପରେ ତୀକ୍ଷ୍ଣଣ ନଜର ନିଆଯିବ ବୋଲି ସେ କହିଥିଲେ। ଏଥିସହିତ ଜିଲ୍ଲାରେ ପେଟ୍ରୋଲିଂକୁ କଡାକଡ଼ି କରାଯିବ। ଜଗତସିଂହପୁର ଜିଲ୍ଲା ପାଇଁ ଚ୍ୟାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହେବା ସହିତ ବିଭିନ୍ନ ମହଲରୁ ମାନ୍ୟଗଣ ବ୍ୟକ୍ତି ସମାଜସେବୀ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି ।

## ପୋଲିସ୍ ଉପସ୍ଥିତିରେ ବାସନ୍ଦ ପରିବାରଙ୍କୁ ଠାକୁର ପୂଜାରୁ ବାରଣ କରାଗଲା

**କଣାସ, ୪।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡଓରା ଗ୍ରାମରେ ୪ଟି ପରିବାରକୁ ଦୀର୍ଘଦିନ ହେଲା ବାସନ୍ଦ କରାଯିବା ସହିତ ପୋଖରୀ, ଠାକୁର ମନ୍ଦିର, ଦୋକନରୁ ସୌଦା କିଣିବା ମନା ହୋଇଥିବାରୁ ଉକ୍ତ ପରିବରା ପକ୍ଷରୁ ଗଡ଼ିଶାଗୋଦା ଥାନା, ପୁରୀ ଆରକ୍ଷୀ ଅଧିକ୍ଷକ, ପୁରୀ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଦାବିକରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଉକ୍ତ ବାସନ୍ଦ ୪ ପରିବାର କିଛି ଦିନ ତଳେ ମାନବ ଅଧିକାର କମିଶିନରଙ୍କ ଦ୍ୱାରସ୍ତ ହୋଇଥିଲେ। ମାନବ ଅଧିକାର କମିଶନର ପୁରୀ ଜିଲ୍ଲାପାଳଙ୍କୁ ତୁରନ୍ତ ତଦନ୍ତ କରି ନିର୍ଦ୍ଦେଶ ଦେବାକୁ ଚିଠି ଲେଖିଛନ୍ତି। ଗତ ୨ତାରିଖ ଦିନ ଷୋହଳ ପୂଜା ଚାଲିଥିବାରୁ ଗାଁରେ ଥିବା ପ୍ରତ୍ୟେକ୍ଷ ଠାକୁରାଣୀ ମା' ଦୁର୍ଗାଙ୍କ ମନ୍ଦିରରେ ରନ୍ଧା ଭୋଗ କରି ପୂଜା କରିବା ପାଇଁ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗଡ଼ିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଅଭିଯୋଗ ପାଇବାପରେ ଦୁଇ ଜଣ ପୋଲିସ୍‌ଙ୍କୁ ଉକ୍ତ ଗ୍ରାମକୁ ପଠାଇ ଠାକୁରାଣୀଙ୍କ ନିକଟରେ ଭୋଗ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିରରେ ଥିବା ଗାଁ ପୂଜକ ସୌମ୍ୟରଞ୍ଜନ ଦାଶ, ଗାଁ ସଭାପତି ଓ ଗାଁ ମୁରବିଙ୍କଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂଜା କାର୍ଯ୍ୟ କରିପାରିବେ ନାହିଁ ବୋଲି ମନା କରିଦେବାରୁ ୪ପରିବାର ପୋଲିସ୍ ଉପସ୍ଥିତ ଥାଇ ମଧ୍ୟ ପୂଜା ନ କରି ଘରକୁ ଫେରିଆସିଥିଲେ। ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଅଭିଯୋଗ ପାଇବାପରେ ମୁଁ ପୋଲିସ୍ ପଠାଇଥିଲେ ମଧ୍ୟ ପୂଜକ ପୂଜା କରିବାକୁ ମନାକରିଦେଇଥିଲା।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଟାଙ୍ଗୀ-ଚୌଦ୍ୱାର, ୪।୧୦ (ସଂଚାର ବ୍ୟୁରୋ):** ଜନୈକ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ଶୁକ୍ରବାର ସକାଳେ ରେଳ ଧାରଣାରୁ ଉର୍ଦ୍ଧ୍ୱାର କରିଛି କଟକ ଜିଲ୍ଲା ଟାଙ୍ଗୀ ପୋଲିସ। ମୃତକ ଜଣକ ହେଲେ ଟାଙ୍ଗୀ ଥାନା ଅଧିନ ବିଲତେରୁହାଁ ଗ୍ରାମ ବଙ୍ଗାଳି ସାହିର ତିରୁପତି ରେଡ୍ଡୀ। ତିରୁପତିଙ୍କ ହାତ ଓ ଗୋଡ ବନ୍ଧାଥିବା ଅବସ୍ଥାରେ ନିର୍ଜ୍ଜଣ୍ଡୀ ରେଳ ଧାରଣାରେ ତାଙ୍କ ମୁଣ୍ଡ ଓ ଗଣ୍ଡୀ ଅଲଗା ହୋଇ ପଡ଼ିଥିବା ସ୍ଥାନୀୟ ଲୋକେଁ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି। ତେବେ ମୃତକ ତିରୁପତୀ ସ୍ଥାନୀୟ ଏକ କମ୍ପାନୀରେ ଆଜକୁ ୫ବର୍ଷ ହେବ କାମ କରୁଥିଲେ। ସବୁ ଦିନ ଭଳି ସେ ଗୁରୁବାର ରାତି ୯ଟା ସମୟରେ ଘରୁ ବାହାରି କମ୍ପାନୀକୁ ଆସିଥିବା ପରିବାର ଲୋକେ କୁହନ୍ତି। ତେବେ ତାଙ୍କୁ କେହି ହତ୍ୟା କରି ରେଳ ଧାରଣାରେ ଶୁଆଇ ହତ୍ୟାକୁ ଆତ୍ମହତ୍ୟା ରୁପ ଦି।ଯାଉଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏନେଇ ପରିବାର ତରଫରୁ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

## ଥାନା ରଖିଲାନି ଏତଲା, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯୁବତୀ

**ସୁବର୍ଣ୍ଣପୁର, ୪।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର କେନଝରିଆପାଲିର ଜଣେ ଯୁବତୀ ଆୟଶା ଖାତୁନ୍ ତରଭା ସଦର ଥାନା କୁମ୍ଭାରପଡ଼ାସ୍ଥିତ ତାଙ୍କ ଭଉଣୀ ଘରକୁ ସେପ୍ଟେମ୍ବର ୨୯ ତାରିଖ ଦିନ ବୁଲିବାକୁ ଯାଇଥିଲେ। ସେହି ଦିନ ସନ୍ଧ୍ୟା ହୋଇଯିବାରୁ ଭଉଣୀ ଘରେ ରହି ଯାଇଥିଲା ବେଳେ ପରଦିନ ନିଜ ଘରକୁ ଫେରି ଆସିଥିଲେ। ଆସି ଜାଣିବାକୁ ପାଇଲେ ଯେ ତାଙ୍କ ବ୍ୟାଗରେ ଥିବା ୧୭ ହଜାର ଟଙ୍କା ନାହିଁ। ପରେ ସେ ଭଉଣୀକୁ ଫୋନ କରିବାରୁ ଟଙ୍କା ନିଜ ଭିଣୋଇ ନେଇଥିବା କହି ଧମକ ଦେଇଥିଲେ। ପରେ ଆୟଶା ତରଭା ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ତରଭା ଥାନାରେ ଥିବା ଏସ୍‌ଆଇ ଡାଙ୍ଗ ବାବୁ ତାଙ୍କୁ ସହଯୋଗ କରିନଥିଲେ କି ତାଙ୍କ ଏତଲା ରଖି ନଥିବା ଅଭିଯୋଗ କରିଛନ୍ତି ଯୁବତୀ। ଏପରିକି ସମ୍ପୃକ୍ତ ଯୁବତୀଙ୍କୁ ସୋନପୁରରେ ତାଙ୍କ ଭିଣୋଇ ଏସିଡ ପକାଇଦେବି ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ସୋନପୁର ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ ଆୟଶା। କିନ୍ତୁ ଘଟଣା ତରଭା ଅଞ୍ଚଳରେ ହୋଇଥିବାରୁ ତରଭା ଥାନାରେ ଏତଲା ଦେବା ପାଇଁ ଆଇଆଇସି କହିଥିଲେ।



ଏହାକୁ ନେଇ ଗୁରୁବାର ଆୟଶା ନାରୀନେତ୍ରୀ ସୋନାଲି ବିଶିଙ୍କ ସହାୟତାରେ ଏସପି ରାମ ପ୍ରସାଦ ସାହୁଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ଏତଲା ରଖି ନ ଥିବା ଏସଆଇ ଙ୍କ ଉପରେ ମଧ୍ଯ କଡ଼ା ଏକ୍ସନ ନେବା ପାଇଁ ଏସ୍‌ପି ଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ସାହୁ ଘଟଣାକୁ ଗୁରୁତ୍ୱର ସହ ନେଇ ସଙ୍ଗେ ସଙ୍ଗେ ମାମଲା ରୁଜୁ କରିବାକୁ ତରଭା ଥାନାକୁ ନିର୍ଦ୍ଦେଶ ଦେବା ସହ ଯୁବତୀଙ୍କୁ ପୋଲିସ ଏସ୍କର୍ଟ ସହ ତରଭା ଥାନାକୁ ପଠାଇବା ପରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

### ଜିଲ୍ଲାଭିତ୍ତିକ ସ୍ଥାୟୀ ନିଯୁକ୍ତି ଦାବି

## ମିଳିତ କ୍ରିୟାନୁଷ୍ଠାନ ମଞ୍ଚର ବୋରିଗୁମ୍ମା ବନ୍ଦ ସଫଳ

**ବୋରିଗୁମ୍ମା, ୪।୧୦ (ସଂଚାର ବ୍ୟୁରୋ):** ମେଡିକାଲ ଜିଲ୍ଲା ଭିତ୍ତିକ ସ୍ଥାୟୀ ନିଯୁକ୍ତି ନିମନ୍ତେ ଆଜି କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦେଇଛି କୋରାପୁଟ ଜିଲ୍ଲା କ୍ରିୟାନୁଷ୍ଠାନ ମିଳିତ ମଞ୍ଚ। ଜିଲ୍ଲା ଭିତ୍ତିକ ବିଭିନ୍ନ ପଦବୀ ନିମନ୍ତେ ଯଥା ଗ୍ରୁପ ସି ଓ ଡି ପଦବୀ ପାଇଁ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷିତ ବେକାର ଯୁବକ ଯୁବତୀ, ରାଜନୈତିକ ଦଳର ସଂଗଠନ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗଙ୍କୁ ମାଟି ଓ ଭବିଷ୍ୟତ ପିଢ଼ି ପାଇଁ ଜାତି ଧର୍ମ ଓ ଦଳମତ ନିର୍ବିଶେଷରେ ସାମିଲ ପାଇଁ ଅପିଲ କରିଛନ୍ତି । ଏଥିରେ ୧୪ବ୍ଲକ, ୩ପୌର ପରିଷଦ ଓ ଗୋଟିଏ ବିଜ୍ଞାପିତ ଅଂଚଳ ରେ ପ୍ରଭାବ ପଡିଛି। ଚକ ଅଖ, ଦୋକାନ ବଜାର, ସ୍କୁଲ କଲେଜ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ବ୍ୟାଙ୍କ ଗୁଡିକରେ ପ୍ରଭାବ ପଡିଛି। ବସ ଚଳାଚଳ ବନ୍ଦ ହେବା ସହିତ ହୀରାଖଣ୍ଡ ଏକ୍ସପ୍ରେସ ସମେତ ଅନ୍ୟାନ୍ୟ ଟ୍ରେନ ଗୁଡ଼ିକୁ କୋରାପୁଟ ଠାରେ ଅଟକ ରଖା ଯାଇଥିଲା।ଗାଁ ଗୋହଳିରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଦୋକାନ ବଜାର ବନ୍ଦ ହେବା ସହ ବୋରିଗୁମ୍ମାରେ ବନ୍ଦର ପ୍ରଭାବ ପଡିଥିବା ଦେଖାଦେଇଛି । ରାସ୍ତା ଶୂନଶାନ ହୋଇ ପଡିଥିବା ବେଳେ ମାଲ ବୋଝେଇ ଗାଡି ଗୁଡିକ ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଅଟକି ରହିଥିଲା । ବସ ଚଳାଚଳ ବନ୍ଦ ହୋଇଯିବା କାରଣରୁ ଯାତ୍ରୀ ମାନେ ବହୁତ ଅସୁବିଧାର ସମ୍ମୁଖିନ ହୋଇଥିବା



## ୧୨ ଘଣ୍ଟିଆ ରାଇଘର ବନ୍ଦ ପାଳନ

**ରାଇଘର, ୪।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଥିବାବେଳେ ଏହି ବନ୍ଦ ପ୍ରଭାବ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ରେ ଦେଖିବାକୁ ମିଳିଛି, ମୁଖ୍ୟ ବଜାର ଠାରେ ଛାତ୍ର ସଂଘ,ସରପଞ୍ଚ ସଂଘ ଓ କ୍ରିୟାନୁଷ୍ଠାନ କମିଟି ତରଫରୁ ବିଭିନ୍ନ ଗଣପ୍ରତିନିଧି ମାନେ ଦୋକାନ ବଜାର, ଗାଡି ମଟର ବନ୍ଦ କରି ଅନଶନ ରେ ବସିଛନ୍ତି,ପ୍ରକାଶ ଥାଉ କି ମୋଟ ୧୧୧୭ ଟି ଶିକ୍ଷକ ପଦବୀ ରୁ ନବରଙ୍ଗପୁର ଜିଲ୍ଲାରେ ୮୬୦ ଗୋଟି ଶିକ୍ଷକ ନିଯୁକ୍ତିର ଏଗ୍ରିମେଣ୍ଟ ପ୍ରକ୍ରିୟା ଚାଲୁ ରହିଥିଲା । ଏଥିରେ ବାହାର ରାଜ୍ୟରୁ ଶହ ଶହ ପିଲାମାନେ ଆସି ସାମିଲ ହୋଇଥିଲେ। ଏହା ଜାଣି ଅବିଭକ୍ତ କୋରାପୁଟ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରି ଅନ୍ୟ ବାହାର ଜିଲ୍ଲାର ଯୁବକ ଯୁବତୀ ର ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରା ନ ଯାଏ ତାହାହେଲେ ଆଗାମୀ ଦିନ କୁ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାବାସୀ ରାଜରାସ୍ତାକୁ ଓହ୍ଲାଇ ଏହାର ଉଗ୍ର ପ୍ରତିବାଦ କରିବାର ଚେତାବନୀ ଦିଆଯାଇଛି।






## ଚୌଦ୍ୱାର କଲେଜରେ ଖାଦ୍ୟ ମେଳା

**ଟାଙ୍ଗୀ-ଚୌଦ୍ୱାର, ୪।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାର କଲେଜ ପକ୍ଷରୁ ଏକ ଖାଦ୍ୟ ମେଳାର ଆୟୋଜନ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଡ. ମମତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଖାଦ୍ୟ ମେଳାରେ କଲେଜର ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ, ଛାତ୍ର ଓ କର୍ମଚାରୀ ଅଂଶ ଗ୍ରହଣ କରି ସ୍ୱାଦୀଷ୍ଟ ଖାଦ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଅତିଥି ଭାବେ ଯୋଗଦେଇ ଛାତୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ସମସ୍ତ ସଂମ୍ପ୍ରସାରିତ ଶାଖା ଏନସିସି, ରେଞ୍ଜର ଆଣ୍ଡ ରୋଭର୍ଶ ୟୁନିଟ୍ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ, ପ୍ରମୀଳା ରାଣୀ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**କଟକ, ୪।୧୦ (ସଂଚାର ବ୍ୟୁରୋ):** ୪୨ ମୌଜା ଶ୍ରୀ ଶ୍ରୀ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ପରିସରରେ ମହାପୁରୁଷ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କର ଜନ୍ମ ଦିବସ ପାଳିତ ହୋଇ ଭାରତୀୟ ଦୃଷ୍ଟିହୀନ କ୍ରିକେଟିୟର ମହମ୍ମଦ ଜାଫର ଇକବାଲ ତାଙ୍କ ବାପା ସେକ ଆବସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦଶମ ବାର୍ଷିକ ୨୦୨୩ ଓ ୨୦୨୪ ଶିକ୍ଷାବର୍ଷରେ ମାଟ୍ରିକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସୁମନ୍ତ ସାହୁ ଓ ଚକ୍ରଧର ପଣ୍ଡା ଓ ଶିକ୍ଷାବର୍ଷ ୨୦୨୩ ପାଇଁ ବେଷ୍ଟ ଷ୍ଟୁଡେଣ୍ଟ୍ ବିଜୟଲକ୍ଷ୍ମୀ ରାଉଳ ଏବଂ ୨୦୨୪ ପାଇଁ ତେଜସ୍ୱନୀ କୁମାରଙ୍କୁ ସାର୍ଟିଫିକେଟ, ଟ୍ରଫି, ପ୍ରୋତ୍ସାହନ ରାଶି ଆଦି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ.ସେକ କଲିମୁଲ୍ଲା,ସମ୍ମାନିତ ଅତିଥି ପୂର୍ବତନ ବି.ଆର.ସିସି ସାଗର କାନୁନଗୋ, ମୁଖ୍ୟବକ୍ତା ଟାଙ୍ଗିର ବି.ଆର.ସିସି ପ୍ରଫୁଲ୍ଲ କୁମାର ସାହୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଚୌଧୁରୀ ପରିଚାଳନା କରିଥିବା ବେଳେ କର୍ମଚାରୀ ବର୍ଗ ସହଯୋଗ କରିଥିଲେ ।




## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଗୋପ, ୪।୧୦ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ଅନ୍ତର୍ଗତ ସୋରଭା ନାରାୟଣୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ସୁଷମା ଦେଇଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ବ୍ଲକ ଏନପିଏସ ଶିକ୍ଷକ ସଂଘ, ବିଦ୍ୟାଳୟ ପରିଚାଳନା କମିଟି ଓ ସୋରଭା ଗ୍ରାମ ବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବ୍ଲକ ଶିକ୍ଷା ଅଧିକାରୀ ସୁଶିଳ କୁମାର ବ୍ରହ୍ମା, ସହ ଶିକ୍ଷା ଅଧିକାରୀ ଅଶୋକ କୁମାର ବେହେରା, ଶ୍ରୀମତୀ ବିନୋଦିନୀ ମହାପାତ୍ର, କ୍ଲଷ୍ଟର ସଂଯୋଜକ ଅମୂଲ୍ୟ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଚରଣ ସାମନ୍ତରାୟ, ଶ୍ରୀଧର ଛାଟୋଇ, ଜବାହର ଖାଁ, ଅଶୋକ ରାଉତ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଫକିର ସ୍ୱାଇଁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ସୁଷମା ଦେଇଙ୍କ ଆଦର୍ଶ ଶିକ୍ଷକତା ଜୀବନ ଉପରେ ଆଲୋକପାତ କରିଥିଲେ। ୧୯୮୮ ମସିହାରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ସୁଷମା ଦେଇ ୩୫ ବର୍ଷର ଦୀର୍ଘ ଚାକିରୀ ଜୀବନରେ ସେ ଜଣେ ଉତ୍ତମ, ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକତା କରି ୩ବର୍ଷ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଅବସର ଗ୍ରହଣ କରିଛନ୍ତି। ଯେଉଁ ସ୍କୁଲରେ ସେ ଶିକ୍ଷାଦାନ କରିଛନ୍ତି ସେଠାର ନିଷ୍ଠାର ସହ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା ଓ ସୁ ଚରିତ୍ର ଗଠନ ଉପରେ ଦୃଷ୍ଟି ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ସୁଷମା ଦେଇଙ୍କୁ ଭାବ ବିହ୍ୱଳଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ପିସି ଦିଅ ବନାମ ପାଗଳା ବିଲୁଆ

## ଲୁଲୁ-ବୁଲୁ ଫେଶ୍ ଟୁ ଫେଶ୍




**ମାହାଙ୍ଗା, ୪।୧୦ (ସଂଚାର ବ୍ୟୁରୋ) :** ମହାଙ୍ଗାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ କଡା କାଉଣ୍ଟର କରିଛନ୍ତି ବିଧାୟକ ସାରଦା ପ୍ରଧାନ। ସେ କହିଛନ୍ତି ଯେ, ମାହାଙ୍ଗାରେ ପାଗଳା ବିଲୁଆ ମାତିଛି । ବିଜେଡି ପଦଯାତ୍ରା ବେଳେ ପୂର୍ବତନ ବିଧାୟକ ପ୍ରତାପ ଜେନା ଦେଇଥିବା ବୟାନକୁ କାଉଣ୍ଟରର କରି ଆଜି ସିଏ ଏପରି ଆକ୍ଷେପ କରିଛନ୍ତି। ଖାଲି ସେତିକି ନୁହେଁ ପ୍ରତାପ ଜେନାଙ୍କ ଗୋହି ଖୋଲିଛନ୍ତି।

ଆଜି ମାହାଙ୍ଗା ବ୍ଲକ୍ ଭଦ୍ରେଶ୍ୱର ପଞ୍ଚାୟତରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସାରଦା ପ୍ରଧାନ କହିଛନ୍ତି, ମହାଙ୍ଗାରେ ଦୁଇଟି ପଶୁ ବୁଲୁଛନ୍ତି। ସେହି ପଶୁ ଦୁଇଟା ପାଗଳ ହୋଇଯାଇଛନ୍ତି। ଗୋଟିଏ ହେଉଛି କୁକୁର ଓ ଅନ୍ୟଟି ହେଉଛି ବିଲୁଆ। କୁକୁର ପାଗଳା ହେଲେ କାମୁଡ଼ ଓ ବିଲୁଆ ପାଗଳା ହେଲେ ଭୋକିବ। ହେଲେ ଏଠି ଗୋଟିଏ ପାଗଳା ବିଲୁଆ ମାତିଛି। ତା' ନାଁ ହେଉଛି ପ୍ରତାପ ଜେନା। ସିଏ ଖାଲି ଭୋକୁଛି। ମାହାଙ୍ଗାରେ ପାଗଳା ବିଲୁଆ ମାତିଛି। ହାରିବାକୁ ୪ ମାସ ବିତିଲାଣି। ହେଲେ ପ୍ରଳାପ ଛାଡୁନି। ଗୁରୁବାର ପାଗଳା ବିଲୁଆ(ପୂର୍ବତନ ବିଧାୟକ)ଙ୍କ ଗୋଟିଏ ଭିଡିଓ ଶୁଣିବାକୁ ପାଇଲି। ସେଥିରେ ସିଏ କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ନବୀନ ପଟ୍ଟନାୟକ। ଯଦି ଆପଣ ସେହି ଭିଡିଓ ଶୁଣିବେ, ତାହାହେଲେ ଆପଣଙ୍କ ଧୈର୍ଯ୍ୟ ଧରିପାରିବେନି। ଲୋକେ ପ୍ରତ୍ୟାଖାନ କରିବାକୁ ୪ ମାସ ନପୁରୁଣୁ ବିଲୁଆ ଭୋକିଲାଣି। ଏହାର ଅର୍ଥ ବିଲିଆ ପାଗଳ ହୋଇଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି, ପୂର୍ବତନ ଉନ୍ନୟନ ସଚିବ ଉପେନ୍ଦ୍ର ବେହେରା ହେଉଛନ୍ତି ମାହାଙ୍ଗା ଅଞ୍ଚଳର ଲୋକ। ତାଙ୍କ ପ୍ରଚେଷ୍ଟାରେ ଦୁଇଟି ମୁଖ୍ୟ ରାସ୍ତା - ନିଶ୍ଚିନ୍ତଗିରିରୁ ଲଳିତଗିରି ଓ ମାହାଙ୍ଗାରୁ କଟିକଟା ହୋଇଥିଲା। ସେଥିରେ ପୂର୍ବତନ ବିଧାୟକଙ୍କର କୌଣସି ଭୂମିକା ନଥିଲା। ଏହି ଦୁଇ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗଠାରୁ ପୂର୍ତ୍ତ ବିଭାଗକୁ ଗଲା ପରଠାରୁ ଶହେ ଥର ଫଳକ ଲେଖାଗଲାଣି। ହେଲେ ଦୁଃଖର କଥା କାମ ହେଲାଠାରୁ ରାସ୍ତା ଫାଟିଛି। ଆଜି ପର୍ଯ୍ୟନ୍ତ ରାସ୍ତା କାମ ସରିପାରୁନି। ଠିକ୍ ସେହିପରି ଗୋପିନାଥପୁର-କୁଆଁପାଳ ରାସ୍ତା ଜଳ ସମ୍ପଦ ବିଭାଗରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଗଲା। ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗଠାରୁ ପୂର୍ତ୍ତ ବିଭାଗକୁ ରାସ୍ତା ଯାଇଥିଲା। ହେଲେ କାମ ସରିବାର ବର୍ଷେ ପରେ ରାସ୍ତା ଦବିଲା। ପୂର୍ବତନ ବିଧାୟକ କହିଲେ ମୂଷା ଘଳିଆ କରିଦେଇଥିବାରୁ ରାସ୍ତା ଦବିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବତନ ବିଧାୟକ କହୁଛନ୍ତି ମହାଙ୍ଗାରେ ବିକାଶ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ସିଏ ବର୍ତ୍ତମାନ ଅନ୍ଧ ଧୃତରାଷ୍ଟ୍ର। ତାଙ୍କର ଯେଉଁ ଚେଲା ଚାମୁଣ୍ଡା ଅଛନ୍ତି, ସେମାନଙ୍କ କଥା କହିପାରିବି ନାହିଁ। ଜନସାଧାରଣଙ୍କ ଆଶୀର୍ବାଦରୁ ଏବେ ୨୮ କୋଟି ପାଖାପାଖି ପୂର୍ତ୍ତ ବିଭାଗ ରାସ୍ତା କାମ ଶୁଭ ଦିଆଯାଇଛି। ପାଖାପାଖି ୩୦ କୋଟି ଟଙ୍କାର କାମର ଟେଣ୍ଡର ହୋଇଛି। ୧୦୦ କୋଟିରୁ ଅଧିକ କାମ ଟେଣ୍ଡର ପ୍ରକ୍ରିୟାରେ ରହିଛି ବୋଲି ସେ କହିଛନ୍ତି।

ସାରଦା ଆହୁରି କହିଛନ୍ତି, ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତି ପଞ୍ଚାୟତ ୫୦ ଲକ୍ଷ ଟଙ୍କା ଦେଇଥିଲେ। ସେହି ଅର୍ଥରେ ମାହାଙ୍ଗା ବ୍ଲକରେ ୧୭୨ଟି ପ୍ରକଳ୍ପ କାମ ହୋଇପାରିଲା ନାହିଁ।

# ୬ରୁ ହବିଷ୍ୟାଳି ଯୋଜନା ପାଇଁ ଆବେଦନ



**ପୁରୀ, ୪।୧୦(ସଂଚାର ବ୍ୟୁରୋ):** ହବିଷ୍ୟାଳୀ ଯୋଜନାରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଆବେଦନ ପ୍ରକ୍ରିୟା। କେବଳ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ସେ କହିଛନ୍ତି, ଅକ୍ଟୋବର ୬ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୧୧ ତାରିଖ ଯାଏ ଚାଲିବ। edistrict.odisha.gov.in ୱେବସାଇଟରେ ଆବେଦନ କରିପାରିବେ ହବିଷ୍ୟାଳୀ। ୨୫ ଶହ ହବିଷ୍ୟାଳୀଙ୍କ ରହଣି ପାଇଁ ୪ଟି ସ୍ଥାନରେ ବ୍ୟବସ୍ଥା କରାଯିବ। ସବୁ ବର୍ଷ ଭଳି ସବୁ ସୁବିଧା ହବିଷ୍ୟାଳୀଙ୍କୁ ଯୋଗାଇ ଦିଆଯିବ। ଜିଲ୍ଲାପାଳ କହିଛନ୍ତି, ଯେଉଁ ହବିଷ୍ୟାଳୀମାନେ ଆବେଦନ କରିଥିବେ ସେମାନଙ୍କ ପାଖକୁ ଏକ ଇଣ୍ଟିମେସନ ଯିବ। ଏଥିସହ ହବିଷ୍ୟାଳୀମାନେ ଶିବିରକୁ ଆସିଲେ ପ୍ରଥମେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପରେ ସେମାନଙ୍କୁ ଅନ୍ୟାନ ସୁବିଧା ଯୋଗାଇ ଦିଆଯିବ। ଆଶ୍ୱିନ୍ୟ ମାସ ଶୁକ୍ଳ ପକ୍ଷ ଏକାଦଶ ତିଥିରୁ ଶ୍ରୀମନ୍ଦିରରେ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଥାଏ। ହଜାର ହଜାର ହବିଷ୍ୟାଳୀ ଶ୍ରୀମନ୍ଦିରରେମହାପ୍ରଭୁଙ୍କର ରାଧାଦାମୋଦର ବେଶ ଦର୍ଶନ କରିବେ। ସକାଳୁ ସକାଳୁ ହବିଷ୍ୟାଳୀମାନେ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ବ୍ରତସଂକଳ୍ପ କରି ବୃନ୍ଦାବତୀଙ୍କ ନିକଟରେ ରାଇଦାମୋଦର ପୂଜା କରିବେ। ପଞ୍ଚବର୍ଣ୍ଣ ମୁରୁଜ ପକାଇ ତୁଳସୀ ଚଉରାରେ ଜଗନ୍ନାଥଙ୍କ ଫଟୋଚିତ୍ର ରଖି ହବିଷ୍ୟାଳୀମାନେ ପୂଜା କରିବେ।

# ପାର୍ବଣରେ ଭିଜିବ ଓଡ଼ିଶା



**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ଉତ୍ତର ବଙ୍ଗୋପସାଗରରେ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୭ ଦିନ ରାଜ୍ୟରେ କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା। ହୋଇପାରେ। ଢେଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶର, ମୟୂରଭଞ୍ଜ ଓ କେନ୍ଦୁଝରରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ୭ ପରେ ବର୍ଷା ବଢ଼ିବ। ରାଜ୍ୟରେ ଲଘୁଚାପର ପ୍ରଭାବ ଅଧିକ ନ ରହିଲେ ମଧ୍ୟ ପାର୍ବଣରେ ଓଡ଼ିଶା ଭିଜିପାରେ। ଅନ୍ୟପକ୍ଷେ ମୌସୁମୀ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ଯୋଗୁ ଗୁଳୁଗୁଳି ବଢୁଥିବା ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ କହିଛନ୍ତି। ହେଲେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ୭ ତାରିଖ ବେଳକୁ ରାଜ୍ୟକୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେବ। ତାପମାତ୍ରା ତଳକୁ ଖସିବା ସହ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଅନୁମାନ କରାଯାଉଛି।

# କନଷ୍ଟେବଲଙ୍କ ପାପୁଲି ଛିଣ୍ଡାଇ ଦେଲେ ଦୁର୍ବୃତ୍ତ



**ସମ୍ବଲପୁର,୪।୧୦ (ସଂଚାର ବ୍ୟୁରୋ):** କନଷ୍ଟେବଲଙ୍କୁ ହାଣି ପାପୁଲି ଛିଡ଼ାଇ ନେଲେ ଦୁର୍ବୃତ୍ତ। ଏଭଳି ଅଭାନୀୟ ଘଟଣା ଘଟିଛି ବୁର୍ଲା ଥାନା ଝରାପାଲି ଗାଁରେ । ଏକ ଗଣ୍ଡଗୋଳ ଘଟଣାର ତଦନ୍ତ ପାଇଁ ଯାଇଥିବା ବେଳେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ଆହତ କନଷ୍ଟେବଳ ସରୋଜ ଭୋଇଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। କୌଣସି କାରଣକୁ ଝରାପାଲି ଗାଁରେ ଗଣ୍ଡଗୋଳ ହୋଇଥିଲା। ସରୋଜଙ୍କ ସହ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ। ପରେ ଉତ୍ୟକ୍ତ ଲୋକମାନେ ପୋଲିସ ଟିମ୍ ଉପରକୁ ଆକ୍ରମଣ କରିଥିବା ଜାଣିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ସରୋଜଙ୍କୁ ଆକ୍ରମଣ କରିଥିଲେ। ସରୋଜଙ୍କ ପାପୁଲିରେ ଆଘାତ ଲାଗିବା ସହ ପାପୁଲି ଅଧା କଟିଯାଇଥିଲା। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପୋଲିସ ଅଭିଯୁକ୍ତକୁ ଧରିବାକୁ ତଦନ୍ତ ଜାରି ରଖିଛି।

# ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

## ଜାରିହେଲା ଅଧିନିୟମ



**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ୟୁନିଫର୍ମ (ପୋଷାକ) ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ଲାଗି ସଂରକ୍ଷଣ ଏବଂ ବୟସ ସୀମାରେ କୋହଳକୁ ନେଇ ନିୟମାବଳି ସମ୍ପର୍କିତ ଅଧିସୂଚନା ଜାରି କରିଛି ସାଧାରଣ ପ୍ରଶାସନ ବିଭାଗ। ଜୁଲାଇ ୨୬ ରେ କାରଗିଲ ବିଜୟ ଦିବସ ଅବସରରେ ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୟୁନିଫର୍ମ ସେବା କ୍ଷେତ୍ରରେ ଓଡ଼ିଶାର ଅଗ୍ନିବୀରଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବା ସହ ୫ ବର୍ଷ ବୟସସୀମା କୋହଳ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଥିଲେ। ଏହି ଅନୁସାରେ ଅଧିସୂଚନା ଜାରି ହୋଇଛି।

ଓଡ଼ିଶାର ୟୁନିଫର୍ମ ସେବା ଅର୍ଥାତ୍ ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ଲାଗି ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ସହିତ ଅଗ୍ନିବୀରଙ୍କ ପାଇଁ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ରହିବ। ସେହିପରି ରାଜ୍ୟର 'ଗ' ଓ 'ଘ' ବର୍ଗର ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ଲାଗି ନିର୍ଦ୍ଧାରିତ ବୟସ ସୀମାକୁ ୩ ବର୍ଷ କୋହଳ କରାଯିବ। ଏଥିସହ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ।

ଏହି ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନା ଦେଶର ଯୁବସମାଜକୁ ଦକ୍ଷ, ସାହସୀ ଓ ଯୋଗ୍ୟ କରିବାରେ ସହାୟକ ହୋଇଛି। ଜୀବନର ସବୁ କ୍ଷେତ୍ରରେ ଆହ୍ୱାନକୁ ଗ୍ରହଣ କରିପାରୁଥିବା ଯୁବସମାଜ ଗଠନରେ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ସରକାର ଓଡ଼ିଶାର ୟୁନିଫର୍ମ ସେବାରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

# ରାଷ୍ଟ୍ରଭାଷା ପରୀକ୍ଷାର ମର୍ଯ୍ୟାଦାହାନି କରା ନ ଯାଉ

**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ୧୯୫୪ ମସିହାରୁ ଓଡ଼ିଶାରେ ହିନ୍ଦୀ ପ୍ରଚାର, ପ୍ରସାର ଜାରି ରହିଛି । ଓଡିଶା ରାଷ୍ଟ୍ରଭାଷା ପରିଷଦ, ଜଗନ୍ନାଥଧାମ, ଚକ୍ରକୋଟ ଲେନ, ଦାମୋଦର ରୋଡ, ବଳିଆପଣ୍ଡା, ପୁରୀ-୧ ପକ୍ଷରୁ ଏହା ଚାଲୁରହିଛି। ଏହି ସଂସ୍ଥାଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷା ଭାରତ ସରକାର ତଥା ଓଡିଶା ସରରକାରଙ୍କ ସ୍ଥାୟୀ ମାନ୍ୟତା ପାଇଛି। ପ୍ରତି ବର୍ଷ ଏହି ସଂସ୍ଥାରେ ହଜାର ହଜାର ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମ ସଂସ୍ଥାନ କରୁଛନ୍ତି । ଏହା ଓଡିଶାରେ ରାଷ୍ଟ୍ରଭାଷା ପ୍ରାଥମିକ ଠାରୁ ଶାସ୍ତ୍ରୀ ପର୍ଯ୍ୟନ୍ତ ପରୀକ୍ଷା ପରିଚାଳନା କରୁଛି। ବର୍ଷର ବିଭିନ୍ନ ସମସୟରେ କର୍ମଶାଳା, ଭାଷା ଶିକ୍ଷଣ ଆଦି ଅନେକ କାର୍ଯ୍ୟକ୍ରମ ମଧ୍ୟ କରୁଛି। କେତେକ ସାମ୍ବାଦିକ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଅନୁଷ୍ଠାନ ସଂପର୍କରେ ଅନୁଶୀଳନ ନ କରି ଅନୁଷ୍ଠାନର ମର୍ଯ୍ୟାଦାହାନି କଲା ଭଳି ସମ୍ବାଦ ପରିବେଷଣ ନ କରିବାକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ବଳରାମ ରଣସିଂହ ଅନୁରୋଧ କରିଛନ୍ତି । ଏହାସହିତ ସେ ଆହୁରି ମଧ୍ୟ କହିଛନ୍ତିଯେ, ସଠିକ ପ୍ରମାଣପତ୍ର ସହ ଅନୁଷ୍ଠାନ ନିର୍ଭିକ ଭାବେ କାର୍ଯ୍ୟ କରୁଛି ।

# ଶିମିଳିପାଳରେ କଳାବାଘ



**ମୟୂରଭଞ୍ଜ, ୪।୧୦ (ସଂଚାର ବ୍ୟୁରୋ):** ଶିମିଳିପାଳ ଅଭୟାରଣ୍ୟରୁ ଆସିଲା କଳାବାଘର ପ୍ରଥମ ଝଲକ। କଳାବାଘଟି କିପରି ଅତି ଆନନ୍ଦର ସହ ବିଚରଣ କରୁଛି ତାହାର ପ୍ରଥମ ଝଲକ ଭିଡିଓଟି କ୍ୟାମେରାରେ କଏଦ ହୋଇଛି। ଜାରି ହୋଇଥିବା ଭିଡିଓରେ ବାଘଟି ବିଚରଣ କରୁଥିବାର ନଜର ଆସିଛି । ଯାହାକୁ ନିଜ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ । ଯେଉଁଥିରେ ସେ ଲେଖିଛନ୍ତି, 'ଆପଣମାନେ ପ୍ରକୃତିର ପ୍ରାକୃତିକ ସଂଗୀତ ସହିତ ଶିମିଳିପାଳ ମେଲାନିଷ୍ଟିକ୍ ବାଘର ପ୍ରଥମ ଭିଡିଓ ଦେଖୁଛନ୍ତି।

# ମନରେଗା ପାଇଁ ଟଙ୍କା ନେଇ ଧରାପଡ଼ିଲେ ଜେଇ



**ପାଟଣାଗଡ଼, ୪।୧୦ (ସଂଚାର ବ୍ୟୁରୋ):** ମନରେଗା କାମ ପାଇଁ ପୂର୍ବରୁ ୭ ହଜାର ଟଙ୍କା ନେଇଥିଲେ। ଶୁକ୍ରବାର ଆଉ ୭ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ମନରେଗାରେ କାମ କରୁଥିବା ଜବ୍‌କାର୍ଡଧାରୀଙ୍କ ମଷ୍ଟର ରୋଲ ପ୍ରସ୍ତୁତ ଲାଗି କେସ୍ ରେକର୍ଡ ଫେରସ୍ତ କରିବାକୁ ଅଭିଯୋଗକାରୀ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କୁ କହିଥିଲେ। କିନ୍ତୁ କନିଷ୍ଠ ଯନ୍ତ୍ରୀ ଏଥିପାଇଁ ୧୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିଛି ଦିନ ତଳେ ଅଭିଯୋଗକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ୭ ହଜାର ଟଙ୍କା ଦେଇଥିଲେ। କିନ୍ତୁ ପୂରା ଟଙ୍କା ନ ଦେଲା ପର୍ଯ୍ୟନ୍ତ କେସ୍ ରେକର୍ଡ ଦେବେ ନାହିଁ ବୋଲି କହିଥିଲେ କନିଷ୍ଠ ଯନ୍ତ୍ରୀ। ଉପାୟ ନ ପାଇ ଅଭିଯୋଗକାରୀ ଟୋଲ୍‌ଫ୍ରୀ ନମ୍ବର ଜରିଆରେ ଘଟଣା ସଂପର୍କରେ ଭିଜିଲାନ୍ସକୁ ଜଣାଥିଲେ। ଏହା ପରେ ଭିଜିଲାନ୍ସ ଅଧିକାରୀଙ୍କ ଯୋଜନା ଅନୁଯାୟୀ, ଅଭିଯୋଗକାରୀ ଆଜି କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁଙ୍କୁ ବାକି ୭ ହଜାର ଟଙ୍କା ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ତାଙ୍କର ତିନିଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି।

# ନିଲାମ ହେଲା ଅର୍ପଣ ଚାଉଳ

## ଶ୍ରୀମନ୍ଦିର ପାଣ୍ଠିକୁ ଯିବ ଅର୍ଥ



**ପୁରୀ, ୪ ।୧୦ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସଂଗୃହିତ ଅର୍ପଣ ଚାଉଳ ନିଲାମ କରାଯାଇଛି। କ୍ୱିଣ୍ଟାଲ ପିଛା ୨୭୮୦ ଟଙ୍କାରେ ନିଲାମ କରାହୋଇଛି। ନିଲାମ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ମୋଟ ୧୦ ହଜାର ୩୨୨ କୁଇଣ୍ଟାଲ ଅର୍ପଣ ଚାଉଳ ନିଲାମ ହୋଇ ୨ କୋଟି ୮୬ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି। ଏହି ଅର୍ଥ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ ଓ ଏହା ଶ୍ରୀ ମନ୍ଦିର ପାଣ୍ଠିରେ ରଖାଯିବ ବୋଲି ପୁରୀ ଜିଲାପାଳ କହିଛନ୍ତି।

ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସଂଗ୍ରହ କରାଯାଇଥିଲା। ଏହି ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ଚାରି ଦ୍ୱାରରେ ବଣ୍ଟନ କରାଯାଇଥିଲା।କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଏହା ବନ୍ଦ ହୋଇଯାଇଥିଲା। ନୂଆ ସରକାର ଆସିବା ପରେ ଅର୍ପଣ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତି ଓ ଭକ୍ତଙ୍କୁ ବଣ୍ଟନ ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିଲା। ଚାଉଳ ଧୀରେ ଧୀରେ ଖରାପ ହେବାରେ ଲାଗିବାରୁ ଏହାକୁ ନିଲାମ କରି ସଂଗୃହିତ ଅର୍ଥ ଶ୍ରୀମନ୍ଦିର ପାଣ୍ଠିରେ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ।

ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଅର୍ପଣ ଚାଉଳର ଆଗାମୀ କାର୍ଯ୍ୟପନ୍ଥା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ପରେ ଏହାର ନିଲାମ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଚାଉଳ ନିଲାମ ହୋଇଛି। ନିଲାମ ନେଇଥିବା ସଂସ୍ଥା ଅର୍ଥ ପ୍ରଦାନ କରିବା ପରେ ଚାଉଳ ଉଠାଇବା ପାଇଁ ଅନୁମତି ଦିଆଯିବ।

# କୁକୁଡା ମାଂସ, ଅଣ୍ଡା ଏବେ ସମ୍ପୂର୍ଣ୍ଣ ନିରାପଦ




**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ରାଜ୍ୟରୁ ବାର୍ଡ ଫ୍ଲୁ ଭୟ ଦୂର ହୋଇଛି ଏବଂ ଲୋକମାନେ ପୂର୍ବଭଳି ବିନା ଭୟରେ କୁକୁଡା ମାଂସ ଓ ଅଣ୍ଡା ଖାଇବା ଆରମ୍ଭ କରିଛନ୍ତି । କୁକୁଡା ଚାଷ ପୂର୍ବସ୍ଥିତିକୁ ଫେରିଛି। ଲୋକଙ୍କ ମନରୁ ବାର୍ଡ ଫ୍ଲୁର ଭୟ ଦୂର ପାଇଁ ସହଯୋଗ କରିଥିବାରୁ ରାଜ୍ୟ ସରିକାରଙ୍କ ପ୍ରାଣି ସମ୍ପଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମେତ ସ୍ୱତନ୍ତ୍ର ଭାବେ ଗଣମାଧ୍ୟମକୁ ଧନ୍ୟବାଦ ଦେଇଛି ରାଜ୍ୟ କୁକୁଡା ଚାଷୀ ମହାସଂଘ ।

ମହାସଂଘ ପକ୍ଷରୁ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ରାଜ୍ୟର ଦୁଇଟି ଜିଲ୍ଲା ପୁରୀ ଓ କେନ୍ଦ୍ରାପଡାର ହାତ ଗଣତି କୋଟୋଟି ସ୍ଥାନରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା। ରାଜ୍ୟ ସରକାର ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ନିୟନ୍ତ୍ରଣ କରିବାରୁ ଏହା ଅନ୍ୟ ସ୍ଥାନକୁ ବ୍ୟାପିପାରିନଥିଲା। ଅନ୍ୟ ଅଞ୍ଚଳର କୁକୁଡା ମାଂସ ଓ ଅଣ୍ଡା ସମ୍ପୂର୍ଣ୍ଣ ନିରାପଦ ଥିଲା । ତେବେ ଲୋକେ ବାର୍ଡ ଫ୍ଲୁ ଭୟରେ ସେଗୁଡିକୁ ମଧ୍ୟ ଖାଇନଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ୪୦ହଜାର କୁକୁଡା ଫାର୍ମ ଥିବାବେଳେ ଏଥିରେ ପ୍ରତ୍ୟକ୍ଷ ଓ ପରୋଧ ଭାବେ ୧୨ଲକ୍ଷ ଲୋକ ଜଡିତ । ଏହି ଶିଳ୍ପରେ ୧୦୦ କୋଟି ଟଙ୍କାର ବ୍ୟବସାୟ ହେଉଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ଅନେକ ଲୋକଙ୍କ ଜୀବନ ଜୀବିକା ଏହା ଉପରେ ନିର୍ଭରଶୀଳ । ତେଣୁ ଏଭଳି ଏକ ନିଯୁକ୍ତିଭିତ୍ତିକ ଶିଳ୍ପକୁ ସହାୟତା କରିଥିବାରୁ ମହାସଂଘ ପକ୍ଷରୁ ଧନ୍ୟବାଦ ଦିଆଯିବା ସହିତ ଆଗାମୀ ଦିନରେ ସହଯୋଗ ଜାରି ରଖିବାକୁ କୁହାଯା।ଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମହାସଂଘ ପକ୍ଷରୁ ଜ୍ୟୋତିକାନ୍ତ ମହାପାତ୍ର, ଡକ୍ଟର ହରମୋହନ ଦାସ, ଏଲ ସରୋଜ ପାତ୍ର, ପ୍ରବୋଧ କୁମାର ସାହାଣୀ, ପ୍ରକାଶ କୁମାର ନାୟକ ପ୍ରମୁଖ ସାମ୍ବାଦିକମାନଙ୍କୁ ରାଜ୍ୟରେ କୁକୁଡା ଚାଷର ସ୍ଥିତି ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

# ମହାନଦୀରେ ପୁଣି ବୁଡ଼ିଗଲେ ୨ ଛାତ୍ର

## ଜଣେ ମୃତ, ଆଉଜଣେ ନିଖୋଜ




**କଟକ, ୪ ।୧୦ (ସଂଚାର ବ୍ୟୁରୋ):** ଜଗତପୁର ବାଲିସାହି ନିକଟରେ ମହାନଦୀରେ ଆଜି ଦୁଇ ଜଣ ଛାତ୍ର ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ଛାତ୍ରଙ୍କ ନାଁ ଆର୍ଯ୍ୟନ ନାୟକ। ସେ ରାଜକିଶୋର ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସେହିପରି ନିଖୋଜ ଛାତ୍ରଙ୍କ ନାଁ ମନୋରଞ୍ଜନ ବେହେରା। ସେ ମଧ୍ୟ ରାଜକିଶୋର ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀର ଛାତ୍ର। ଆର୍ଯ୍ୟନ ନାୟକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମନୋରଞ୍ଜନ ବେହେରାଙ୍କର ପତ୍ତା ମିଳି ନାହିଁ। ଅଗ୍ନିଶମ ବାହିନୀ ତାଙ୍କୁ ଖୋଜାଖୋଜି କରୁଛି। ଆଜି ପରୀକ୍ଷା ଥିଲା। ଆର୍ଯ୍ୟନ ଓ ମନୋରଞ୍ଜନଙ୍କ ସମେତ ତାଙ୍କ ଶ୍ରେଣୀର ୧୧ ଜଣ ଛାତ୍ର ପରୀକ୍ଷା ପରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଆର୍ଯ୍ୟନ ଓ ମନୋରଞ୍ଜନ ବୁଡ଼ି ଯାଇଥିଲେ। ଅନ୍ୟ ଛାତ୍ରମାନେ ଏ ସଂପର୍କରେ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ଘଟଣା ସଂପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହା ସହିତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।

# ଥାନା ପଛପଟେ ନିଶା ବେପାର

- ହାତ ବାନ୍ଧି ବସିଛି ପୁଲିସ୍
- କବାଟିଆଙ୍କ କବ୍‌ଜାରେ ରାସ୍ତା
- ପାଟ୍ରୋଲିଂ କରିବାକୁ ଡରୁଛି ପୁଲିସ୍




**ଭୁବନେଶ୍ୱର, ୪ ।୧୦ (ସଂଚାର ବ୍ୟୁରୋ):** ଦିନ ହେଉ କି ରାତି, ବେଧଡ଼କ ଚାଲିଛି ନିଶା ବେପାର। ତା'ପୁଣି ଖୁଲମଖୋଲା। ନା'ଅଛି ପୁଲିସ୍ର ଭୟ ନା କାହକୁ ଡର। ଯାହା ଇଚ୍ଛା ସେଇୟା କରୁଛନ୍ତି। ତାହା ନୁହେଁ କି ପୁଲିସ୍ କିଛି ଜଣିଛି...। ସବୁ ଜାଣି ଭୟରେ ପୁଲିସ୍, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡରୁଛି। ଆମେ କହୁଛେ ଖାରବେଳନଗର ଥାନା ପଛରେ ଥିବା ମାଳିସାହି ଅଞ୍ଚଳ କଥା। ଏହି ଅଞ୍ଚଳ ନିଶା ବେପାରୀଙ୍କ ହବ୍ ପଲଟିଛି। ଏଠାରୁ ସହରର ଗଳିକନ୍ଦିକୁ ନିଶା ଚାଲଣ ହେଥିବା ଜଣେ ନିଶା ବେପାରୀ ଠାରୁ ପୁଲିସ୍ ଖବର ପାଇଛି।

ଖାରବେଳନଗର ଥାନା ପଛରେ ରହିଛି ମାଳିସାହି, ରିଫିୟୁଜି କଲୋନୀ (ମସଜିଦ୍ କଲୋନୀ), ଏଫ୍‌ସିଆଇ କଲୋନୀ ଓ ମାଲଗୋଦାମ କଲୋନୀ। ଏ ସବୁ ବସ୍ତିର ଅଧିକାଂଶ ଲୋକ କବାଟି ବେପାର କରନ୍ତି। ହେଲେ ରିଫିୟୁଜି କଲୋନୀ ଅଧିକାଂଶ ଯୁବକ ନିଶା ବେପାରକୁ ନିଜର ପେସା କରି ରହିଛନ୍ତି। ଏହି ନିଶା ବେପାରୀମାନଙ୍କ ମଧ୍ୟରେ କିଛି କବାଟି ବାଲା ଅଛନ୍ତି। ଏମାନେ ରେଲବେ ଷ୍ଟେନସରୁ ପ୍ରେସ୍ କଲୋନୀକୁ ଯାଉଥିବା ମାଳିସାହିର ତଳିରାସ୍ତାରେ ଥିବା ସମସ୍ୟାକୁ ମୁଖ୍ୟ ଅସ୍ତ୍ର କରିଛନ୍ତି। ତଳିରାସ୍ତାର ଦୁଇ ପାର୍ଶ୍ୱରେ ଏତେ କବାଡି ଜିନିଷ ରଖିଛନ୍ତି ଯେ ଯଦି ପୁଲିସ୍ ପିସିଆର ଭ୍ୟାନ୍ ନେଇ ପାଟ୍ରୋଲିଂ ଯାଏ ଫସିବା ଥୟ। ସେଥିପାଇଁ ପୁଲିସ୍ ବିନା ପସିଆର ଭ୍ୟାନ୍‌ରେ ବାଇକ୍ ନେଇ ଉପର ଠାଉରିଆ ପାଟ୍ରୋଲିଂ କରି ପଳାଇ ଆସୁଛି। ଯଦିବା ଅଧିକ ସମୟ ରହୁଛି ଲୁଚିଛପି ପଥର ମାଡ କରୁଛନ୍ତି ନିଶା ବେପାରୀମାନେ। ବାଂଲାଦେଶରୁ ଆସି ସେଠାରେ ରହୁଥିବା ନିଶା ବେପାରୀମାନେ ନିଜକୁ ପଶ୍ଚିମବଙ୍ଗର ବାସିନ୍ଦା କରୁଛନ୍ତି। ପଶ୍ଚିମବଙ୍ଗରୁ ବ୍ରାଉନ୍ ସୁଗର ଆଣି ରିଫିୟୁଜି କଲୋନୀରେ ରଖୁଛନ୍ତି। ତା'ପରେ ସହରର ଗଳି କନ୍ଦିରେ ଥିବା ଖୁଚୁରା ବେପାରୀଙ୍କୁ ଡେଲିଭରୀ ଦେଉଛନ୍ତି। ରିଫିୟୁଜି କଲୋନୀରେ ଭିତରେ ଏମିତି ଗଳି କନ୍ଦି ରହିଛି ଯାହା ଭିତ ଯଦି କେହି ଅଜଣା ଲୋକ ପଶିବ ବାହାରିବାକୁ ବାଟ ପାଇ ବି ନାହିଁ। ଏମିତି ଢଙ୍ଗରେ ଲୁଚାଇ ରଖୁଛନ୍ତି ଯାହାକୁ ପୁଲିସ୍ ଖୋଜି ପାଇବା ଏତେ ସହଜ ନୁହଁ ସ୍ପେଶାଲ୍ ଡ୍ରାଇଭରେ ଗତ ଦୁଇ ମାସ ଭିତରେ କମିଶନରେଟ୍ ପୁଲିସ୍ ୫୦ରୁ ଅଧିକ ଖୁଚୁରା ବ୍ରାଉନ୍ ସୁଗର ବେପାରୀଙ୍କ ଗିରଫ କରି ଜେଲ୍ ପଠାଇଥିଲା। ଜଟଣୀ ପୁଲିସ୍ ଗିରଫ କରିଥିବା ବ୍ରାଉନ୍ ସୁଗର ବେପାରୀଙ୍କୁ ଛାଡିଲେ ବାକି ସମସ୍ତଙ୍କର ଲିଙ୍କ ରିଫିୟୁଜି କଲୋନୀରେ ଲୁଚିଥିବା ନିଶା ମାଫିଆଙ୍କ ସହ ଥିବା ପୁଲିସ୍ ଜାଣିବାକୁ ପାଇଛି।

ଖାଲି ନିଶା ବେପାର ନୁହେଁ କିଛି କିଛି ବବାଡି ବାଲା ଅଛନ୍ତି ଯେଉମାନେ ଚୋରା ବାଇକ୍କୁ ଗ୍ୟାସ୍ କଟରରେ କାଟି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କଟକ ଜଗତପୁରରେ ହୋଇଥିବା ଦୁଇଟି ବାଇକ୍ ଚୋରି ଘଟଣରାରେ ସ୍ପେଶାଲ୍ ସ୍କ୍ୱାର୍ଡ ଏସିପି,ଖାରବେଳ ନଗର ଥାନା ଆଇଆଇସି ଗତ କିଛି ଦିନ ତଳେ ଏହି ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ହେଲେ ଗାଡି ଏତେ ଡୁକୁଟା କରିଥିଲେ ଯେ ତାକୁ ପାଇବା କାଠିକର ପାଠ ହୋଇଥିଲା।

ଖାଲି ବାଇକ୍ ନୁହେଁ କାର ଭଳି ଏମାନେ ଗ୍ୟାସ୍ କଟରରେ କାଟି ରାଜ୍ୟ ବାହାରକୁ ପଠାଉଛନ୍ତି। ଏହି ର୍ୟାକେଟ୍ ପଛରେ ଅଧିକାଂଶ ବଂଲାଦେଶୀ ଥିବା ପୁଲିସ୍ ଜାଣିବକୁ ପାଇଛି। ଏମାନେ ଏକ ଅଳିଆ ପାହଡ ଠିଆ କରିଛନ୍ତି। ସେ ପାହଡ ସବୁ ଦିନ ଜଳୁଛି। ଭୁବନେଶ୍ୱରକୁ ବିଭିନ୍ନ କୋଣ ଅନୁକୋଣରୁ, ତାର, ଟାୟାର ଓ ଅନ୍ୟ ସାମଗ୍ରୀ ଚୋରି କରି ତାକୁ ସେ ଅଳିଆ ପହାଡ ଉପରେ ଜାଳି ସେଥିରୁ ଲୁହା ବାହାର କରି ବିକ୍ରି କରୁଛନ୍ତି। କବାଟିଆଙ୍କ ୧୦ରୁ ଅଧିକ ପରିବାର ଘରକୁ ବାହାରି ପାରୁନାହାନ୍ତି। କାରଣ ସେମାନଙ୍କ ଘର ଆଗରେ ଏମାନେ କୁଡ କୁଡ ଅଳିଆ ଗଦା କରୁଛନ୍ତି। ଖାଲି ସେତିକି ନୁହେଁ ଏହି କବାଡିଆମାନେ ବିଏସ୍ସିର ରାତ୍ରି ଆଶ୍ରୟସ୍ଥଳୀ ଓ ସୁଲଭ ଶୌଚାଳୟକୁ ମଧ୍ୟ ନିଜ ଅକ୍ତିଆରରେ ରଖିଛନ୍ତି। ଯଦି କୌଣସି ସାଧାରଣ ଲୋକ ରାତ୍ରି ଆଶ୍ରୟସ୍ଥଳୀକୁ ଯାଉଛନ୍ତି ତାଙ୍କୁ ମାଡ ମାରିମା ସହ ଲୁଟ୍ ପାଟ୍ ମଧ୍ୟ କରୁଛନ୍ତି। ଫଳରେ କୌଣସି ଲୋକ ସେଠାକୁ ଯାଉନି।

ଏହି ଚୋର ଲୁଟେରାଙ୍କ ଆତଙ୍କ ଏତେ ପରିମାଣରେ ବିଲା ଯେ, ସେଠାରେ ରହୁଥିବା ଏନ୍‌ଏସସି କୋଲାନୀ, ଏନ୍‌ଏସି ଫ୍ଲାଟ୍ ଓ ପ୍ରେସ୍ କଲୋନୀ ଲୋକେ ତ୍ରାହି ତ୍ରାହି ଡାକିଲେ। ପୁଲିସ୍ କୌଣସି ପ୍ରକାର ସହଯୋଗ କଲା ନାହିଁ। ଫଳରେ ଏ ସବୁ କଲୋନୀ ଲୋକେ ନିଜ ସୁରକ୍ଷା ନିଜେ କଲେ। କଲୋନୀର ଶେଷ ମୁଣ୍ଡରେ ପାଚେରି ଠିଆ କରି ଦେଲେ। ତଥାପି ଚୋର ଲୁଟେରା ପାଚେରି ଡେଇଁ କଲୋନୀ ଭିତରେ ପଶିଛନ୍ତି। ଏହି ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲ୍। ଯଦି ରାତିରେ କିଏ ହସ୍ପିଟାଲକୁ ଗଲା ତା'ହେଲେ ଚୋରଙ୍କ ହାବୁଡରେ ପଡିବା ଥୟ। ରାତି ହେଲେ ପୁଲିସ୍ ମଧ୍ୟ ସେ ଅଞ୍ଚଳ ଦେଇ ଯିବାକୁ ଭୟ କରୁଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର